ବର୍ଷ-୨୫, ସଂଖ୍ୟା-୧୭୯
ଭୁବନେଶ୍ୱର
୦୫, ଜୁଲାଇ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 179
Bhubaneswar
05, July, 2025 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ସିରାଜଙ୍କ ଘାତକ ବୋଲିଂ

## ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା | ପୁରୀ ହେବ ମହାନଗର ନିଗମ

**ଭୁବନେଶ୍ୱର,୪।୭(ମହାଭାରତ):** ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବଡ଼ ଘୋଷଣା କରିଛନ୍ତି। ଆଧ୍ୟାତ୍ମିକ ସହର ପୁରୀକୁ ମହାନଗର ନିଗମରେ ପରିଣତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ, ପୁରୀ ସହରକୁ ପ୍ରତିଦିନ ଲକ୍ଷଲକ୍ଷ ଭକ୍ତମାନଙ୍କର ଆଗମନ ଓ ଏଠାକାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ପୁରୀରେ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ, ପାଠାଗାର ଓ ଗବେଷଣା କେନ୍ଦ୍ର ହେବ ମଧ୍ୟ ପ୍ରତିଷ୍ଠା କରାଯିବ।

ରାଜ୍ୟ ସରକାର ମହାନଗର ନିଗମ ସଂଖ୍ୟା ୫ ରୁ ୬କୁ ବୃଦ୍ଧି କରିଛନ୍ତି। ବର୍ତ୍ତମାନ ପାଇଁ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାରେ ମହାନଗର ଶାସନ ବ୍ୟବସ୍ଥା ଥିବା ବେଳେ ପୁରୀ ସହରକୁ ଏହି ତାଲିକାରେ ଯୋଡ଼ାଯାଇଛି। ପୁରୀ ସହର ଏହି ତାଲିକାରେ ଯୋଡ଼ି ହୋଇଯିବା ପରେ ଏହାର ଆକାର ବୃଦ୍ଧି ପାଇବ। ଏଠାକାର ଜନତା ଏବଂ ପର୍ଯ୍ୟଟକମାନେ ଆହୁରି ଅନେକ ସୁବିଧା ପାଇପାରିବେ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ପୁରୀ ଆଉ ପୌରାଞ୍ଚଳରେ ସୀମିତ ରହିବ ନାହିଁ। ଏହାର କଳେବର ବୃଦ୍ଧି ପାଇବ। ଶ୍ରୀ ଜଗନ୍ନାଥ ସଂସ୍କୃତି, କିମ୍ବଦନ୍ତୀ ଓ ଇତିହାସର ପ୍ରଚାର ପ୍ରସାର ହେବ। ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦିଆଯିବ। ନାଗରିକମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବା ସାଙ୍ଗକୁ, ବହୁବିଧ ସେବା, ପର୍ଯ୍ୟଟକଙ୍କ ଚର୍ଚ୍ଚା ଦ୍ୱାରା ଏକ ବିରାଟ ସକାରାତ୍ମକ ପରିବର୍ତ୍ତନ ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏବେ ପବିତ୍ର ପୁରୀ ସହରରେ ମହାପ୍ରଭୁଙ୍କ ଘୋଷଯାତ୍ରା ଜାରି ରହିଛି। ବାହୁଡ଼ା ଯାତ୍ରା ପାଇଁ ମହାପ୍ରଭୁ ଆଜ୍ଞା ଦେଇସାରିଛନ୍ତି। ଏହି ଯାତ୍ରାକୁ ସୁଚାରୁ ରୂପେ ଏବଂ ସୁରକ୍ଷିତ ଢଙ୍ଗରେ ସଂପୂର୍ଣ୍ଣ କରିବା ପାଇଁ ଠାକୁରଙ୍କ ନିର୍ଦ୍ଦେଶରେ ସମସ୍ତେ ନିଜ ନିଜ ସେବା ପ୍ରଦାନ କରୁଛନ୍ତି। ପୁରୀ ଜଗନ୍ନାଥ ଧାମ ସାରା ଭାରତର ସବୁ ଧର୍ମସ୍ଥଳୀ ଠାରୁ ଅନନ୍ୟ। ଏଠାରେ ଭକ୍ତ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ଏକାକାର ହୋଇ ଯାଆନ୍ତି। ନବଦିନ ବ୍ୟାପ୍ତ ଏହି ପବିତ୍ର ଯାତ୍ରା ସମୟରେ



ବଡଦାଣ୍ଡରେ ଚାଲୁଥିବା ସବୁ ଭକ୍ତ ଜଣେ ଜଣେ ଦାସିଆ। ମୁଁ ବି ଏହି ଅସଂଖ୍ୟ ଜଗନ୍ନାଥ ଭକ୍ତଙ୍କ ମଧ୍ୟରୁ ଜଣେ ସାଧାରଣ ଭକ୍ତ।

ରାଜ୍ୟର ମୁଖ୍ୟ ସେବକ ଭାବେ ରାଜ୍ୟବାସୀ ଯେଉଁ ଗୁରୁ ଦାୟିତ୍ୱ ମୋତେ ଅର୍ପଣ କରିଛନ୍ତି, ସେଥି ମଧ୍ୟରୁ, ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସହିତ ପୁରୀବାସୀଙ୍କୁ ଗୁଣାତ୍ମକ ମୌଳିକ ସୁବିଧା ପ୍ରଦାନ କରିବା। ମୁଁ ବ୍ୟକ୍ତିଗତ ଭାବେ ପୂର୍ବରୁ ଅନୁଭବ କରିଛି ଯେ କୌଣସି ନା କୌଣସି କାରଣରୁ ବର୍ତ୍ତମାନର ପୁରୀ ପୌରପାଳିକା ଉଭୟ ଭକ୍ତ ଏବଂ ସହରବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ସମର୍ଥ ହୋଇନାହିଁ।

ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସ୍ଥାନୀୟ ସ୍ୱାୟତ୍ତ ଶାସନ ପଦ୍ଧତିରେ ସଂସ୍କାର ଆଣିବାକୁ ପଡ଼ିବ। ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତଦାରଖ, ପୁନର୍ବିନ୍ୟାସ ଏବଂ ରକ୍ଷଣାବେକ୍ଷଣ କରିବା ପାଇଁ ନୂତନ ଢାଞ୍ଚାର ଆବଶ୍ୟକତା ରହିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ବର୍ଷସାରା ସହରକୁ ଆସୁଥିବା ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସୁବିଧା ଯୋଗାଇବା ପାଇଁ ଆମ ସରକାର ପୁରୀ ପୌରପାଳିକାକୁ ମହାନଗର ନିଗମରେ ପରିଣତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପୁରୀ ସହର ଏବଂ ଆଖପାଖ ଅବସ୍ଥିତ ଗ୍ରାମ ପଞ୍ଚାୟତକୁ ସାମିଲ କରି ପୁରୀ ମହାନଗର ନିଗମ ଗଠିତ ହେବ। ଏହା ଦ୍ୱାରା ପୁରୀ ସଦର ଏବଂ ବ୍ରହ୍ମଗିରି ବ୍ଲକର ପ୍ରାୟ ସାତରୁ ଆଠଗୋଟି ଗ୍ରାମ ପଞ୍ଚାୟତକୁ ସାମିଲ କରାଯିବ, ଯାହା ଫଳରେ ଏହି ପଞ୍ଚାୟତବାସୀ ସହର ପରି ସୁବିଧା ପାଇ ପାରିବେ। ଆସନ୍ତା କାଲି ଠାରୁ ଏହ ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟା ଆରମ୍ଭ କରାଯିବ।

ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳ ଭାବେ ଗଢି ତୋଳିବାକୁ ଆମ ସରକାର ବଦ୍ଧପରିକର। ଏଥିପାଇଁ ଅନେକ ନୂତନ ପ୍ରକଳ୍ପର ନିର୍ମାଣ ଏବଂ ରକ୍ଷଣା ବେକ୍ଷଣର ଅବଶ୍ୟକତା ରହିଛି। ୨୦୩୬ ସୁଦ୍ଧା ପୁରୀକୁ ଦେଶର ଏକ ମୁଖ୍ୟ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।ଏକ ସୁନ୍ଦର, ସବୁଜ, ବିକଶିତ ପୁରୀ ସହର ବିନା ସମୃଦ୍ଧ ଓଡିଶାର ପରିକଳ୍ପନା ଅସମ୍ଭବ ଆଜିର ଏହି ଘୋଷଣା ସରକାରଙ୍କ ଏହି ଭିଜନର ଏକ ଅଂଶ ବିଶେଷ।

## ପୁରୀରେ ବିଶ୍ୱସ୍ତରୀୟ ଶ୍ରୀ ଜଗନ୍ନାଥ ମ୍ୟୁଜିୟମ

**ଭୁବନେଶ୍ୱର,୪।୭(ମହାଭରତ):** ପୁରୀ ସହରରେ ପ୍ରତିଷ୍ଠା ହେବ ବିଶ୍ୱସ୍ତରୀୟ ଶ୍ରୀ ଜଗନ୍ନାଥ ମ୍ୟୁଜିୟମ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ପୁରୀ ଠାରେ ଏକ ବିଶ୍ୱସ୍ତରୀୟ ଶ୍ରୀ ଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରୀ ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତିନେଇଛନ୍ତି। ଗୋଟିଏ ପରିସରରେ ଏହା ନିର୍ମିତ ହେବ। ଶ୍ରୀଜଗନ୍ନାଥ ସଂଗ୍ରହାଳୟରେ ଜଗନ୍ନାଥ ସଂସ୍କୃତି ଓ ଇତିହାସ ଯେପରିକି ଏହାର ପୌରାଣିକ ମହତ୍ୱ, ନୀଳବଧବଙ୍କ ଠାରୁ ମନ୍ଦିର ନିର୍ମାଣର ଇତିହାସ, ବିଗ୍ରହ ପ୍ରତିଷ୍ଠା, କାଞ୍ଚି ବିଜୟ, ଯାନିଯାତ୍ରା, ମନ୍ଦିର ରୀତିନୀତି, ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଭାବାବେଗ ଇତ୍ୟାଦି ପ୍ରଦର୍ଶିତ ହେବ। ଏହି ସବୁ ଘଟଣାବଳୀକୁ ବିଭିନ୍ନ ଚିତ୍ରକଳା,ମିନିଏଚର ପ୍ରତିମୂର୍ତ୍ତି, ପଟ୍ଟଚିତ୍ର ଇତ୍ୟାଦି ମଧ୍ୟମରେ ପ୍ରଦର୍ଶିତ କରାଯାଇପାରିବ।

ସେହିପରି ଏହି ପରିସରରେ ଏକ ପୁସ୍ତକାଗାର ଏବଂ ଜଗନ୍ନାଥ ସଂସ୍କୃତି ଗବେଷଣା କେନ୍ଦ୍ର ସ୍ଥାପିତ କରାଯିବ। ଏହି



ପୁସ୍ତକାଗାରରେ ଜଗନ୍ନାଥ ସଂସ୍କୃତି ସହିତ ଓଡିଆ ସଂସ୍କୃତି ଓ ପରମ୍ପରା ସମ୍ବନ୍ଧୀୟ ପୁସ୍ତକ ବି ରହିବ। ଏହି ପୁସ୍ତକାଗାରରେ ଇ-ଲାଇବ୍ରେରୀର ସୁବିଧା ପ୍ରଦାନ କରାଯିବ ଏବଂ ପାଠକମାନେ ଇ-ଲାଇବ୍ରେରୀ ମଧ୍ୟମରେ ସବୁ ପ୍ରକାର ପଠନ ସାମଗ୍ରୀ ପାଇ ପାରିବେ। ଜଗନ୍ନାଥ ସଂସ୍କୃତି ଏବଂ ସାହିତ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ଏହା ନିଶ୍ଚିତ ଭାବେ ସାହାଯ୍ୟ କରିବ।

ଏଥି ସହିତ ଏହି ପରିସରରେ ପ୍ରାୟ ୩୦୦ ଆସନ ବିଶିଷ୍ଟ ଏକ ପ୍ରେକ୍ଷାଳୟ (ଅଡିଟରିଅମ) ନିର୍ମାଣ କରାଯିବ। ଏହି ଅଡିଟରିଅମରେ ପ୍ରତି ଦିନ ଲାଇଟ ଓ ସାଉଣ୍ଡ ଶୋ ପ୍ରସ୍ତୁତ କରାଯିବ। ଜଗନ୍ନାଥ ମନ୍ଦିର ଏବଂ ଠାକୁରଙ୍କୁ ନେଇ ଅନେକ କାହାଣୀ, ଅନେକ ପ୍ରସଙ୍ଗ ରହିଛି। ଏହି ସବୁ ପ୍ରସଙ୍ଗକୁ ବିଭିନ୍ନ ଅଧ୍ୟାୟରେ ବିଭାଜନ କରି ଗୋଟିଏ ଗୋଟିଏ ଅଧ୍ୟାୟ (ଏପିସଡ) ପ୍ରସ୍ତୁତ କରି ବିଭିନ୍ନ ଭାଷା ଯେପରିକି ଓଡିଆ, ହିନ୍ଦୀ, ଇଂରେଜୀ ଏବଂ ବଙ୍ଗାଳୀ ଭାଷାରେ ପ୍ରସ୍ତୁତ କରାଯାଇ ପ୍ରଦର୍ଶିତ କରାଯିବ। ତା' ଛଡା ଏହି ପରିସର ମଧ୍ୟରେ ଏକ ମୁକ୍ତାକାଶ ରଙ୍ଗମଞ୍ଚବି ନିର୍ମିତ ହେବ ଯେଉଁଠି ରାଜ୍ୟର କଳାକାର ଏବଂ ସାଂସ୍କୃତିକ ଅନୁଷ୍ଠାନ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇପାରିବ। ଏହି ପ୍ରକଳ୍ପ ଜଗନ୍ନାଥ ସଂସ୍କୃତି, ପରମ୍ପରା ଏବଂ ସାହିତ୍ୟକୁ ସୁଦୃଢ ଏବଂ ପରିପୁଷ୍ଟ କରିବା ସହିତ ପୁରୀ ଜଗନ୍ନାଥ ଧାମକୁ ଆସୁଥିବା ହଜାର ହଜାର ପର୍ଯ୍ୟଟକଙ୍କ ପାଇଁ ଉତ୍କୃଷ୍ଟ ସମୟ ବିତାଇବା ପାଇଁ ସୁଯୋଗ ପ୍ରଦାନ କରିବ। ଏହା ପୁରୀକୁ ଦେଶର ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

## କୁମ୍ଭେମେଲୁ ଜଙ୍ଗଲରେ ମାଓ ଡମ୍ପ ଠାବ

ବାଲିଗୁଡା ୪।୭: କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ସଲାଗୁଡା ପଂଚାୟତର କୁମ୍ଭେମେଲୁ ଗାଁ ନିକଟସ୍ଥ ଜଙ୍ଗଲରେ ବଡ଼ ଧରଣର ହାମଲା ନେଇ ବ୍ଲୁ ପ୍ରିଣ୍ଟ ଚଳାଇଥିଲେ। ମାଓବାଦୀ କୁମ୍ଭେମେଲୁ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ନେଇ ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନା ଆଧାରରେ ବିଏସଏଫ ପକ୍ଷରୁ ହୋଇଥିଲା କମ୍ବିଂ ଅପେରସନ। କମ୍ବିଂ ଅପେରସନ ସମୟରେ କୁମ୍ଭେମେଲୁ ଜଙ୍ଗଲରେ ମାଓ ଡମ୍ପ ଠାବ କରିଥିଲେ ଯବାନ। ମାଓ ଡମ୍ପରୁ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ସାମଗ୍ରୀ ସମେତ ମାଓବାଦୀଙ୍କ ନିତ୍ୟ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ବିଏସଏଫ ପକ୍ଷରୁ କୁମ୍ଭେମେଲୁ ଜଙ୍ଗଲରୁ ଠାବ ହୋଇଥିବା ମାଓ ଡ଼ମ୍ପରୁ ଦୁଇଟି ରାଇଫଲ, ଜିଲଟିନ, ଡିଟୋନେଟର, ମାଓବ୍ୟାନର, ମେଡ଼ିସିନ, ମାଓ ବ୍ୟାନର ଛପାଇବା ପାଇଁ ଇଙ୍କ ସମେତ ବହୁ ସାମଗ୍ରୀ ଜବତ କରାଯାଇଛି।

## ମୋଦୀଙ୍କୁ ମିଳିବ ତ୍ରିନିଦାଦ ଏବଂ ଟୋବେଗୋର ସର୍ବୋଚ୍ଚ ସମ୍ମାନ

ନୂଆଦିଲ୍ଲୀ,୪।୭(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତ୍ରିନିଦାଦ ଏବଂ ଟୋବେଗୋ ସରକାର ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ଦ ଅର୍ଡର୍ ଅଫ୍ ଦ ରିପବ୍ଲିକ୍ ଅଫ୍ ତ୍ରିନିଦାଦ ଆଣ୍ଡ ଟୋବେଗୋ' ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏହି ଘୋଷଣା ସେଠାର ପ୍ରଧାନମନ୍ତ୍ରୀ କମଲା ପ୍ରସାଦ ବିସେସର ଭାରତୀୟ ପ୍ରବାସୀ ସମୁଦାୟ ମଧ୍ୟରେ ଆୟୋଜିତ ଏକ ବଡ଼ ସ୍ୱାଗତ ସମାରୋହରେ କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଐତିହାସିକ ଯାତ୍ରା ଓ ଉଭୟ ଦେଶ ମଧ୍ୟରେ ସମ୍ପର୍କ ଦୃଢ଼ କରିବାରେ ତାଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି।



ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଏହି ସମ୍ମାନ ପାଇଁ ତ୍ରିନିଦାଦ ଏବଂ ଟୋବେଗୋର ଜନତା ଓ ସରକାର ପ୍ରତି କୃତଜ୍ଞତା ବ୍ୟକ୍ତ କରିଛନ୍ତି। ସେ ଏହି ଘୋଷଣା କରିଥିଲେ ଯେ, ବର୍ତ୍ତମାନ ତ୍ରିନିଦାଦ ଏବଂ ଟୋବେଗୋରେ ବସବାସ କରୁଥିବା ଭାରତୀୟ ମୂଳର ଷଷ୍ଠ ପିଢିର ଲୋକମାନଙ୍କୁ ମଧ୍ୟ ଓସିଆଇ କାର୍ଡ ଜାରି କରାଯିବ। ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଉଦ୍ବୋଧନରେ ୧୮୦ ବର୍ଷ ପୂର୍ବେ ତ୍ରିନିଦାଦ ଏବଂ ଟୋବେଗୋକୁ ଆସିଥିବା ଭାରତୀୟ ମୂଳର ଲୋକମାନଙ୍କ ଅବଦାନକୁ ସ୍ମରଣ କରିଥିଲେ। ସେ କହିଛନ୍ତି ଯେ, ତାଙ୍କ ଏହି ଯାତ୍ରା ସେଇ ଐତିହାସିକ ବିରାସତକୁ ସମ୍ମାନ ଦେବାର ଏକ ସୁଯୋଗ। ସେ ଭାରତୀୟ ପ୍ରବାସୀମାନଙ୍କ ସାଂସ୍କୃତିକ ଜୀବନ୍ତତା ଓ ସେମାନଙ୍କର ସାମାଜିକ ଭୂମିକାକୁ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି 'ବସୁଧୈବ କୁଟୁମ୍ବକମ୍' ନୀତିର ଉଲ୍ଲେଖ କରି କହିଥିଲେ ଯେ, ତ୍ରିନିଦାଦ ଏବଂ ଟୋବେଗୋକୁ ଭାରତର ପକ୍ଷରୁ ସଦା ସହଯୋଗ ମିଳିତ ରହିବ।

## ଆକର୍ଷଣୀୟ ହେବ ସମ୍ବଲପୁର ସହର : ଧର୍ମେନ୍ଦ୍ର



ସମ୍ବଲପୁର,୪।୭(ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁରରେ ବିଭିନ୍ନ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଶୁଭାରମ୍ଭ ସହ ସମ୍ବଲପୁର ଆରଡ଼ିସି କାର୍ଯ୍ୟାଳୟ ପରିସରରେ ମହାନ ବିପ୍ଲବୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି।

ଶ୍ରୀ ପ୍ରଧାନ ଏହି ଗସ୍ତ କାଳରେ ପ୍ରଥମେ ସମ୍ବଲପୁରର କଣ୍ଟାପାଲି ଠାରେ ବରଗଡ଼ ପାର୍ଶ୍ୱ ଏବଂ ପରଢିଆପାଲୀ ଝାରସୁଗୁଡ଼ା ପାର୍ଶ୍ୱ ଐତିହ୍ୟ ସ୍ୱାଗତମ୍ ସମ୍ବଲପୁର୍ ରଣର ଉଦଘାଟନ କରିଥିଲେ। ସମ୍ବଲପୁର ଦୁର୍ଗାପାଲି ଛକରେ ବିଭିନ୍ନ ସୌନ୍ଦର୍ଯ୍ୟମୂଳକ ପ୍ରକଳ୍ପର ଲୋକାର୍ପଣ କରିଥିଲେ କେନ୍ଦ୍ରମନ୍ତ୍ର। ଏହି ଅବସରରେ ସେ କହିଥିଲେ ସ୍ଥାନୀୟ ଅଞ୍ଚଳର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଝଲକ ଥିବା ଲୋକାର୍ପିତ ସ୍ୱାଗତ ତୋରଣ ସହରକୁ ଯାଉଥିବା ପଥଚାରୀଙ୍କ ଶୋଭାବର୍ଦ୍ଧନ କରିବ ସମ୍ବଲପୁର ମହାନଗର ନିଗମକୁ ଅଧିକ ସୁନ୍ଦର କରିବାରେ ଏହି ପଦକ୍ଷେପ ପ୍ରଶଂସନୀୟ। ସମ୍ବଲପୁରକୁ ଏକ ଆକର୍ଷଣୀୟ ସହର କରିବା ପାଇଁ ସମସ୍ତେ ଉଦ୍ୟମ କରିବା ଉପରେ ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ।

ପରବର୍ତ୍ତୀ ସମୟରେ ଶ୍ରୀ ପ୍ରଧାନ ସମ୍ବଲପୁର ଆରଡ଼ିସି କାର୍ଯ୍ୟାଳୟକୁ ଯାଇ ସେଠାରେ ମହାନ ବିପ୍ଲବୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସମ୍ମିଳନୀ କକ୍ଷକୁ ସ୍ଵଭାବ କବି ଗଙ୍ଗାଧର ମେହେର କକ୍ଷରେ ନାମିତ ଏବଂ ଓଡ଼ିଶାର ବରପୁତ୍ରମାନଙ୍କର ପେନସିଲ୍ ଫଟୋଚିତ୍ର ଲୋକାର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ବୈଠକରେ କୁଦୋପାଲିରେ ଯୁଦ୍ଧ ସ୍ମାରକୀ ପ୍ରତିଷ୍ଠା, କୋଣାର୍କରେ ଲାଇଟ୍ ଆଣ୍ଡ ସାଉଣ୍ଡ୍ ସୋ ଓ ବାଖ୍ୟାନ କେନ୍ଦ୍ର ଭଳି ବ୍ୟବସ୍ଥା କରିବା ତଥା ଏକ କଳା ମହାବିଦ୍ୟାଳୟ ସ୍ଥାପନ କରିବା ଦିଗରେ ପ୍ରଶାସନିକ ଅଧିକାରୀମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିଥିଲେ। ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଅଇଁଠାପାଲି ଠାରେ ନବନିର୍ମିତ ସିଦ୍ଧି ବିନାୟକ ମନ୍ଦିରରେ ଦର୍ଶନ କରିଥିଲେ।

## ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ ଥଲାପତି ବିଜୟ

ଚେନ୍ନାଇ,୪।୭(ଏଜେନ୍ସି): ଅଭିନେତାରୁ ରାଜନେତା ପାଲଟିଥିବା ଥଲାପତି ବିଜୟ ତାମିଲନାଡୁ ନିର୍ବାଚନ ପାଇଁ ତାମିଲଗା ଭେଟ୍ରି କାଝାଗମ (ଟିଭିକେ)ର ମୁଖ୍ୟମନ୍ତ୍ରୀ ମୁହଁ ହେବେ। ତାଙ୍କ ଦଳ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ତେବେ ତାମିଲନାଡୁରେ ଦଳ ବିଜେପି ସହ ମେଣ୍ଟ କରିବନି। ଟିଭିକେ ଦଳର କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଗୃହୀତ ଏକ ସ୍ୱତନ୍ତ୍ର ପ୍ରସ୍ତାବ ପାସ କରିଛି। ଏଥିରେ ଏହାର ପ୍ରତିଷ୍ଠାତା ବିଜୟଙ୍କୁ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବରେ ନାମିତ କରାଯାଇଛି।

ବିଜୟ କହିଛନ୍ତି, ତାଙ୍କ ଦଳ ୨୦୨୬ ତାମିଲନାଡୁ ନିବାଚନ ପାଇଁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଡିଏମକେ ଏବଂ ଭାଜପା ସହିତ ମେଣ୍ଟ କରିବ ନାହିଁ। ଭାଜପା ତାମିଲନାଡୁରେ କେବେ ବି ଆଗକୁ ବଢିବ ନାହିଁ। ଆମେ ଡିଏମକେ କିମ୍ବା ଏଆଇଏଡିଏମକେ ପରି ନୁହେଁ ଯେ ରାଜନୈତିକ ଲାଭ ପାଇଁ ଭାଜପା ସହିତ ମେଣ୍ଟ କରିବୁ। କାରଣ ଆମେ ଟିଭିକେ। ସଂକଳ୍ପ ଅନୁଯାୟୀ, ଦଳ ଡିଏମକେ, ଏଆଇଏଡିଏମକେ ଏବଂ ବିଜେପିର ଶିବିରରେ ନଥିବା ଦଳଗୁଡ଼ିକର ମେଣ୍ଟର ନେତୃତ୍ୱ ନେବ।ଭାଜପାକୁ ଟାର୍ଗେଟ୍ କରି ବିଜୟ କହିଛନ୍ତି, କେନ୍ଦ୍ରର ଶାସକ ଦଳ ଶସ୍ତା ରାଜନୀତି ଏବଂ ରାଜନୈତିକ ଲାଭ ପାଇଁ ସାମ୍ପ୍ରଦାୟିକ ଆଧାରରେ ଲୋକଙ୍କୁ ବିଭାଜିତ କରିବାକୁ ଚେଷ୍ଟା କରୁଛି। ସେମାନଙ୍କର ଏହି କାର୍ଯ୍ୟ ଅନ୍ୟତ୍ର କାମ କରିପାରେ, କିନ୍ତୁ ତାମିଲନାଡୁରେ ନୁହେଁ ତାମିଲନାଡୁ ଏପରି ଏକ ଭୂମି ଯେଉଁଠାରେ ସାମାଜିକ ନ୍ୟାୟ, ସଦ୍ଭାବନା ଏବଂ ଭାଇଚାରା ଗଭୀର ଭାବରେ ଜଡିତ।

## ୮ରେ ବିଜେପି ରାଜ୍ୟ ସଭାପତି ନିର୍ବାଚନ

**ଭୁବନେଶ୍ୱର,୪।୭(ମହାଭାରତ):** ରାଷ୍ଟ୍ରୀୟ ନିର୍ବାଚନ ଅଧିକାରୀ ଡ.କେ.ଲକ୍ଷ୍ମଣଙ୍କ ନିର୍ଦ୍ଦେଶାନୁଯାୟୀ କିଛି ଅନିବାର୍ଯ୍ୟ କାରଣ ବଶତଃ ସ୍ଥଗିତ ଥିବା ରାଜ୍ୟ ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ପ୍ରକ୍ରିୟା ସମୟ ସାରଣୀ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ପ୍ରକ୍ରିୟା ଆସନ୍ତା ୬ ତାରିଖରୁ ଆରମ୍ଭ ହୋଇ ୮ ତାରିଖ ଦିନ ଶେଷ ହେବ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ରାଜ୍ୟ ସାଧାରଣ ସମ୍ପାଦକ ତଥା ରାଜ୍ୟ ସହ ନିର୍ବାଚନ ଅଧିକାରୀ ଡ. ଯତୀନ ମହାନ୍ତି କହିଛନ୍ତି ଯେ, ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ବିଜେପିର ସାଙ୍ଗଠନିକ ନିର୍ବାଚନ ପ୍ରତି ୩ ବର୍ଷରେ ଥରେ ଅନୁଷ୍ଠିତ ହୁଏ । ଏଥିରେ ଦଳର ବୁଥସ୍ତରରୁ ଆରମ୍ଭ କରି କେନ୍ଦ୍ରସ୍ତର ପର୍ଯ୍ୟନ୍ତ ନିର୍ବାଚନ କରାଯାଏ। ଏହି ପରିପ୍ରେକ୍ଷୀରେ ପୂର୍ବରୁ ବିଜେପିର ସ୍ଥାନୀୟ ସମିତି, ମଣ୍ଡଳ ସମିତି, ଜିଲ୍ଲା ସମିତି ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ଏବେ ରାଜ୍ୟ ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି।

ଆସନ୍ତା ୬ ତାରିଖ ପୂର୍ବାହ୍ନ ୧୧ଟାରେ ଅନ୍ତରୀଣ ମତଦାତାଙ୍କ ସୂଚୀ ପ୍ରକାଶ ପାଇବ। ମଧ୍ୟାହ୍ନ ୧୨ଟାରୁ ୨ଟା ସୁଦ୍ଧା ମତଦାତାଙ୍କ ସୂଚୀ ଉପରେ ବିଭିନ୍ନ ଆପତ୍ତି ଅଭିଯୋଗର ଯାଞ୍ଚ କରାଯିବା ପରେ ଅପରାହ୍ନ ୨ଟାରୁ ୫ଟା ମଧ୍ୟରେ ଚୂଡ଼ାନ୍ତ ମତଦାତାଙ୍କ ତାଲିକା ପ୍ରକାଶ ପାଇବ। ୭ ତାରିଖ ପୂର୍ବାହ୍ନ ୧୧ଟାରୁ ୨ଟା ସୁଦ୍ଧା ଉପରୋକ୍ତ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କରାଯିବ। ମଧ୍ୟାହ୍ନ ୨ଟାରୁ ୩ଟା ମଧ୍ୟରେ ନାମାଙ୍କନ ସମ୍ପର୍କିତ ଆପତ୍ତି ଅଭିଯୋଗର ଯାଞ୍ଚ କରାଯାଇ ୪ଟା ସୁଦ୍ଧା ଅନ୍ତିମ ସୂଚୀ ପ୍ରକାଶ କରାଯିବ ଏବଂ ଚିହ୍ନ ଆବଂଟନ କରାଯିବ। ଆବଶ୍ୟକ ହେଲେ ୮ ତାରିଖ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ମତଦାନ ହେବ ଏବଂ ୧୧ଟା ୩୦ ସୁଦ୍ଧା ଚୂଡ଼ାନ୍ତ ଫଳାଫଳ ଘୋଷଣା କରାଯିବ।



## ଆଜି ବାହୁଡ଼ା ଯାତ୍ରା

**ପୁରୀ,୪।୭(ମହାଭାରତ):** ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରିଥିବା ମହାପ୍ରଭୁଙ୍କ ଜନ୍ମବେଦିରେ ଶୁକ୍ରବାର ଶ୍ରଦ୍ଧାଳୁମାନେ ଶେଷ ଦର୍ଶନ କରିଛନ୍ତି। ଶ୍ରୀଜିଉମାନେ ଆସନ୍ତାକାଲି ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ଫେରିବେ। ଜନ୍ମବେଦୀରୁ ବାହାରି ଧାଡ଼ି ପହଣ୍ଡିରେ ଆସି ଶରଧାବାଲିରେ ପ୍ରସ୍ତୁତ ଥିବା ରଥ ଉପରେ ବିରାଜିବେ। ବଡ଼ଦାଣ୍ଡ ପୁଣି ଥରେ ଜନସମୁଦ୍ର ପାଲଟିବ। ଲକ୍ଷଲକ୍ଷ ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନୀରେ ବଡ଼ଦାଣ୍ଡ, ସୃଷ୍ଟି ହେବ ଆଧ୍ୟାତ୍ମିକ ପରିବେଶ, ବଡ଼ଦାଣ୍ଡରେ ଭକ୍ତ ଓ ଭଗବାନଙ୍କର ଅପୂର୍ବ ମିଳନ ହେବ।

ଏ ନେଇ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା କଡ଼ାକଡ଼ି କରାଯାଇଛି। ପୁଲିସ ଡି.ଜି. ଯୋଗେଶ ବାହାଦୂର ଖୁରାନିଆ ଆଜି ସକାଳେ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଂଚି ଭକ୍ତଙ୍କ ଶୃଙ୍ଖଳିତ ଆଡ଼ପ ଦର୍ଶନର ତଦାରଖ କରିଥିଲେ। କଡ଼ା ସୁରକ୍ଷା ବ୍ୟବସ୍ଥା ସହ ଆଇନଶୃଙ୍ଖଳା

### ସୁରକ୍ଷା କଡ଼ାକଡ଼ି

ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଏ ସମ୍ପର୍କରେ ବରିଷ୍ଠ ପୋଲିସ ଅଧିକାରୀ ମାନଙ୍କ ସହିତ ମଧ୍ୟ ସେ ଆଲୋଚନା କରିଛନ୍ତି। ବାହୁଡ଼ା ଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟଚୂଡ଼ାନ୍ତ ହୋଇଛି। ଶ୍ରୀଗୁଣ୍ଡିଚା ଯାତ୍ରା ଭଳି ବାହୁଡ଼ା ଯାତ୍ରା ପାଇଁ ମଧ୍ୟ ପୋଲିସ ପ୍ରଶାସନ ପକ୍ଷରୁ ସମାନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶନିବାର ଭୋର ୪ଟାରେ ମଙ୍ଗଳ ଆଳତୀ, ଭୋର ୪ଟା୧୫ରେ ମଇଲମ, ୪ଟା୩୦ରେ ତଡ଼ପ ଲାଗି, ରୋଷହୋମ, ୫ଟାରେ ଅବକାଶ, ୫ଟା୧୫ରେ ସୂର୍ଯ୍ୟପୂଜା, ୫ଟା୩୦ରେ ଦ୍ୱାରପାଳ ପୂଜା, ବେଶ ଶେଷ ହୋଇ ସକାଳ ୫ଟା୪୫ ରୁ ୬ଟା୪୫ ମଧ୍ୟରେ ଗୋପାଳ ବଲ୍ଲଭ ଓ ସକାଳ ଧୂପରେ କେବଳ ଖେଚୁଡ଼ି ଭୋଗ, ସକାଳ ୭ଟାରୁ ୧୧ଟା୩୦ ସେନାପଟା ଲାଗି ନୀତି ଚୂଡ଼ାନ୍ତ ହୋଇଛି। ସେହିପରି ୧୧ଟା୪୫ରେ ମଙ୍ଗଳାର୍ପଣ, ମଧ୍ୟାହ୍ନ ୧୨ଟାରୁ ୨ଟା୩୦ ମଧ୍ୟରେ ବାହୁଡ଼ା ପହଣ୍ଡି, ଅପରାହ୍ନ ୧ଟାରୁ ୨ଟା୩୦ ମଧ୍ୟରେ ବେଶ ଶେଷ, ଅପରାହ୍ନ ୨ଟା୩୦ରୁ ୩ଟା୩୦ ମଧ୍ୟରେ ଛେରାପହଁରା, ଅପରାହ୍ନ ୩ଟାରୁ ୪ଟା ମଧ୍ୟରେ ଚାରମାଳ ଫିଟା ଓ ଘୋଡ଼ା ଲାଗିବା ପରେ ୪ଟାରେ ରଥ ଟାଣିବା ପାଇଁ ନୀତି ନିର୍ଘଣ୍ଟ ହୋଇଛି।

## ସ୍ୱାଦିଷ୍ଟ ବାଉଁଶ ମାଛ



ଆବଶ୍ୟକ ସାମଗ୍ରୀ : ଚୁନା ମାଛ, କରଡ଼ି, ସୋରିଷ ବଟା, ଅଦା ବଟା, ରସୁଣ ବଟା, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ, ତେଲ ଓ ବାଉଁଶ ନଳୀ ।

ପ୍ରସ୍ତୁତି ପ୍ରଣାଳୀ : ପ୍ରଥମେ ମାଛରେ ହଳଦୀ ଗୁଣ୍ଡ, କରଡ଼ି, ଅଦା ବଟା, ରସୁଣ ବଟା, ସୋରିଷ ବଟା, ଲଙ୍କା ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ ଓ ତେଲ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ଏହାପରେ ବାଉଁଶ ନଳୀରେ ଭଲ ଭାବରେ ତେଲ ମାରି ସେଥିରେ ମସଲା ଗୋଳା ମାଛକୁ ପୂରାଇ ଦିଅନ୍ତୁ ଓ ଅଟା ଚକଟାରେ ତା'ର ମୁହଁ ବନ୍ଦ କରି ଦିଅନ୍ତୁ। ଏହାପରେ ଅଙ୍ଗାର ନିଆଁରେ ମାଛ ଭର୍ତ୍ତି ବାଉଁଶ ନଳୀକୁ ରଖି ଦିଅନ୍ତୁ । ଏହା ଉପରେ ବି ନିଆଁ ରଖିବେ । ପଚିଶ ତିରିଶ ମିନିଟ୍ ପରେ ବାଉଁଶ ନଳୀକୁ ନିଆଁରୁ ଆଣନ୍ତୁ ଓ ମୁହଁ ଖୋଲି ମାଛକୁ ପ୍ଲେଟ୍ରେ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କର ବାଉଁଶ ମାଛ । ଏବେ ଏହାକୁ ଗରମ ଗରମ ପରଷି ଦିଅନ୍ତୁ ।

····· ଖବର ······

# ଅଗଷ୍ଟରେ ଆସିବ 'ଆଶିକ୍ ଦିୱାନା'



ନୂଆ ଓଡ଼ିଆ ଛବି 'ଆଶିକ୍ ଦିୱାନା' ଅଗଷ୍ଟ ମାସରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ଏଥିରେ ଦୀପକ, ରୀୟା ଓ ପ୍ରିୟଙ୍କା ପାଣିଗ୍ରାହୀ ନାୟକନାୟିକା ଭୂମିକାରେ ଅଭିନୟ କରଛନ୍ତି ।'ରସିକ ନାଗର', 'ଧୀରେ ଧୀରେ ପ୍ରେମ ହେଲା', 'ହିରୋ-ଏକ ପ୍ରେମ କଥା', 'କ୍ରିମିନାଲ୍', 'ହରି ଓମ୍ ହରି', 'ଧର୍ମ- ଦି ଫାଇଟର୍', 'ଟାଇଗର୍', 'ତୁ ଥିଲେ ମୋ ଡର କାହାକୁ', 'ମେଣ୍ଟାଲ୍', 'ଦିଲ୍କା ରାଜା', 'ତୁ ମୋ ହିରୋ', 'ଲେଖିଛି ନାଆଁ ତୋର', 'ତୁ ମୋ ସୁନା ଚଢେଇ', 'ଓମ୍ ସ୍ୱାହା' ଓ 'ଲାଗେ ପ୍ରେମ ନଜର' ଆଦି ଓଡ଼ିଆ ଛବିର ନିର୍ଦ୍ଦେଶନା ଦେଇଥିବା ଏସ୍ ଦିଲୀପ ପଣ୍ଡା ଏହାର ନିର୍ଦ୍ଦେଶକ ।ଏହି ସିନେମା ଜରିଆରେ 'ତୁ ମୋ ଆଖିର ତାରା', 'ଦେ ମା ଶକ୍ତି ଦେ', 'ଦିୱାନା ଦିୱାନୀ', 'ତୁ ମୋ ଡ୍ରିମଗାର୍ଲ' ଓ 'ଆଶିକ୍' ସମେତ ଛଅଟି ଓଡ଼ିଆ ଛବିର ନିର୍ମାତା ପ୍ରମୋଦ ସ୍ୱାଇଁ ଓଲିଉଡ୍କୁ ଫେରିଛନ୍ତି । ଡକ୍ଟର ରଜନୀ ରଂଜନ ଏହାର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଥିବା ବେଳେ ଅଭିଜିତ ମଜୁମ୍‌ଦାର ଏହାର ସଙ୍ଗୀତକାର ।

## ଚୁଟି ଝଡୁଥିଲେ....



ସବୁଠାରୁ ବଡ଼ ସମସ୍ୟା ହେଉଛି କେଶ ଝଡ଼ିବା । ଯାହା ପ୍ରାୟ ସମସ୍ତଙ୍କର ଚିନ୍ତା । ତେଣୁ କେଶର ଯତ୍ନ ନେବା ନିହାତି ଜରୁରୀ । କାରଣ କେଶର ସଠିକ ଯତ୍ନ ନେଉଛନ୍ତି ତେବେ କେଶ ଭଲ ଭାବରେ ବଢିଥାଏ । ତେବେ ଆଜି ଆପଣଙ୍କୁ ୪ଟି ପ୍ରାକୃତିକ ଉପାୟ ବିଷୟରେ କହିବୁ । ଯାହାକୁ ଆପଣ କେଶରେ ଲଗାଇପାରିବେ ।

ନିମ୍ବ: କେଶର ସବୁଠାରୁ ବଡ଼ ସମସ୍ୟା ହେଉଛି ରୂପି ଏବଂ ମୁଣ୍ଡ କୁଣ୍ଡାଇହେବା । ଯଦି ଆପଣଙ୍କ ସହ ମଧ୍ୟ ଏପରି ହେଉଛି ତେବେ ନିମ୍ବ ପତ୍ର ବ୍ୟବହାର କରିପାରିବେ । ନିମ୍ବରେ ଆନାଲଜେସିକ ଏବଂ ଆଣ୍ଟିଇନଫ୍ଲାମେଟ୍ରି ଗୁଣ ଥାଏ । ଯାହା କେଶର ସମସ୍ତ ସମସ୍ୟା ଦୂର କରିଥାଏ । ତେଣୁ ନିମ୍ବ ପତ୍ରକୁ ବାଟି କେଶରେ ମାସ୍କ ପରି ଲଗାନ୍ତୁ ।

ଅଁଳା: ଅଁଳାରେ ଭିଟାମିନ ସି ଏବଂ ଆଣ୍ଟିଅକ୍ସିଡ଼େଣ୍ଟ ଥାଏ । ଯାହା କୋଲୋଜନ ପ୍ରଡ଼କ୍ସନ କରିବାରେ ସାହାର୍ଯ୍ୟ କରିଥାଏ । କୋଲୋଜନ କେଶ ବଢିବାରେ ସାହାର୍ଯ୍ୟ କରିଥାଏ । ଅଁଳା ପାଉଡ଼ରକୁ ପାଣିରେ ମିଶାଇ କେଶର ମୂଳରେ ଲଗାଇ ଅଧ ଘଣ୍ଟା ପର୍ଯ୍ୟନ୍ତ ଲଗାଇ ଅଧ ଘଣ୍ଟା ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ । ଏହା ପରେ ଥଣ୍ଡା ପାଣିରେ ଭଲ ଭାବରେ ଧୋଇଦିଅନ୍ତୁ ।

ମେଥି: ମେଥି ଏକ ପ୍ରାକୃତିକ କଣ୍ଡିସନର । ଏଥିରେ ଆଣ୍ଟିଫଙ୍ଗଲ ଏବଂ ଆଣ୍ଟିଅକ୍ସିଡ଼େଣ୍ଟ ଯାହା କେଶକୁ ବଢିବାରେ ସାହାର୍ଯ୍ୟ କରିଥାଏ । ମେଥି,ଅଁଳା,ଶିକାକାଇ ଏବଂ ମେହେନ୍ଦି ପେଷ୍ଟ ତିଆରି କରି କେଶ ମୂଳରେ ଭଲ ଭାବରେ ଲଗାନ୍ତୁ । ଅଧଘଣ୍ଟା ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ ।

## ଶରୀରର ପାଇଁ ଲାଭଦାୟକ ହୋଇଥାଏ ଗୋଲମରିଚ



ଗୋଲମରିଚରେ ଅନେକ ଉପକାରିତା ରହିଛି କିନ୍ତୁ ଖୁବ୍ କମ ଲୋକ ଏହା ବିଷୟରେ ଜାଣନ୍ତି । ଗୋଲମରିଚ ଯାହା ସର୍ବଦା ରୋଷେଇ ଘରେ ରହିଥାଏ । ତାହା କେବଳ ମସଲାରରେ ବ୍ୟବହାର କରାଯାଏ ନାହିଁ ବରଂ ଏଥିରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଥାଏ । ଯଦି ସକାଳେ ଖାଲି ପେଟରେ ଉଷୁମ ପାଣିରେ ଗୋଲମରିଚ ଖାଇଥାନ୍ତି, ତେବେ ଏହା ଆମ ଶରୀରକୁ ବହୁତ ଲାଭ ଦେଇଥାଏ । ତେବେ ଚାଲନ୍ତୁ ଜାଣିବା ଗୋଲ ମରିଚର ବିଭିନ୍ନ ଉପକାରିତା ବିଷୟରେ

କ୍ଷମତା ବଢାଇଥାଏ – ଉଷୁମ ପାଣି ସହିତ ଗୋଲମରିଚ ଖାଇବା ଦ୍ୱାରା ଶରୀରର କ୍ଷମତା ବଢିଥାଏ । ଶରୀରରେ ଜଳର ଅଭାବକୁ ନିୟନ୍ତ୍ରଣ କରିବା ସହିତ ଭିତରେ ଥିବା ଅମ୍ଳତା ସମସ୍ୟାକୁ ମଧ୍ୟ ସମାପ୍ତ କରିଥାଏ ।

ଚର୍ବି କମାଇଥାଏ – ଗୋଲମରିଚକୁ ଉଷୁମ ପାଣି ସହିତ ଖାଇବା ଦ୍ୱାରା ଶରୀରରେ ବଢୁଥିବା ଚର୍ବିକୁ ହ୍ରାସ କରିଥାଏ ।

କୋଷ୍ଠକାଠିନ୍ୟରୁ ମୁକ୍ତି ଦେଇଥାଏ – କୋଷ୍ଠକାଠିନ୍ୟ ରୋଗୀଙ୍କ ପାଇଁ ଗୋଲମରିଚ ଖାଇବା ଅତ୍ୟନ୍ତ ଲାଭଦାୟକ ।ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏକ କପ୍ ପାଣିରେ ଲେମ୍ବୁ ରସ, ଗୋଲମରିଚ ଗୁଣ୍ଡ ଏବଂ ଲୁଣ ମିଶାଇ ଏହାକୁ ପିଇବା ଦ୍ୱାରା କିଛି ଦିନ ମଧ୍ୟରେ ଗ୍ୟାସ୍ ଏବଂ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ ।

ଥଣ୍ଡାରୁ ମୁକ୍ତି ଦେଇଥାଏ – ଗରମ କ୍ଷୀରରେ ମିଶ୍ରିତ ଗୋଲମରିଚ ମିଶାଇ ପିଇବା ଦ୍ୱାରା ଥଣ୍ଡାରୁ ଆରାମ ଦେଇଥାଏ । ଏହା ବ୍ୟତୀତ, ବାରମ୍ବାର ଥଣ୍ଡା କିମ୍ବା କ୍ରମାଗତ ଭାବରେ ଛିଙ୍କ ଆସୁଥିଲେ, ତେବେ ପ୍ରତିଦିନ ଗୋଲ ମରିଚ ସଂଖ୍ୟାକୁ ଏକରୁ ପନ୍ଦର ପର୍ଯ୍ୟନ୍ତ ବୃଦ୍ଧି କରି ଖାଇବା ଆରମ୍ଭ କରନ୍ତୁ ଏବଂ ତା'ପରେ ପ୍ରତିଦିନ ପନ୍ଦରରୁ ଏକକୁ ହ୍ରାସ କରନ୍ତୁ । ଏହା କରିବା ଦ୍ୱାରା ଆପଣ ଥଣ୍ଡା ସମସ୍ୟାରୁ ମୁକ୍ତି ପାଇପାରିବେ ।

# ଘରେ ସୁଖ ସମୃଦ୍ଧି ନିମନ୍ତେ ଯୁଦ୍ଧିଷ୍ଠିରଙ୍କୁ ଏହି ଉପାୟ ଅବଲମ୍ବନ କରିବାକୁ କହିଥିଲେ ଶ୍ରୀକୃଷ୍ଣ



ଭଗବାନ ଶ୍ରୀକୃଷ୍ଣ ରଣଭୂମୀରେ ଅର୍ଜ୍ଜୁନଙ୍କୁ ଅସ୍ତ୍ର ଉଠାଇବାକୁ କେବଳ ପ୍ରେରିତ କରିନଥିଲେ । ଏହି ଛଳରେ ସେ ଯେଉଁ ଅମୂଲ୍ୟ ଉପଦେଶମାନେ ଦେଇଥିଲେ ଭଗବତ ଗୀତା ଭାବେ ଆଜି ବି ସମଗ୍ର ମନବ ସମାଜକୁ ଦିଗଦର୍ଶନ ଦେଇଆସୁଛି । ଜୀବନରେ ସୁଖ, ଦୁଃଖ, ବିପଦ ଆଦି ସମ୍ପର୍କରେ ଗୀତା ରୂପକ ମାଳାରେ ସେ ଶ୍ଳୋକର ଯେଉଁ ମୋତି ଗୁନ୍ଥିଥିଲେ ତାହା ପ୍ରତିଟି ମାନବର ପଥ ପ୍ରଦର୍ଶନ ନିମନ୍ତେ ଅର୍ପିତ ହୋଇଛି । ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଶ୍ଳୋକରେ ଯେଉଁ ସନ୍ଦେଶ ଦେଇଥିଲେ ତାକୁ ଧର୍ମରାଜ ଯୁଦ୍ଧିଷ୍ଠିର ଜୀବନର ସୂତ୍ରରେ ରୂପାନ୍ତରିତ କରିଥିଲେ । ଉତ୍ତମ ମାନର ଜୀବନଧାରଣ ନିମନ୍ତେ ଯୁଦ୍ଧିଷ୍ଠିରଙ୍କୁ ଗୃହରେ ସର୍ବଦା ୫ଟି ଜିନିଷ ସାଇତି ରଖିବାକୁ ପରାମର୍ଶ ଦେଇଥିଲେ ଶ୍ରୀକୃଷ୍ଣ ।ଯେଉଁଗୁଡିକ ଜୀବନକୁ ସୁଖୀ ଓ ସମୃଦ୍ଧ କରିବାକୁ ଯଥେଷ୍ଟ ।ଏଥିରେ ଭଗବାନ କୃଷ୍ଣ ଜଳକୁ ସର୍ବାଧିକ ମହତ୍ୱ ଦେଇଥିବା ବେଳେ ଚନ୍ଦନ, ଗୋ ଘୃତ, ମହୁ ଓ ବୀଣା ରଖିବାକୁ କହିଥିଲେ ।ଭଗବାନ ଶ୍ରୀକୃଷ୍ଣ ଯୁଦ୍ଧିଷ୍ଠିରଙ୍କୁ ତାଙ୍କ ରାଜ୍ୟରେ ସମୁଚିତ ଜଳର ବ୍ୟବସ୍ଥା କରିବାକୁ କହିଥିଲେ । ଯେପରି ରାଜ୍ୟର ପ୍ରଜା ଜଳ କଷ୍ଟ ଜନିତ ସମସ୍ୟାରେ ନ ପଡନ୍ତି । ବିଭିନ୍ନ ହିନ୍ଦୁ ଧର୍ମଗ୍ରନ୍ଥରେ ଜଳର ମହିମାମୟ ବର୍ଣ୍ଣନା ବି ମିଳେ । ଘରେ ଶୁଦ୍ଧ ଜଳର ଉପସ୍ଥିତି ପରିବେଶକୁ ସକାରାତ୍ମକ ରଖିଥାଏ । ଶ୍ରୀକୃଷ୍ଣ ଘରେ ଚନ୍ଦନ ରଖିବା ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ ।ଏଥିଲାଗି ତାଙ୍କୁ ସାପମାନଙ୍କର ଉଦାହରଣ ବି ଦେଇଥିଲେ । ଚନ୍ଦନ ଗଛରେ ସାପ ଗୁଡେଇ ହୋଇ ରହନ୍ତିୟ ହେଲେ ଚନ୍ଦନର ଗୁଣ ଉପରେ ସାପମାନଙ୍କ ବିଷ ତତ୍ୱ ନଥାଏ । ସେହିପରି ଘରେ ଉତ୍କୃଷ୍ଟ ଚନ୍ଦନର ଉପସ୍ଥିତି ଘରର ସମସ୍ତ ନକରାତ୍ମକତା ନାଶ କରି ଖରାପ ଶକ୍ତିଙ୍କ କବଳରୁ ଘରକୁ ରକ୍ଷା କରିଥାଏ ।ଗ୍ରାହ୍ୟସ୍ଥଙ୍କ ଘରେ ଗୋ ଘୃତ ରଖିବା ଅପରିହାର୍ଯ୍ୟ ବୋଲି ଯୁଦ୍ଧିଷ୍ଠିରଙ୍କୁ ଶ୍ରୀକୃଷ୍ଣ କହିଥିଲେୟ ଏମିତିରେ ଶ୍ରୀକୃଷ୍ଣଙ୍କ ବାଲ୍ୟ ଜୀବନ ଗୋ ଗୋଷ୍ଠରେ ବିତିଥିଲା ।ଗୋ ସେବାକୁ ମାନବର ପରମଧର୍ମ ବୋଲି ଶ୍ରୀକୃଷ୍ଣ ନିଜ ଉକ୍ତିରେ ବି କହିଛନ୍ତି । ଏଥିରେ ଗୋ ଘୃତର ଘରେ ଅବସ୍ଥାନ ସମସ୍ତ ନକରାତ୍ମକତାର ନାଶକୁ ବୁଝାଏ । ପୂଜା ସ୍ଥାନରେ ଗୋ ଘୃତର ଦୀପଟିଏ ପ୍ରଜ୍ୱଳନ ଘରର ସୁଖ ସମୃଦ୍ଧିକୁ ଆମନ୍ତ୍ରଣ କରିଥାଏ ।ସେହିପରି ମହୁକୁ ଅତ୍ୟନ୍ତ ପବିତ୍ର ପ୍ରାକୃତିକ ଖାଦ୍ୟ ପଦାର୍ଥ ବୋଲି କହିଛନ୍ତି ଶ୍ରୀକୃଷ୍ଣୟ ମହୁ ଯୋଗୁ ଗୃହର ବାତାବରଣ ବିଶୁଦ୍ଧ ରହିବା ସହ ସକରାତ୍ମକତା ସୃଷ୍ଟି ଲାଗି ଏଥିରେ ଅପୂର୍ବ ଶକ୍ତି ରହିଛି । ଏଣୁ ଘରେ ଘୃତ ଭଳି ମହୁକୁ ସ୍ଥାନ ଦେବା ସହ ଏହାର ନିତ୍ୟ ବ୍ୟବହାର ଉପରେ ବି ଗୁରୁତ୍ୱ ଦେଇଥିଲେ । ଏହା ଛଡା ବାଦ୍ୟ ଯନ୍ତ୍ର ବୀଣାର ଘରେ ଉପସ୍ଥିତିକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କହିଛନ୍ତି । ବୀଣା ବାଗଦେବୀ ସରସ୍ୱତୀଙ୍କ ପ୍ରୀୟ ବାଦ୍ୟୟ ଏଣୁ ବୀଣା ଥିବା ସ୍ଥାନକୁ ସରସ୍ୱତୀଙ୍କ ଆଗମନ ହୋଇଥାଏ । ଫଳରେ ଗୃହରେ ଭଗବତୀଙ୍କ ନିବାଶ ଯୋଗୁ ଲୋକଙ୍କ ବୁଦ୍ଧିର ବି ବିକାଶ ହୋଇଥାଏ । ଏଣୁ ଘରେ ବୀଣାଟିଏ ବି ରଖିବାକୁ ଯୁଦ୍ଧିଷ୍ଠିରଙ୍କୁ ପରାମର୍ଶ ଦେଇଥିଲେ ଶ୍ରୀକୃଷ୍ଣ ।

## ଭକ୍ତର ଶୁଖିଲା ଶାଗରେ ସନ୍ତୁଷ୍ଟ ହେଲେ ଭଗବାନ



ମହାଭାରତ ଯୁଦ୍ଧ ସମୟର କଥା । ପାଣ୍ଡବଙ୍କ ପକ୍ଷରୁ ସନ୍ଧି ପ୍ରସ୍ତାବ ନେଇ ଭଗବାନ ଶ୍ରୀକୃଷ୍ଣ କୌରବଙ୍କ ନିକଟକୁ ଆସିଥାନ୍ତି । ମାତ୍ର ଏହି ସନ୍ଧିକୁ ଦୁର୍ଯ୍ୟୋଧନ ସ୍ୱୀକାର କଲା ନାହିଁ । ବାସୁଦେବ ଫେରିଆସିଲେ । ଏହି ସମୟରେ ଧୃତରାଷ୍ଟ୍ର, ଗାନ୍ଧାରୀ ଓ ଦୁର୍ଯ୍ୟୋଧନ ମିଶି ବାସୁଦେବଙ୍କୁ ସେମାନଙ୍କ ରାଜଭବନରେ ଅତିଥି ହେବା ଲାଗି ନିମନ୍ତ୍ରଣ କଲେ । ମାତ୍ର ପାଣ୍ଡବଙ୍କ ଦୂତ ହୋଇ ଆସିଥିବାରୁ ଶ୍ରୀକୃଷ୍ଣ ଏଥିପାଇଁ ମନାକଲେ । ପ୍ରକୃତରେ ସେ ବିଦୂରଙ୍କ ଘରେ ରହିବାକୁ ଚାହୁଁଥିଲେ । କୃଷ୍ଣଙ୍କ ମଧୁର ସ୍ୱର ଶୁଣି ବିଦୂରଙ୍କ ପତ୍ନୀ ଭକ୍ତିରେ ତଲ୍ଲୀନ ହୋଇଗଲେ । କୃଷ୍ଣଙ୍କୁ ଅତିଥି ରୂପେ ପାଇ ସେ ନିଜକୁ ଧନ୍ୟ ମନେ କଲେ । ଶେଷରେ ଖାଇବା ବେଳ ଆସିଲା । ବିଦୂରଙ୍କ ପତ୍ନୀ କଦଳୀ ଚୋପା ଛଡ଼ାଇ ଖାଇବାକୁ ଦେଉଥିଲେ । କୃଷ୍ଣଙ୍କୁ ପାଖରେ ପାଇ ସେ ଏତେମାତ୍ରାରେ ଭକ୍ତିରେ ବିହ୍ୱଳ ହୋଇପଡ଼ିଥିଲେ ଯେ କଦଳୀକୁ ତଳେ ଫିଙ୍ଗି ଦେଇ କୃଷ୍ଣଙ୍କୁ ଚୋପା ଖାଇବାକୁ ଦେଲେ । କୃଷ୍ଣ ମଧ ତାଙ୍କ ଠାରୁ ଚୋପା ଖାଇବାକୁ ଲାଗିଲେ । କୃଷ୍ଣଙ୍କୁ ଶୁଖିଲା ଶାଗ ଖାଇବାକୁ ଦେଇଥିଲେ ବିଦୂରଙ୍କ ପତ୍ନୀ । କିନ୍ତୁ କୃଷ୍ଣ ଯେତେବେଳେ ସେହି ଶାଗକୁ ଧରିଲେ ତାହା ମିଠାରେ ପରିଣତ ହୋଇଗଲା । ଏହାଦେଖି ସମସ୍ତେ ଚକିତ ହୋଇଗଲେ । ପତ୍ନୀ ତାଙ୍କର ଅନ୍ୟମନସ୍କ ଭାବେ ଶ୍ରୀକୃଷ୍ଣଙ୍କୁ ଖାଇବାକୁ ଦେଉଥିବା ଦେଖି ବିଦୂର ଧାଇଁ ଆସିଲେ । କୃଷ୍ଣଙ୍କୁ କଦଳୀ ଖାଇବାକୁ ଦେବା ସହ ପତ୍ନୀଙ୍କ ଭୁଲ ପାଇଁ କ୍ଷମା ମାଗିଲେ । ମାତ୍ର ଭଗବାନ କୃଷ୍ଣ କହିଲେ, ମୋତେ ତ' କଦଳୀ ଚୋପା, ଶୁଖିଲା ଶାଗ ଖାଇବାରେ ହିଁ ଆନନ୍ଦ ମିଳୁଥିଲା । ଆପଣ ଓ ଆପଣଙ୍କ ଧର୍ମପତ୍ନୀଙ୍କ ଭକ୍ତିରେ ମୁଁ ସନ୍ତୁଷ୍ଟ । ସେଥିପାଇଁ ଆପଣ ଅପରାଧବୋଧ କରିବା ଅନୁଚିତ୍ ।

# ଏକ୍ ପେଡ୍ ମା' କେ ନାମ ଅଭିଯାନର ଶୁଭାରମ୍ଭ

**ଭୁବନେଶ୍ୱର,୪।୭ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ତାଳଚେର ହାଣ୍ଡିଧୁଆ ଗ୍ରାମର ଖେଳପଡ଼ିଆ ଏବଂ ଗୋପାଳପ୍ରସାଦ ରିଜର୍ଭ ଫରେଷ୍ଟରେ ପୃଥକ ପୃଥକ ଭାବରେ "ଏକ୍ ପେଡ୍ ମା' କେ ନାମ ୨.୦" ଅନ୍ତର୍ଗତ ବୃକ୍ଷରୋପଣ ଅଭିଯାନ ଓ ୭୬ତମ ବନମହୋତ୍ସବ-୨୦୨୫ରେ ଯୋଗଦେଇଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ସ୍କୁଲ ଛାତ୍ରଛାତ୍ରୀ ଓ ସାମାଜିକ ସଂଗଠନର ସଦସ୍ୟମାନଙ୍କ ସହ ମିଶି ଗଛ ଲଗାଇବା ସହ ଅନୁଗୋଳ ଜିଲ୍ଲାରେ ଆସନ୍ତା ୧୦ ବର୍ଷ ପର୍ଯ୍ୟନ୍ତ ବାର୍ଷିକ ୧୦ ଲକ୍ଷ ଗଛ ଲଗାଇବା ପାଇଁ ସଂକଳ୍ପ କରିବାକୁ ଜିଲ୍ଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି।



ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ "ମା' ପାଇଁ ଗଛଟିଏ" ଏକ ଭାବନାତ୍ମକ ବିଚାର। ପ୍ରକୃତି ମାତାକୁ ସୁରକ୍ଷା ଦେବା ପାଇଁ ସାରାଦେଶରେ ଏହି ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ଏହି ଅଭିଯାନ ଏପରି ଏକ ଭବିଷ୍ୟତ ପ୍ରତି ସମର୍ପଣ, ଯେଉଁଠି ପ୍ରକୃତିର ସମ୍ମାନ; ଆମର ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପରିଗଣିତ ହେବ। ତାଳଚେର ସମେତ ଅନୁଗୋଳ ଜିଲ୍ଲାରେ କୋଇଲା ଉତ୍ପାଦନ ହେବା କାରଣରୁ ଏଠାରେ ବହୁମାତ୍ରାରେ ପରିବେଶ ପ୍ରଦୂଷଣ ବୃଦ୍ଧି ପାଉଛି। ଦେଶରେ ପ୍ରଗତି ପାଇଁ କୋଇଲା ଉତ୍ପାଦନ ସହ ପରିବେଶର ସୁରକ୍ଷା କରିବା ମଧ୍ୟ ଜରୁରୀ। ତେଣୁ ପ୍ରଦୂଷଣ ହ୍ରାସ ପାଇଁ ଆମେ ସମସ୍ତେ ଗଛ ଲଗାଇବା ଦରକାର। ସ୍କୁଲ ସ୍ତରରୁ ଆରମ୍ଭ କରି ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଯୁବ ସଂଗଠନ, ସରକାରୀ ଅନୁଷ୍ଠାନ, ମାତୃଶକ୍ତି, ସ୍ୱେଚ୍ଛାସେବୀମାନଙ୍କୁ "ଏକ୍ ପେଡ୍ ମା' କେ ନାମ ୨.୦ ଅଭିଯାନରେ ଯୋଡି ଅନୁଗୋଳକୁ ସବୁଜ ସହରରେ ପରିଣତ କରିବାର ଦାୟିତ୍ୱ ନେବା ଦରକାର।

ସେ ଆହୁରି କହିଛନ୍ତି ଚଳିତଥର ଅନୁଗୋଳ ବନଖଣ୍ଡରେ ପୂର୍ବ ବର୍ଷ ଅପେକ୍ଷା ଦୁଇ ଗୁଣା ଅର୍ଥାତ୍ ୭ ଲକ୍ଷ ୫୦ ହଜାର ଗଛ ଲଗାଯିବାର ଯୋଜନା ରହିଛି। ତେବେ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଅନୁଗୋଳରେ ୧୦ ଲକ୍ଷ ଚାରା ଲଗାଇବା ସହ ଏହି ପରମ୍ପରାକୁ ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ଅବ୍ୟାହତ ରଖିବା ପାଇଁ ଆମେ ସଂକଳ୍ପ ନେବା ଦରକାର। ଗଛର ଯତ୍ନ ନେବା ସହ ଏହାକୁ ଜନଆନ୍ଦୋଳନର ରୂପ ଦେବା। ବନୀକରଣରେ ତାଳଚେର ସମେତ ଅନୁଗୋଳର ପରିଚୟ ସୃଷ୍ଟି କରିବାକୁ ସେ ଅପିଲ୍ କରିଛନ୍ତି। ଶ୍ରୀ ପ୍ରଧାନ ଅନୁଗୋଳ ବନଖଣ୍ଡର ପଦକ୍ଷେ ଅନ୍ତର୍ଗତ ଭ୍ରାମ୍ୟମାଣ ଚାରା ବିତରଣ ରଥ, ସୂଚନା ରଥ, ସବୁଜ ଅନୁଗୋଳ ମୋବାଇଲ ଆପ୍, ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ଟ୍ରକ, ଅନୁଗୋଳ ଫରେଷ୍ଟ ଡିଭିଜନ ୱେବସାଇଟ୍ ଓ ଅନ୍ୟାନ୍ୟ ପୋର୍ଟାଲ ଆଦି ଶୁଭାରମ୍ଭ କରିଥିଲେ। ଅନୁଗୋଳରେ ବୃକ୍ଷରୋପଣ ଅଭିଯାନକୁ ଏକ ଜନଆନ୍ଦୋଳନର ରୂପ ଦେବା ସହ ଜନସାଧାରଣଙ୍କ ମଧ୍ୟରେ ସମାଜିକ ସଚେତନତା ସୃଷ୍ଟି କରିବା ପାଇଁ ଏପରି ପଦକ୍ଷେପକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ।

# ଭାରତ ଗୌରବ ଟ୍ରେନ ଦକ୍ଷିଣ ଭାରତକୁ ଯାତ୍ରା କରିବ

**ଭୁବନେଶ୍ୱର,୪।୭ (ମହାଭାରତ):** ଦକ୍ଷିଣ ଭାରତର ପ୍ରସିଦ୍ଧ ଧାର୍ମିକ ସ୍ଥଳଗୁଡ଼ିକୁ ଦର୍ଶନ କରିବାକୁ ଚାହୁଁଥିବା ଭକ୍ତମାନଙ୍କ ପାଇଁ ଭାରତ ଗୌରବ ଟ୍ରେନ ଚଳାଇବାକୁ ନିଷ୍ପତି ନିଆଯାଇଛି। ଏହି ସ୍ୱତନ୍ତ୍ର ଟ୍ରେନ ୨୮ ଜୁଲାଇରେ ଦକ୍ଷିଣ ଭାରତର ଦିବ୍ୟ ଯାତ୍ରାରେ ବାହାରୁଛି। ଏହି ୧୩ ଦିନିଆ ମହାନ ଯାତ୍ରା ପଠାନକୋଟ କ୍ୟାଂଟ ଷ୍ଟେସନରୁ ଆରମ୍ଭ ହେବ ଏବଂ ଯାତ୍ରୀମାନଙ୍କୁ ଦକ୍ଷିଣ ଭାରତର ପ୍ରମୁଖ ତୀର୍ଥସ୍ଥଳ ଯେପରିକି ତିରୁପତି, ରାମେଶ୍ୱରମ, ମଦୁରାଇ, କନ୍ୟାକୁମାରୀ ଏବଂ ମଲ୍ଲିକାର୍ଜୁନ ଭଳି ବିଭିନ୍ନ ତୀର୍ଥସ୍ଥାନ ଗୁଡିକୁ ପରିଭ୍ରମଣ କରାଇବ ଯାହା ଆଧାତ୍ମିକ ଅଭିଜ୍ଞତା, ସୁବିଧା ଏବଂ ସୁଲଭ ମୂଲ୍ୟର ଏକ ଅନନ୍ୟ ସଙ୍ଗମ ହେବ। ଏହି ଟ୍ରେନ ପଠାନକୋଟ କ୍ୟାଣ୍ଟ ଷ୍ଟେସନରୁ ଆରମ୍ଭ ହେବ। ଏହାର ପ୍ରମୁଖ ବୋର୍ଡିଂ ପଏଣ୍ଟଗୁଡ଼ିକ ମଧ୍ୟରେ ଜଳନ୍ଧର ସିଟି, ଲୁଧିଆନା, ଚଣ୍ଡିଗଡ଼, ଅମ୍ବାଲା କ୍ୟାଂଟ, କୁରୁକ୍ଷେତ୍ର, କର୍ଣ୍ଣାଲ, ପାନିପତ, ସୋନିପତ, ହଜରତ ନିଜାମୁଦ୍ଦିନ, ମଥୁରା, ଆଗ୍ରା କ୍ୟାଂଟ ଏବଂ ଗ୍ୱାଲିୟର ଅନ୍ତର୍ଭୁକ୍ତ। ମୋଟାମୋଟି ଭାବରେ, ଏହି ଯାତ୍ରା ୧୨ ରାତି ୧୩ ଦିନ ରହିବ ଯାହାର ଫେରିବା ପାଇଁ ୯ ଅଗଷ୍ଟରେ ସ୍ଥିର କରାଯାଇଛି। ଯାତ୍ରା ପାଇଁ ତିନୋଟି ବର୍ଗରେ ସିଟ୍ ଉପଲବ୍ଧ - ସ୍ଲିପର୍ କ୍ଲାସ୍ (୬୪୦ ସିଟ୍), ୩-ଏସି ୭୦ ସିଟ୍ ଏବଂ ୨-ଏସି ୫୦ ସିଟ୍। ଭଡ଼ା ମଧ୍ୟ ବହୁତ ସୁଲଭ ରଖାଯାଇଛି । ସ୍ଲିପର୍ କ୍ଲାସ୍ ୩୦,୧୩୫ ଟଙ୍କା ହୋଇଥିବାବେଳେ ୩-ଏସି ୪୩,୩୭୦ ଟଙ୍କା ଏବଂ ୨-ଏସି ୫୭,୪୭୦ ଟଙ୍କା ପ୍ରତି ବ୍ୟକ୍ତି (ସମସ୍ତ ଦର ଜିଏସଟି ସମେତ) ରଖାଯାଇଅଛି। ଏହି ପ୍ୟାକେଜରେ ଟ୍ରେନ ଟିକେଟ ସହିତ ଦୈନନ୍ଦିନ ଖାଦ୍ୟ, ଆରାମଦାୟକ ରହଣି, ଦର୍ଶନ ପାଇଁ ଏସି/ନନ୍-ଏସି ବସ୍, ଟୁର୍ ଏସ୍କର୍ଟ, ସୁରକ୍ଷା ଏବଂ ପ୍ରାଥମିକ ଚିକିତ୍ସା ସୁବିଧା ଇତ୍ୟାଦି ଅନ୍ତର୍ଭୁକ୍ତ। ଧାର୍ମିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରୁଥିବା ଏହି ଯାତ୍ରାରେ ଅଂଶଗ୍ରହଣ କରି ଭକ୍ତମାନେ କେବଳ ଦକ୍ଷିଣ ଭାରତର ପ୍ରମୁଖ ମନ୍ଦିରଗୁଡ଼ିକୁ ପରିଦର୍ଶନ କରିପାରିବେ ନାହିଁ ବରଂ ଯାତ୍ରା ସମୟରେ ଭାରତୀୟ ରେଳବାଇ ଦ୍ୱାରା ନିଶ୍ଚିତ କରାଯାଇଥିବା ସୁବିଧା ଏବଂ ବ୍ୟବସ୍ଥା ସେମାନଙ୍କୁ ଏକ ଆରାମଦାୟକ ଏବଂ ଭାବପ୍ରବଣ ଅଭିଜ୍ଞତା ମଧ୍ୟ ପ୍ରଦାନ କରିବ। ଅଧିକ ସୂଚନା କିମ୍ବା ସଂରକ୍ଷଣ ପାଇଁ, ଡବ୍ଲୁଡବ୍ଲୁଡବ୍ଲୁ.ଆଇଆରସିଟିସି ଟୁରିଜିମ୍. କମ୍ କିମ୍ବା ଆଇଆରସିଟିସି ଚଣ୍ଡିଗଡ଼ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରାଯାଇପାରିବ।

# ବଲାଙ୍ଗିର, ନବରଙ୍ଗପୁର ଓ ଗଞ୍ଜାମ ସାଙ୍ଗଠନିକ ପାଇଁ ଷ୍ଟିଅରିଂ କମିଟି ଗଠନ କଲା କଂଗ୍ରେସ

**ଭୁବନେଶ୍ୱର,୪।୭ (ମହାଭାରତ):** ବଲାଙ୍ଗିର, ନବରଙ୍ଗପୁର ଓ ଗଞ୍ଜାମ (ପୂର୍ବ) ସାଙ୍ଗଠନିକ ଜିଲ୍ଲାରେ ଜିଲ୍ଲା ସଂଯୋଜକ ନିଯୁକ୍ତି ହୋଇନଥିବାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ୩ଟି ପୃଥକ ଷ୍ଟିଅରିଂ କମିଟି ଗଠନ କରି ସେମାନଙ୍କ ନାମ ତାଲିକା ନିମ୍ନମତେ ଘୋଷଣା କରିଛନ୍ତି। ବଲାଙ୍ଗିର ଜିଲ୍ଲା ଷ୍ଟିଅରି କମିଟିରେ ଅନିଲ ମେହେର-ଆବାହାକ ଭାବେ ରହିଥିବାବେଳେ ସର୍ବଶ୍ରୀ ସମରେନ୍ଦ୍ର ମିଶ୍ର, ଅଶୋକ ନନ୍ଦ, ରାଧାକାନ୍ତ ନାୟକ, ନରେନ୍ଦ୍ର ମେହେର, ସନ୍ତକ ବହିଦାର ଓ ବିରେନ୍ଦ୍ର ବାଗ ସଦସ୍ୟ ଭାବରେ ରହିଛନ୍ତି ଏବଂ ସନ୍ତୋଷ ସିଂ ସାଲୁଜା, ଅରବିନ୍ଦ ଦାସ, ଗଣେଷ ସାହୁ ଓ ଆକବର ଖାନ୍ ନିମନ୍ତ୍ରିତ ସଦସ୍ୟଭାବେ ରହିଛନ୍ତି। ସେହିପରି ନବରଙ୍ଗପୁର ଜିଲ୍ଲା ଷ୍ଟିଅରିଂ କମିଟିରେ ସଦନ ନାୟକ-ଆବାହାକ ଭାବେ ରହିଥିବାବେଳେ ସର୍ବଶ୍ରୀ ଭୁଜବଳ ମାଝି, ମନୋରଞ୍ଜନ ତ୍ରିପାଠୀ, ସନରାଜ ଗଣ୍ଡ, ଅଖିଳ ଭତ୍ରା, ଦ୍ୱାରିକା ମହାପାତ୍ର, ଲିପିକା ମାଝୀ, ଅର୍ଜୁନ ସମର୍ଥ, ସବଲମ୍ ସାଉଁତା, ଦିଲ୍ଲୀପ ବେହେରା, ମନସା ତ୍ରିପାଠୀ, ଟି ନାଗରତ୍ନମ୍, ବୃନ୍ଦାବନ ତ୍ରିପାଠୀ, ବଂଶି ମାଝୀ, ଧରମ ସିଂ ମଙ୍ଗଳାମାଝୀ ଓ କ୍ଷମରାଜ ବାଗ୍ ସଦସ୍ୟ ଭାବରେ ରହିଛନ୍ତି।

ଅନୁରୂପ ଭାବରେ ଗଞ୍ଜାମ (ପୂର୍ବ) ସାଂଗଠନିକ ଜିଲ୍ଲା ଷ୍ଟିଅରିଂ କମିଟିରେ ଡଃ ତ୍ରିନାଥ ବେହେରା - ଆବାହାକ ରହିଥିବା ବେଳେ ରଶ୍ମିରଞ୍ଜନ ପଟ୍ଟନାୟକ-ସହ ଆବାହକ ରହିଛନ୍ତି ଏବଂ ସର୍ବଶ୍ରୀ ଶାକା ସୁଜିତ କୁମାର, ଗଣପତି ବାରିକ, ଶ୍ୟାମ ସୁନ୍ଦର ସାହୁ ଓ ବିକାଶ ନାୟକ ସଦସ୍ୟ ଭାବରେ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

# ଜଳ ଓ ଜୀବାଣୁ ବାହିତ ରୋଗ ନିରାକରଣ ଅଭିଯାନ

**ଭୁବନେଶ୍ୱର,୪।୭ (ମହାଭାରତ):** ଚଳିତ ବର୍ଷା ଋତୁରେ ସମ୍ଭାବ୍ୟ ଜଳବାହିତ ଏବଂ ଜୀବାଣୁ (ଭେକ୍ଟର) ବାହିତ ରୋଗର ପ୍ରତିରୋଧ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ତରଫରୁ ସ୍ୱତନ୍ତ୍ର ମିଳିତ ଅଭିଯାନ ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍.ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଲୋକସଭା ଭବନ ସଭାଗୃହ ଠାରେ ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ବର୍ଷାକାଳୀନ ଜନ ସ୍ୱାସ୍ଥ୍ୟ ଜନିତ ରୋଗ ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ



ଉପସ୍ଥାପନ କରିଥିଲେ ; ଏବଂ ସମସ୍ତ ଜିଲ୍ଲାରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜନ ସ୍ୱାସ୍ଥ୍ୟ ଅଧିକାରୀମାନେ କ୍ଷେତ୍ରସ୍ତରୀୟ ସ୍ଥିତି ଜଣାଇଥିଲେ। ବୈଠକରେ ମୁଖ୍ୟତଃ ଡାଇରିଆ, ମ୍ୟାଲେରିଆ ଓ ଡେଙ୍ଗୁ ଆଦି ରୋଗ ନିରାକରଣ ନିମନ୍ତେ ରୋଗ-ନିରୀକ୍ଷଣ, ସଚେତନତା, ରୋଗର ନିୟନ୍ତ୍ରଣ ଆଦି ବିଷୟରେ ଉଭୟ ସ୍ୱଳ୍ପ ଓ ଦୀର୍ଘ ସୂତ୍ରୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ଏହି ସବୁ ରୋଗର ଜିଲ୍ଲାୱାରୀ ସ୍ଥିତି ସମୀକ୍ଷା କରି ଚଳିତ ମାସ ୪ ଏବଂ ୧୧ ତାରିଖ ଦିନ କ୍ଷେତ୍ର ସ୍ତରରେ ସ୍ୱତନ୍ତ୍ର ପରିମଳ ଓ ବିଶୋଧନ ଅଭିଯାନ କରିବା ନିମନ୍ତେ ଶାସନ ସଚିବ ଅଶ୍ୱତୀ ଏସ୍ ନିର୍ଦ୍ଦେଶ ଦେଇଥିଲେ।

ଏହି ଅଭିଯାନ ଦିନ ମାନଙ୍କରେ ଗ୍ରାମ, ବିଦ୍ୟାଳୟ, ସରକାରୀ ଚିକିତ୍ସା କେନ୍ଦ୍ର, ହାଟ, ସର୍ବସାଧାରଣ ସ୍ଥାନ ଓ ପାନୀୟ ଜଳ ଉତ୍ସ ମାନଙ୍କରେ ପରିଚ୍ଛନ୍ନତା ଓ ବିଶୋଧନ କାର୍ଯ୍ୟକୁ ସଘନ ଏବଂ ବ୍ୟାପକ କରିବାକୁ ନିଷ୍ପତି ହୋଇଥିଲା। ଏଥିପାଇଁ ଉଭୟ ବିଭାଗ ଦ୍ୱାରା ଜିଲ୍ଲା ଏବଂ କ୍ଷେତ୍ର ସ୍ତରୀୟ ଅଧିକାରୀମାନଙ୍କୁ ଏକ ମିଳିତ ଗାଇଡଲାଇନ୍ ପଠାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଡାକ୍ତର ବିଜୟ କୁମାର ମହାପାତ୍ର, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ର ମହାନ୍ତିଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଏବଂ ବିଶେଷଜ୍ଞମାନେ ବୈଠକର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ରୋଗୀ ସେବାର ପ୍ରାଣକେନ୍ଦ୍ର ହେଉଛନ୍ତି ନର୍ସ

**ଭୁବନେଶ୍ୱର,୪।୭ (ମହାଭାରତ):** ସ୍ୱାସ୍ଥ୍ୟ ସେବାରେ ଉତ୍କର୍ଷ ଆଣିବାରେ ନର୍ସମାନଙ୍କର ପ୍ରମୁଖ ଭୂମିକା ରହିଥିବା ବେଳେ ସେମାନେ ରୋଗୀ ସେବାର ପ୍ରାଣ କେନ୍ଦ୍ର ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ କହିଛନ୍ତି। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଉତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ନର୍ସିଂ କ୍ଷେତ୍ରରେ ଦକ୍ଷ ନେତୃତ୍ୱ ସମ୍ପର୍କିତ ବୁଧବାର ଆୟୋଜିତ ଏକ ମ୍ୟାନେଜମେଂଟ ଡେଭେଲପ୍‌ମେଂଟ ପ୍ରୋଗ୍ରାମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ ଏହା କହିଥିଲେ। ସ୍ୱାସ୍ଥ୍ୟ ସେବା ପ୍ରଦାନ ଦିଗରେ ସୁରକ୍ଷା, ଦକ୍ଷତା ଓ ସେବା ମନୋଭାବ ରଖିବା ନିମନ୍ତେ ନର୍ସିଂ କ୍ଷେତ୍ରରେ ନେତୃତ୍ୱର



ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ରୋଗୀ ସେବା ନିମନ୍ତେ ନେତୃତ୍ୱ ପ୍ରଦାନ କରୁଥିବା ପ୍ରକୃତ ନର୍ସ କେବଳ ନିଜ କାର୍ଯ୍ୟ ତୁଲାଇ ନଥାଏ ବରଂ ନିଜ ନର୍ସିଂ ଟିମ୍‌କୁ ମଧ୍ୟ ପ୍ରୋତ୍ସାହନ ଦେବା ସହ ରୋଗୀମାନଙ୍କର ଆବଶ୍ୟକତାକୁ ପୂରଣ କରିବାରେ ସଫଳ ହୋଇଥାଏ ବୋଲି ଶ୍ରୀମତି ଦାସ କହିଥିଲେ। ତେଣୁ ଏ କ୍ଷେତ୍ରରେ ନର୍ସମାନଙ୍କୁ ଅଧିକ ଦକ୍ଷ ଓ ସଶକ୍ତ କରାଇବା ନିମନ୍ତେ ଏଭଳି ନେତୃତ୍ୱ ସମ୍ପର୍କିତ ପ୍ରଶିକ୍ଷଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ ସ୍ୱାସ୍ଥ୍ୟ ସେବା ସମାଜର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥିବା ବେଳେ ଏହି କ୍ଷେତ୍ରରେ ନର୍ସମାନଙ୍କର ପ୍ରମୁଖ ଭୂମିକା ରହିଛି। ହସ୍ପିଟାଲକୁ ରୋଗୀମାନେ କଷ୍ଟ ଓ ଯନ୍ତ୍ରଣାରେ ଆସୁଥିଲା ବେଳେ ସେମାନଙ୍କ କଷ୍ଟ ଲାଘବ କରିବା ସହ ସେମାନେଙ୍କ ମୁହଁରେ ହସ ଫୁଟାଇବା ଭଳି ମହାନ କାର୍ଯ୍ୟ ନର୍ସମାନେ କରିଥାନ୍ତି ବୋଲି ପ୍ରଫେସର ନନ୍ଦ କହିଥିଲେ। କାର୍ଯ୍ୟକ୍ରମରେ ଆଇବିସିଏସ୍‌ର ଡିନ୍ ପ୍ରଫେସର (ଡକ୍ଟର) ଅୟସକାନ୍ତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ ନର୍ସିଂ କଲେଜର ଡିନ୍ ପ୍ରଫେସର (ଡକ୍ଟର) ସସ୍ମିତା ଦାସ ବକ୍ତବ୍ୟ ରଖିଥିଲେ। ଆଇବିସିଏସ୍‌ର ଆସୋସିଏଟ୍ ଡିନ୍ ପ୍ରଫେସର (ଡକ୍ଟର) ମନୋରଞ୍ଜନ ଦାଶ ମୁଖ୍ୟ ବକ୍ତା ଭାବେ ନିଜ ବକ୍ତବ୍ୟରେ ନେତୃତ୍ୱ ନେବା କ୍ଷେତ୍ରରେ ପ୍ରଭୁ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କର ଉଦାହରଣ ଦେଇଥିଲେ। ଦାୟିତ୍ୱ ଆଗରେ ନିଜର ବ୍ୟକ୍ତିଗତ ଆଶା ଆକାଂକ୍ଷା ଯେ ତୁଚ୍ଛ ତାହା ଶ୍ରୀରାମ ହିଁ ପ୍ରତିପାଦିତ କରିପାରିଥିଲେ ବୋଲି ପ୍ରଫେସର ଦାଶ କହିଥିଲେ।

# ରାଜ୍ୟପାଳଙ୍କୁ ସାକ୍ଷାତ କଲେ ମୋଂଟାନା ପ୍ରତିନିଧିମଣ୍ଡଳୀ




**ଭୁବନେଶ୍ୱର,୪।୭ (ମହାଭାରତ):** ଯୁକ୍ତରାଷ୍ଟ୍ର ଆମେରିକାର ମୋଂଟାନାରୁ ଆସିଥିବା ଏକ ୧୦ ଜଣିଆ ପ୍ରତିନିଧିମଣ୍ଡଳୀ ଗୁରୁବାର ଦିନ ଓଡିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟିଙ୍କୁ ରାଜଭବନରେ ସାକ୍ଷାତ କରିଥିଲେ। ଇଣ୍ଡିଆ ଟ୍ରେକ ୨୦୨୫ କାର୍ଯ୍ୟକ୍ରମରେ ପ୍ରତିନିଧିମଣ୍ଡଳୀ ବର୍ତମାନ ଭାରତ ଗସ୍ତରେ ଅଛନ୍ତି। ପ୍ରତିନିଧିମଣ୍ଡଳୀଙ୍କୁ ସ୍ୱାଗତ ଜଣାଇ ରାଜ୍ୟପାଳ ଓଡିଶାର ସମୃଦ୍ଧ ସଂସ୍କୃତି, କଳା ଏବଂ ସାମାଜିକ ପ୍ରଗତି ବିଷୟରେ ଅବଗତ କରାଇଥିଲେ। ପ୍ରତିନିଧିମଣ୍ଡଳୀ ଭାରତର ବିବିଧତା ଅନୁସନ୍ଧାନ କରିବାକୁ ରାଜ୍ୟପାଳ ଗୁରୁତ୍ୱାରୋପ କରି ଏପରି ପରିଦର୍ଶନ ବିଭିନ୍ନ ଦେଶର ଲୋକଙ୍କ ମଧ୍ୟରେ ଉତମ ବୁଝାମଣା ପ୍ରତିଷ୍ଠା କରିବାରେ ସହାୟକ ହେବ ବୋଲି କହିଥିଲେ। ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ରାଜଭବନ ପରିସର ପରିଦର୍ଶନ କରିଥିଲେ ଏବଂ ସେମାନଙ୍କ ଗସ୍ତ ସମୟରେ ସେମାନଙ୍କୁ ମିଳିଥିବା ଭବ୍ୟ ସ୍ୱାଗତକୁ ପ୍ରଶଂସା କରିଥିଲେ।

# ସିଫୁଡ୍ ରପ୍ତାନୀରେ ଓଡ଼ିଶାକୁ ପ୍ରଥମ ପୁରସ୍କାର

**ଭୁବନେଶ୍ୱର,୪।୭ (ମହାଭାରତ):** ଜୁଲାଇ ୧ରୁ ୩ ତାରିଖ ପର୍ଯ୍ୟନ୍ତ ଚେନ୍ନାଇ ବ୍ୟବସାୟିକ କେନ୍ଦ୍ର (ଟ୍ରେଡ୍ ସେଣ୍ଟର)ରେ ଅନୁଷ୍ଠିତ ହୋଇଥିବା "ସିଫୁଡ୍ ଏକ୍ସପୋ ଭାରତ-୨୦୨୫ (ଏସଇବି-୨୫)"ରେ ଓଡ଼ିଶାରୁ ଅଂଶ ଗ୍ରହଣ କରିଥିବା ଇସିଆରଆଇସିସି (ଏକ୍ରିକ୍) ପ୍ରକଳ୍ପ ସରକାରୀ କ୍ଷେତ୍ର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ଏଥିରେ ଓଡ଼ିଶାରେ ଜଳବାୟୁ ସହନଶୀଳ କଙ୍କଡ଼ା ଚାଷ ସଂପର୍କରେ ଆକର୍ଷଣୀୟ ଉପସ୍ଥାପନ କରାଯାଇଥିଲା।



ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟ ଅଧୀନରେ ସାମୁଦ୍ରିକ ଉତ୍ପାଦ ଉନ୍ନୟନ କର୍ତୃପକ୍ଷ (ଏମପିଇଡିଏ) ଦ୍ୱାରା ଆୟୋଜିତ ଏହି ଏକ୍ସପୋ, ଭାରତର ମାଛ ସହ ଓ ଜଳଚାଷ (ଆକ୍ୱାକଲଚର) ମୂଲ୍ୟ ଶୃଙ୍ଖଳା (ଭାଲ୍ୟୁ ଚେନ୍) କ୍ଷେତ୍ର ପାଇଁ ସମସ୍ତ ଅଂଶୀଦାରମାନଙ୍କ ନିମନ୍ତେ ବୃହତ୍ ସୁଯୋଗ ସୃଷ୍ଟି କରିଥିଲା। ଏହି ଏକ୍ରିକ୍ ପ୍ରକଳ୍ପ ଜାତୀୟ ସ୍ତରରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଗ୍ରୀନ କ୍ଲାଇମେଟ୍ ଫଣ୍ଡ (ଜିସିଏଫ) ଏବଂ ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନଡିପି) ସହଯୋଗରେ ଏବଂ ଓଡ଼ିଶାରେ ଏହା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଇଛି।

ଏହି ପ୍ରକଳ୍ପ ସାମୁଦ୍ରିକ ଉପକୂଳବର୍ତୀ ଗୋଷ୍ଠୀ ସମୁଦାୟମାନଙ୍କରେ ସ୍ଥାୟୀ ପରିସଂସ୍ଥାଭିତିକ ଏବଂ ଜଳବାୟୁ ସହନଶୀଳ ଜୀବନଜୀବିକାକୁ ପ୍ରୋତ୍ସାହିତ କରୁଛି। ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରୁଥିବା କେତେକ ପ୍ରମୁଖ ରାଜ୍ୟ ମଧ୍ୟରେ ରହିଛି ଓଡ଼ିଶା। ଓଡ଼ିଶା ଏହାର ସଶକ୍ତ ସ୍ଥାନୀୟ ସଂସ୍ଥାଓ ଜଳବାୟୁ ଚମ୍ପିୟନଙ୍କ ସମର୍ଥନରେ ବୈଜ୍ଞାନିକ ପଦ୍ଧତିରେ ସ୍ୱତନ୍ତ୍ର ଭାବେ କଙ୍କଡ଼ା ଚାଷ (ମଡ୍ କ୍ରାବ୍ ଫାର୍ମିଂ), ସୁନ୍ଦର ରଙ୍ଗୀନ ମାଛ ଚାଷଏବଂ ସ୍ଥାୟୀ ଜଳଚାଷ ଅଭ୍ୟାସ ପୂର୍ବକ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରୁଛି। ଏହି ପରିଯୋଜନା ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଏବଂ ୨୦୩୬ ମସିହା ସୁଦ୍ଧା'ବିକଶିତ ଓଡିଶା' ପାଇଁ ରାଜ୍ୟର ପ୍ରତିବଦ୍ଧତା ସହ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ୨୦୪୭ ମସିହା ସୁଦ୍ଧା 'ବିକଶିତ ଭାରତ' ଆଭିମୁଖ୍ୟରେ ଉଲ୍ଲେଖନୀୟ ଯୋଗଦାନ ଏବଂ ଉଦ୍ୟମ ବୃଦ୍ଧି କରିବ। ଓଡିଶାରୁ ରାଜ୍ୟ ଏବଂ ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍ ରୁ ଅଧିକାରୀ, ଜଳବାୟୁ ଚମ୍ପିଅନ୍, କଙ୍କଡ଼ା ଚାଷୀ ହିତାଧିକାରୀଙ୍କ ସମେତ ୧୪ ଜଣିଆ ପ୍ରତିନିଧି ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କର ଅଂଶଗ୍ରହଣ ପାରସ୍ପରିକ ଜ୍ଞାନ ଆହରଣ ଓ ଭାଗିଦାରିତା ବୃଦ୍ଧି ସକ୍ଷମ କରିବା ସହ ଗୋଷ୍ଠିଭିତ୍ତିକ ଜଳଚାଷ କରିବାରେ ନୂତନ ଅନ୍ୱେଷଣର ମାର୍ଗ ପ୍ରଶସ୍ତ କରିଛି।

# ପ୍ରାଥମିକ ଶିକ୍ଷାରେ ନୂଆ ପଦବୀ ସୃଷ୍ଟି କରାଯାଉ

**ଭୁବନେଶ୍ୱର,୪।୭ (ମହାଭାରତ):** ଶିକ୍ଷାନିତି ଆଧାରରେ ୪୫ ହଜାର ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଖୋଲଯାଇଥିଲେ ମଧ୍ୟ ଭିତିଭୂମିର ବିକାଶ କରାଯାଇ ନାହିଁ କିମ୍ବା ସେମାନଙ୍କୁ ପାଠ ପଢାଇବାକୁ ଗୋଟିଏ ହେଲେ ଶିକ୍ଷକ ନିଯୁକ୍ତି ହୋଇନାହାଁନ୍ତି। ବର୍ତମାନ ଆମ ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟର ବିଭିନ୍ନ ପଦରେ ୯୦ ହଜାରରୁ ଅଧିକ ଶିକ୍ଷକ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ସରକାର ତାହାକୁ ପୂରଣ ନକରି ଏବେ ଶିଶୁ ସେବିକା ନିଯୁକ୍ତି କରିବାକୁ ଘୋଷଣା କରିଛନ୍ତି। ଶିଶୁ ସେବିକାମାନେ ବିଦ୍ୟାଳୟରେ ବାଲ ବାଟିକା ଶ୍ରେଣୀର ପିଲାମାନଙ୍କର ଯଦି ଯତ୍ନ ନେବେ ତେବେ ସେମାନଙ୍କୁ ପାଠ ପଢାଇବ କିଏ ବୋଲି ପ୍ରଶ୍ନ କରିଛି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା)। ୧୯୯୭ ମସିହା କ୍ୟାଡ଼ରରେ ପ୍ରାଥମିକ ଶିକ୍ଷକ ପଦବୀ ୧,୩୬,୬୬୯ ଥିବାବେଳେ ୨୦୧୦ ମସିହାରେ ଶିକ୍ଷା ଅଧିକାର ଆଇନ ଯୋଗୁଁ ୮ମ ଶ୍ରେଣୀ ଓ ଜାତୀୟ ଶିକ୍ଷାନୀତି ଆଧାରରେ ଶିଶୁ ବାଟିକା ପ୍ରାଥମିକ ବିଦ୍ୟାଳୟରେ ଖୋଲିବା ପରେ ଗୋଟିଏ ହେଲେ ନୂଆ ପଦବୀ ସୃଷ୍ଟି କରାଯାଇ ନାହିଁ। ଜୁନ୍ ୧୩ ତାରିଖରେ ଆମ ସଂଘ ସହିତ ଗଣଶିକ୍ଷା ସଚିବ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ସମେତ ବହୁ ଉଚ୍ଚପଦସ୍ଥ ଅଧିକାରୀମାନେ ପ୍ରାଥମିକ ଶିକ୍ଷାରେ ୪୫ ହଜାର ନୂଆ ପଦବୀ ସୃଷ୍ଟି ହେବ ଓ ପ୍ରାଥମିକ ଶିକ୍ଷକମାନଙ୍କର ଦାବିଗୁଡ଼ିକ ତୁରନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଯାହା ପ୍ରତିଶ୍ରୁତି ଦେଉଛନ୍ତି ତାହାକୁ ପୂରଣ କରୁନାହାଁନ୍ତି ବୋଲି ସଂଘ ଅଭିଯୋଗ କରିଛି। ପ୍ରାଥମିକ ଶିକ୍ଷକମାନଙ୍କର ବହୁ ଦିନର ଦାବି ଯଥା କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ୬ ବର୍ଷର ଚୁକ୍ତି କାର୍ଯ୍ୟକାଳକୁ ନୋସନାଲ ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା, ପୁରୁଣା ପେନସନ ଲାଗୁ କରିବା ଆଦି ଦାବିଗୁଡ଼ିକ ସରକାର ତୁରନ୍ତ ପୂରଣ କରିବାକୁ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା ଦାବି କରିଛନ୍ତି।

## ନ୍ୟାୟିକ ବ୍ୟବସ୍ଥାର ମୁଖ୍ୟ

ଦେଶର ପ୍ରଧାନବିଚାରପତି ଗସ୍ତରେ ଗଲେ ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଉପଯୁକ୍ତ ପ୍ରୋଟୋକଲ ଅନୁଯାୟୀ ସମ୍ମାନ ଦିଆଯିବା ଉଚିତ। କିନ୍ତୁ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ମୁମ୍ବଇ ପୋଲିସ କମିଶନର ଅନୁପସ୍ଥିତ ଥିଲେ। ଏହା ପ୍ରୋଟୋକଲ ଭଙ୍ଗ ବୋଲି ଉଲ୍ଲେଖ କରି ପ୍ରଧାନବିଚାରପତି କ୍ଷୋଭ ପ୍ରକାଶ କରିଥିଲେ। ପ୍ରଧାନବିଚାରପତିଙ୍କ କ୍ଷୋଭ ଯଥାର୍ଥ ଏବଂ ଏହାକୁ ଗୌଣର କରାଯାଇପାରିବ ନାହିଁ। ଦେଶର ରାଷ୍ଟ୍ରପତି ଓ ଉପ-ରାଷ୍ଟ୍ରପତିଙ୍କ ପରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ହେଉଛନ୍ତି ସର୍ବୋଚ୍ଚ ପଦାଧିକାରୀ। ସେ ହେଉଛନ୍ତି ନ୍ୟାୟିକ ବ୍ୟବସ୍ଥାର ମୁଖ୍ୟ। ଏହି ସମ୍ବର୍ଦ୍ଧନା ସଭାରେ ପ୍ରଧାନ ବିଚରପତି କହିଥିଲେ ଯେ, ଗଣତନ୍ତ୍ରର ୩ଟି ସ୍ତମ୍ଭ ନ୍ୟାୟପାଳିକା, କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପକର ଗରିମା, ଗୁରୁତ୍ୱ ଏବଂ ଦାୟିତ୍ୱ ସମାନ। ତିନିଟି ସ୍ତମ୍ଭ ପରସ୍ପରକୁ ସମ୍ମାନ ଦେବା ଉଚିତ। କେହି କାହାର କ୍ଷମତାର ଲକ୍ଷ୍ମଣରେଖା ଅତିକ୍ରମ କରିବା ଅନୁଚିତ। କେହି ନିଜ ଦାୟିତ୍ୱ ନିର୍ବାହରୁ ବିଚ୍ୟୁତ ହେବା ଅନୁଚିତ। ପରସ୍ପର ଉପରେ ବିଶ୍ୱାସ ରଖିବା ଉଚିତ। ପ୍ରଧାନ ବିଚାରପତିଙ୍କ ଏହି ମନ୍ତବ୍ୟ ଏବଂ କ୍ଷୋଭ ପଛରେ ଅନେକ କାରଣ ରହିଛି। ଗତ କିଛି ମାସ ମଧ୍ୟରେ ଅନେକ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କୁ ସମାଲୋଚନା କରାଯାଇଛି, ସୁପ୍ରିମକୋର୍ଟଙ୍କ କ୍ଷମତା ଉପରେ ପ୍ରଶ୍ନ କରାଯାଇଛି ଯାହା ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା। ସମ୍ଭବତଃ ସେଭଳି ପରିସ୍ଥିତି ସୃଷ୍ଟି ହୋଇନଥିଲା। କିନ୍ତୁ ଗଣତନ୍ତ୍ର ପରିପକ୍ୱ ଏବଂ ଜନ ସାଧାରଣ ସଚେତନ ହେବା ଫଳରେ ଏଭଳି ପ୍ରସଙ୍ଗ ସୃଷ୍ଟି ହେଉଛି। ଗତ ବର୍ଷ ଗଣେଶ ପୂଜା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୁଡ଼ଙ୍କ ଘରକୁ ଯାଇଥିଲେ। ଏହାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଥିଲେ। ପ୍ରଧାନମନ୍ତ୍ରୀ ଜଣେ ରାଜନୈତିକ ବ୍ୟକ୍ତି। ସରକାରଙ୍କ ନିଷ୍ପତ୍ତିକୁ ଚାଲେଞ୍ଜ କରି ବା ଶାସକ ଦଳର କିଛି ନେତାଙ୍କ ବିରୋଧରେ ମାମଲା ଚାଲିଥିବା ବେଳେ ପ୍ରଧାନ ବିଚାରପତିଙ୍କ ଘରକୁ ପ୍ରଧାନମନ୍ତ୍ରୀ ଯିବା କେତେଦୂର ଯଥାର୍ଥ ସେଥିନେଇ ବିରୋଧୀ ପ୍ରଶ୍ନ ଉଠାଇଥିଲେ। ଅଯୋଧ୍ୟା ମାମଲାର ରାୟ ପ୍ରକାଶ ପରେ କେତେକ ବ୍ୟକ୍ତି ଏବଂ ସଙ୍ଗଠନ ସୁପ୍ରିମକୋର୍ଟଙ୍କ ନିରପେକ୍ଷତା ଉପରେ ମଦ୍ୟ ପ୍ରଶ୍ନ ଉଠାଇଥିଲେ। ନିକଟରେ ସୁପ୍ରିମକୋର୍ଟ ଏକ ମାମଲାରେ କହିଥିଲେ ଯେ, ରାଜ୍ୟ ବିଧାନସଭରେ ଗୃହୀତ ବିଲକୁ ରାଜ୍ୟପାଳ ବା ରାଷ୍ଟ୍ରପତି ଅଧିକ ଦିନ ଅଟକାଇପାରିବେନି। ଏପରିକି ରାଷ୍ଟ୍ରପତି ମଧ୍ୟ ସର୍ବାଧିକ ୩ ମାସ ମଧ୍ୟରେ ଏହା ଉପରେ ନିଷ୍ପତ୍ତି ନେବାକୁ ବାଧ୍ୟ ଏବଂ ଯଦି ରାଷ୍ଟ୍ରପତି ବିଲକୁ ଅଗ୍ରାହ୍ୟ କରନ୍ତି ବା ଏହାକୁ ଅନୁମୋଦନ କରିବାରେ ବିଳମ୍ବ କରନ୍ତି ତେବେ ଏହାର କାରଣ ସମ୍ପର୍କରେ ତାଙ୍କୁ ଜଣାଇବାକୁ ପଡ଼ିବ ବୋଲି ସୁପ୍ରିମକୋର୍ଟ କହିଥିଲେ। ଏହା ଉପରେ ଶାସକ ଦଳର କେତେକ ସାଂସଦ ଏପରିକି ଖୋଦ ଦେଶର ଉପରାଷ୍ଟ୍ରପତି ମଧ୍ୟ ପ୍ରଶ୍ନ ଉଠାଇଥିଲେ ଏବଂ ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେବାର କ୍ଷମତା ସୁପ୍ରିମକୋର୍ଟଙ୍କର ନାହିଁ ବୋଲି କହିଥିଲେ। କାରଣ ରାଷ୍ଟ୍ରପତି ହେଉଛନ୍ତି ଦେଶର ପ୍ରଥମ ନାଗରିକ। ସେ ହେଉଛନ୍ତି ଦେଶର ସାମ୍ବିଧାନିକ ମୁଖ୍ୟ। ସୁପ୍ରିମକୋର୍ଟ ଜଣେ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ଦେଇଥିଲେ, ତାଙ୍କୁ କ୍ଷମା କରିବାର ଅଧିକାର ରାଷ୍ଟ୍ରପତିଙ୍କର ରହିଛି। ତେଣୁ ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେବାର କ୍ଷମତା ସୁପ୍ରିମକୋର୍ଟଙ୍କର ନାହିଁ ବୋଲି ଖୋଦ ଉପରାଷ୍ଟ୍ରପତି କହିଥିଲେ। ଏହା ପରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ଏକ ପତ୍ର ଲେଖି ୧୪ଟି ପ୍ରଶ୍ନ ବା ସ୍ପଷ୍ଟିକରଣ ମାଗିଛନ୍ତି।

# ଅଙ୍ଗଦାନ, ଶ୍ରେଷ୍ଠ ଦାନ


॥ ଉମେଶ ଚନ୍ଦ୍ର ପାତ୍ର ॥



> “ ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ ।


ଅଙ୍ଗଗ୍ରହିତାଙ୍କ ପାଇଁ ପ୍ରତ୍ୟାରୋପଣ ଅର୍ଥ ହେଉଛି ପୁନର୍ଜୀବନର ସୁଯୋଗ। ଏହା ଅନେକଙ୍କୁ ପୁଣି ଥରେ ସ୍ୱାଭାବିକ ଜୀବନକୁ ଫେରାଏ। ଆଗରୁ ଲୋକେ ଅଙ୍ଗଦାନ କ'ଣ ତାହା ଠିକ୍ ଭାବରେ ବୁଝିପାରୁନଥିଲେ। ଏବେ କିନ୍ତୁ ଲୋକେ ସଚେତନ ହେଲେଣି। ମୃତ୍ୟୁ ପରେ ଅଙ୍ଗପ୍ରତ୍ୟଙ୍ଗର ପୁନଃଚକ୍ରଣ ଯେ ହୋଇପାରେ ସେ କଥା ସାଧାରଣ ଲୋକେ ବି ବୁଝିଲେଣି। ମୃତ୍ୟୁପରେ ନିଜ ଅଙ୍ଗଦାନ ପାଇଁ ରାଜି ହେଲେଣି। ହେଲେ ଏତିକିରେ କ'ଣ ଦାୟିତ୍ୱ ସରିଗଲା ? ଆପଣ ଅଙ୍ଗଦାନ ପାଇଁ ରାଜି ହୋଇଗଲେମାନେ କ'ଣ ମୃତ୍ୟୁ ପରେ ଆପଣଙ୍କ ଅଙ୍ଗ କାମରେ ଲାଗିଯିବ ? ଏହାର ନିର୍ଦ୍ଦିଷ୍ଟ କାର୍ଯ୍ୟ ପ୍ରକ୍ରିୟା ଅଛି। ଆଇନଗତ ବ୍ୟବସ୍ଥା ଅଛି। ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ଚାହୁଁଥିଲେ ପ୍ରଥମେ ନିଜ ନାମ ପଞ୍ଜିକରଣ କରାନ୍ତୁ। ନାମ ପଞ୍ଜିକରଣ କରାଇଥିଲେ ପ୍ରତ୍ୟାରୋପଣ ଯୋଗ୍ୟ ଅଙ୍ଗପ୍ରତ୍ୟଙ୍ଗକୁ କାମରେ ଲଗାଇବା ଉଭୟ ଡାକ୍ତର ଓ ପ୍ରତ୍ୟାରୋପଣକାରୀଙ୍କ ପାଇଁ ସହଜ ହେବ। ନାମ ପଞ୍ଜିକରଣ ଅଙ୍ଗଦାନ ପ୍ରକ୍ରିୟାରେ ଅଯଥା ବିଳମ୍ବକୁ ହ୍ରାସ କରେ ଫଳରେ ପ୍ରତ୍ୟାରୋପଣର ସଫଳତା ବୃଦ୍ଧି ପାଏ। ବର୍ତ୍ତମାନ ଭାରତରେ କେନ୍ଦ୍ରୀୟ ପଞ୍ଜିକରଣ ବ୍ୟବସ୍ଥା ନାହିଁ। କିନ୍ତୁ ଏ ଦିଗରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଏନ୍‌ଜିଓ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି।

ଆଗରୁ ଅନେକ ଧାର୍ମିକ ଅନ୍ଧବିଶ୍ୱାସ ଯୋଗୁଁ ଅଙ୍ଗଦାନ ପ୍ରତି ବୀତସ୍ପୃହ ଥିଲେ। ଶୋକସନ୍ତପ୍ତ ପରିବାରକୁ ଅଙ୍ଗଦାନ ପାଇଁ କହିବାକୁ ଡାକ୍ତରମାନେ ମଧ ସାହସ କରିପାରୁନଥିଲେ। କିନ୍ତୁ ଏବେ ଅନେକେ ଏ ନେଇ ଦୃଷ୍ଟିଙ୍ଗୀ ବଦଳାଇଲେଣି। ପ୍ରିୟଜନଙ୍କୁ ହରାଇବାର କ୍ଷତିକୁ ତ ଅସ୍ୱୀକାର କରିହେବନି। କିନ୍ତୁ ଏ ଭିତରେ ବି ଅନ୍ୟକୁ ଜୀବନ ଦେଇପାରିବାରେ ଆତ୍ମ ସନ୍ତୋଷ ଅଛି ଏକଥା ଅନେକ ଅନୁଭବ କଲେଣି। ଅଧ୍ୟୟନରୁ ଜଣାପଡ଼ିଛି ନିଜ ପ୍ରିୟଜନର ଅଙ୍ଗରେ ଅନ୍ୟଜଣେ ବଞ୍ଚିପାରିବା ପରିବାରର ଦୁଃଖର ବୋଝକୁ ଲାଘବ କରୁଛି। ଅନେକ ଅଙ୍ଗଦାତା ପରିବାର ଅନୁଭବ କରସାରିଲେଣି ସେମାନଙ୍କ କ୍ଷତି ଭିତରେ ଏଇ ଗୋଟିଏ ମାତ୍ର ସକାରାତ୍ମକ ଦିଗ ରହିଛି।

ପ୍ରତିବର୍ଷ ଜାତୀୟ ଅଙ୍ଗଦାନ ଦିବସ ପାଳିତ ହେଉଛି। ଜଣେ ବ୍ୟକ୍ତିଙ୍କ ମସ୍ତିଷ୍କର ମୃତ୍ୟୁ ହେବାପରେ କିଡ଼ନୀ, ହାର୍ଟ, ଫୁସଫୁସ, ଲିଭର, ଅଗ୍ନାଶୟ, ପାନକ୍ରିୟାଜ ଆଦି ପ୍ରତିରୋପଣ କରାଯିବାର ବ୍ୟବସ୍ଥା ରହିଛି। ସମଗ୍ର ବିଶ୍ୱରେ ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ଆମେରିକା ଓ ଚୀନ ପରେ ଭାରତର ସ୍ଥାନ ତୃତୀୟ। ୨୦୧୩ରେ ୪୯୯୦ଟି ଅଙ୍ଗଦାନ ହୋଇଥିବାବେଳେ ୨୦୨୨ରେ ଏହି ସଂଖ୍ୟା ୧୫୫୬୧କୁ ବୃଦ୍ଧି ପାଇଛି। ଭାରତରେ କେବଳ ପାଖାପାଖି ୨ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କର କିଡ଼ନୀ ପ୍ରତିରୋପଣ ଦରକାର ପଡ଼ିଥାଏ। ତେବେ ସର୍ବପ୍ରଥମେ ଭାରତରେ ୧୯୯୪ ମସିହାରେ ସରକାରଙ୍କ ଦ୍ୱାରା ମାନବ ଅଙ୍ଗ ପ୍ରତିରୋପଣ ଆଇନ ଗୃହୀତ ହେବାପରେ ୧୯୯୭ ମାର୍ଚ୍ଚ ୨୭ରେ ମୁମ୍ବାଇ ଠାରେ ସର୍ବପ୍ରଥମ କାଡ଼ାଭରିକ୍ କିଡ଼ନୀ ପ୍ରତିରୋପଣ ହୋଇଥିଲା। କିନ୍ତୁ ଏହାର ପୂର୍ବରୁ ପ୍ରଥମ ସଫଳ କାଡ଼ାଭରିକ ହାର୍ଟ ପ୍ରତିରୋପଣ ଅଗଷ୍ଟ ୩, ୧୯୯୪ରେ ହୋଇଥିଲା। ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ଏଭଳି ଏକ ଚିକିତ୍ସା ସେବାକୁ ସ୍ମରଣ କରିବା ପାଇଁ ଜାତୀୟ ଅଙ୍ଗଦାନ ଦିବସ ପାଳନ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ସଚେତନତା ବୃଦ୍ଧି କରାଯାଉଛି। ଅଙ୍ଗଦାନ ହାରକୁ ବୃଦ୍ଧି କରିବା ପାଇଁ ବ୍ୟାପକ ସଚେତନତା ଦ୍ୱାରା ଏକ ବଡ଼ ବାର୍ତ୍ତା ଦିଆଯିବା ପାଇଁ କାର୍ଯ୍ୟ କରୁଛି ତାହା ହେଉଛି 'ମୃତ୍ୟୁ ପରେ ଜଣେ ଅଙ୍ଗଦାତା କିପରି ଅନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଜୀବିତ ରୁହେ ତାକୁ ନେଇ ସଚେତନତା ସୃଷ୍ଟି କରିବା।' ୨୦୨୦ ଫେବୃଆରୀରେ ଓଡ଼ିଶାରେ ସର୍ବପ୍ରଥମେ କାଡ଼ାଭରିକ କିଡ଼ନୀ ପ୍ରତିରୋପଣ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ କରାଯାଇଥିଲା। ଓଡ଼ିଶା ସରକାର ଅଙ୍ଗଦାତାଙ୍କୁ ସେମାନଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷ ସମ୍ମାନ ପ୍ରଦାନ କରିବା ସହ ତାଙ୍କ ପରିବାରକୁ ସୁରଜ ସମ୍ମାନରେ ସମ୍ମାନିତ କରାଯାଉଛି। ଏହା ରାଜ୍ୟରେ ଅଙ୍ଗଦାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସଚେତନତା ଦେବ। ବର୍ତ୍ତମାନ ସୁଦ୍ଧା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ୨୧୨ଟି କିଡ଼ନୀ ପ୍ରତିରୋପଣ କରାଯାଇଛି। ସେମାନଙ୍କ ଭିତରୁ କେବଳ ୧୪ଟି କାଡ଼ାଭରିକ୍ ପ୍ରତିରୋପଣ। ଚଳିତ ବର୍ଷ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଗଷ୍ଟ ୫ ତାରିଖ ଦିନ ଅନୁଷ୍ଠିତ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ ସଚେତନଧର୍ମୀ ସ୍ଲୋଗନ ରହିଛି – 'ମୁଁ ଜଣେ ଅଙ୍ଗଦାତା'। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଲିଭର ପ୍ରତିରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ୭ଟି ଲିଭର ପ୍ରତିରୋପଣ ସଫଳତାର ସହ ହୋଇଥିବାବେଳେ ସେଥିମଧ୍ୟରୁ ୨ଟି ହେଉଛି କାଡ଼ାଭରିକ ପ୍ରତିରୋପଣ। ୨ଟି କାଡ଼ାଭରିକ ଲିଭର ପ୍ରତିରୋପଣରୁ ଗୋଟିଏ ଏସସିବିରେ ହୋଇଛି।

ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ । ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ । ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ । ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତତି, ଭାଇ-ଭଉଣୀ ଆଦି ସାମିଲ । ଏମାନଙ୍କୁ ପ୍ରଲୋଭନ ଦେଇ ପ୍ରତ୍ୟାରୋପଣ ପାଇଁ ଅଙ୍ଗଦାନ କରାଇବା ମଧ ବେଆଇନ। ତେବେ ଏ ସବୁ ଭିତରେ ପ୍ରତିବର୍ଷ ହଜାର ହଜାର ରୋଗୀ ପ୍ରତ୍ୟାରୋପଣ ପାଇଁ ଅପେକ୍ଷା କରି କରି ଶେଷ ନିଶ୍ୱାସ ତ୍ୟାଗ କରନ୍ତି। କାରଣ ସେମାନଙ୍କ ପାଇଁ ଉପଯୁକ୍ତ ଅଙ୍ଗଦାତା ମିଳନ୍ତି ନାହିଁ। ଦିନକୁ ଦିନ ଏ ସମସ୍ୟା ଆହୁରି ବଢୁଛି। ଭାରତରେ ପ୍ରତିବର୍ଷ ୫ଲକ୍ଷ ଲୋକେ ଅଙ୍ଗ ପ୍ରତ୍ୟାରୋପଣ ଅଭାବରୁ ପ୍ରାଣ ହରାନ୍ତି। ଏ ମଧ୍ୟରୁ ୨ଲକ୍ଷ ଲୋକ ମୃତ୍ୟୁବରଣ କରନ୍ତି କେବଳ ଲିଭର ଅକାମୀ ହୋଇଯିବା କାରଣରୁ। ୫୦ ହଜାର ବ୍ୟକ୍ତି ହୃଦ୍ ରୋଗରେ ପ୍ରାଣହରାନ୍ତି। ଦେଢ଼ଲକ୍ଷ ରୋଗୀ କିଡ଼ନୀ ପ୍ରତ୍ୟାରୋପଣ କରନ୍ତି କିନ୍ତୁ ସେମାନଙ୍କ ମଧ୍ୟରୁ ମାତ୍ର ୫ ହଜାର ଜଣ କିଡ଼ନୀ ପାଇବାକୁ ଭାଗ୍ୟବାନ ବିବେଚିତ ହୁଅନ୍ତି। ଭାରତରେ ୧୦ଲକ୍ଷ କର୍ଣ୍ଣିଆ ଜନୀତ ରୋଗ ଯୋଗୁ ଅନ୍ଧତ୍ୱରେ ଜୀବନ କାଟନ୍ତି। ଏମାନେ ମଧ କର୍ଣ୍ଣିଆ ପ୍ରତ୍ୟାରୋପଣ ଦ୍ୱାରା ସ୍ୱାଭାବିକ ଦୃଷ୍ଟିଶକ୍ତି ଫେରିପାଇପାରିବେ। ଭାରତ ପରି ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶରେ ପ୍ରତ୍ୟାରୋପଣ ଯୋଗ୍ୟ ଅଙ୍ଗ ନମିଳିବା ପ୍ରକୃତରେ ଦୁଃଖର ବିଷୟ। ଅଧ୍ୟୟନରୁ ଜଣାପଡ଼ିଛି ୧୨୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତରେ ୧ନିୟୁତ ଲୋକଙ୍କ ପାଇଁ ମାତ୍ର ୦.୦୮ ଅଙ୍ଗଦାତା ଅଛନ୍ତି। ବୈଶିକ ପରିସଂଖ୍ୟାନ ତୁଳନାରେ ଏହି ହାର ଖୁବ୍ କମ। ସରକାରଙ୍କ ବ୍ୟତୀତ ଅନେକ ଦାତବ୍ୟ ସଂଗଠନ ଏହି କାର୍ଯ୍ୟକ୍ରମ ପାଇଁ ଆଗେଇ ଆସୁଅଛନ୍ତି। ଲୋକମାନଙ୍କ ଭିତରେ ଦିନକୁ ଦିନ ସଚେଦନତା ମଧ୍ୟ ବଢୁଛି। ଜୀବନରେ ଜଣେ ଶ୍ରେଷ୍ଠ ସେବା ଭାବେ ଅଙ୍ଗଦାନ ଦ୍ୱାରା ଯେଉଁ ଉତ୍ସର୍ଗୀକୃତ ସେବା କରିଥାନ୍ତି ତାହା ଅନ୍ୟ ମାନଙ୍କ ପାଇଁ ପ୍ରେରଣା ଯୋଗାଇଥାଏ।


ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭,


# ଧର୍ମର ବିଗ୍ରହ ଶ୍ରୀରାମ


॥ ତପନ କୁମାର ପାଳ ॥


ଶ୍ରୀରାମ ଚରିତ ମାନସରେ ଗୋସ୍ୱାମୀ ତୁଳସୀଦାସ କହିଛନ୍ତି 'କବନ ସୋ କାଜ କଠିନ ଜ୍ ମାହିଁ। ଜୋ ନାହିଁ ହୋଇ ତାତ ତୁମହ ପାହିଁ।' ଜଗତରେ ଏମିତି କିଛି କାର୍ଯ୍ୟ ନାହିଁ ଯାହା ତୁମ ଦ୍ୱାରା ସମ୍ଭବ ହୋଇନପାରିବ। ହନୁମାନ ଏହି ଚୌପାୟୀ ମାଧ୍ୟମରେ ନିଜର ଶକ୍ତି ଜଗାଇବା ଲାଗି ପ୍ରୟାସ କରିଥିଲେ, କିନ୍ତୁ ଏଥିରେ ପ୍ରତ୍ୟେକ ରାମଭକ୍ତ ପାଇଁ ବିଶେଷ ବାର୍ତ୍ତା ରହିଛି। ଆମେ ସମସ୍ତେ ଜାଣିଛୁ ଯେ ପ୍ରତ୍ୟେକ କୋଣରେ ରାମ ଅଛନ୍ତି। ଆମ ଭିତରେ ମଧ ଶ୍ରୀରାମ ଅନ୍ତର୍ମନର ଶକ୍ତି ରୂପରେ ଉପସ୍ଥିତ ଅଛନ୍ତି। ନିଜ ଜୀବନର ଲକ୍ଷ୍ୟକୁ ପାଇବା ଲାଗି ଆମେ ସମସ୍ତେ ଦୌଡ଼ୁଛୁ। ବେଳେ ବେଳେ ଲକ୍ଷ୍ୟ ପ୍ରାପ୍ତି ନହେଲେ ଆମେ ବିଷାଦଗ୍ରସ୍ତ ହୋଇପଡୁ। ନିରାଶା ଆମକୁ ଚାରିଦିଗରୁ ଘେରିଯାଏ। ଏପରି ସ୍ଥିତିରେ ଆମକୁ ନିଜ ଅନ୍ତରରେ ରାମ ଅର୍ଥାତ୍ ଅନ୍ତର୍ମନର ଶକ୍ତିକୁ ଜାଗ୍ରତ କରିବା ଲାଗି ପ୍ରୟାସ କରିବା ଆବଶ୍ୟକ। ହନୁମାନ ଯେତେବେଳେ ନିଜ ଅନ୍ତର୍ମନର ଶକ୍ତି ବିଷୟରେ ଅବଗତ ହୋଇପାରିଥିଲେ, ସେତେବେଳେ ସେ ଭାବିଲେ ଯେ ଏ ଜଗତରେ ଏମିତି କିଛି କାର୍ଯ୍ୟ ନାହିଁ ଯାହାକୁ ସେ କରିନପାରିବେ। ତାଙ୍କର ଜନ୍ମ ରାମଙ୍କ କାର୍ଯ୍ୟ କରିବା ଲାଗି ହୋଇଥିଲା। ଆତ୍ମବିଶ୍ୱାସ ଜାଗ୍ରତ ହେବା କ୍ଷଣି ହନୁମାନଙ୍କ ଶରୀର ପର୍ବ ଭଳି ବିଶାଳକାୟ ହୋଇଯାଇଥିଲା। ସାଧାରଣ ମନୁଷ୍ୟ ହନୁମାନଙ୍କ ଭଳି ମଧ ସବୁ କାର୍ଯ୍ୟ କରିବା ଲାଗି ସକ୍ଷମ, ଯାହା ହୁଏତ୍ ପ୍ରଥମ ଦୃଷ୍ଟିରେ ଅସମ୍ଭବ ଲାଗିପାରେ।

ଆତ୍ମା ହିଁ ପରମାତ୍ମା। ସୋଽହମ। ଏହି ଶବ୍ଦ ସଃ ଏବଂ ଅହମ୍‌ର ସନ୍ଧିରୁ ସୃଷ୍ଟି ହୋଇଛି। ଯାହାର ଅର୍ଥ ମୁଁ ହିଁ ସେହି। 'ମୁଁ' ହିଁ ଭଗବାନ। ଏହାର ଆଧାରରେ ଏହା କୁହାଯାଇପାରିବ ଯେ ମନୁଷ୍ୟ ହିଁ ଈଶ୍ୱର ଅଟେ, ମନୁଷ୍ୟ ହିଁ ରାମ ଅଟେ। ପ୍ରତ୍ୟେକ ଜୀବ ପରମାତ୍ମାଙ୍କ ଅଂଶ ଅଟେ। ଯଦି ସେ କୌଣସି କାର୍ଯ୍ୟ କରିଥାଏ, ଏହାର ସିଧା ଅର୍ଥ ହେଉଛି ଯେ ସେ ଏହା ଈଶ୍ୱରଙ୍କ ନିର୍ଦ୍ଦେଶରେ ହିଁ କରୁଛି। ଶ୍ରୀରାମ ମଧ ଏପରି ଲୋକର ସହାୟତା କରିଥାନ୍ତି, ଯିଏ ବିପଦରେ ପଡ଼ିଥିଲେ ମଧ ବ୍ୟତିବ୍ୟସ୍ତ ହୁଏନାହିଁ। ଧୈର୍ଯ୍ୟର ସହିତ ସଂଘର୍ଷ କରିଥାଏ। ସେଥିପାଇଁ ରାମଚରିତ ମାନସରେ କୁହାଯାଇଛି – 'ରାଜୀବ ନୟନ ଧରେଁ ଧନୁ ସାୟକ। ଭଗତ ବିପତି ଭଞ୍ଜନ ସୁଖଦାୟକ'। ଯଦି ମନୁଷ୍ୟ କଠିନ ପରିସ୍ଥିତି ସହିତ ଲଢ଼ିବା ଲାଗି ଆଗକୁ ବଢ଼ିଥାଏ, ତାହେଲେ ପଦ୍ମ ସମାନ ନେତ୍ରଧାରୀ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ତାର ରକ୍ଷା କରିବେ। ଶ୍ରୀରାମ ଭକ୍ତର ଆଧିଦୈବିକ, ଆଧିଭୌତିକ ଏବଂ ଆଧିଦୈହିକ ବିପତ୍ତିର ନାଶ କରି ସୁଖ ପ୍ରଦାନ କରିବା ଲାଗି ତତ୍ପର ହେବେ। ଆମ ଭିତରେ ଅପାର ଶକ୍ତି ରହିଛି। ଶ୍ରୀରାମ ଏବଂ ରାବଣ ମଧ୍ୟରେ ଯୁଦ୍ଧ ଭଲ ଏବଂ ମନ୍ଦ ମଧ୍ୟରେ ଯୁଦ୍ଧ ଭଳି ଥିଲା। ନର ରୂପରେ ନାରାୟଣ, ଶ୍ରୀରାମ ଯେତେବେଳେ ରାବଣର ଗୋଟିଏ ମୁଣ୍ଡ କାଟୁଥିଲେ, ତାରଆଉ ଏକ ମୁଣ୍ଡ ପ୍ରକଟ ହୋଇଯାଉଥିଲା। ଏଥିରେ ବିବ୍ରତ ନହୋଇ ଶ୍ରୀରାମ ସ୍ଥିରଚିତ୍ତରେ ଯୁଦ୍ଧ କରିଥିଲେ। ସେ ନିଜ ଶକ୍ତିକୁ ଚିହ୍ନିଲେ ଏବଂ ରାବଣର ନାଭିକୁ କେନ୍ଦ୍ର କରି ଶର ଚଳାଇଲେ। ଫଳରେ ତାର ସବୁଦିନ ପାଇଁ ଅନ୍ତ ହୋଇଗଲା। ଅଧର୍ମ ବିରୋଧରେ ଧର୍ମର ଜୟ ହୋଇଥିଲା। ସନ୍ଥ କବୀର କହିଛନ୍ତି – 'କସ୍ତୁରୀ କୁଣ୍ଡଳ ବସୈ, ମୃଗ ଢୁଂଢ଼େ ବନ ମାହି। ଏସେ ଘଟ ଘଟ ରାମ ହୈ, ଦୁନିଆ ଦେଖେ ନାହିଁ।' ଯେପରି ମୃଗର ନାଭିରେ କସ୍ତୁରି ରହିଥାଏ, କିନ୍ତୁ ସେ ତାକୁ ଜଙ୍ଗଲରେ ଖୋଜିଥାଏ। ଠିକ୍ ସେହିପରି ଈଶ୍ୱର ଅର୍ଥାତ୍ ପ୍ରକୃତ ଶକ୍ତି ଆମ ଭିତରେ ହିଁ ରହିଛି, କିନ୍ତୁ ଆମେ ତାର ସାମର୍ଥ୍ୟକୁ ଚିହ୍ନି ପାରିନଥାଉ। ପବିତ୍ର ବାଇବେଲରେ ମଧ କୁହାଯାଇଛି – ନିଜ ଭିତରକୁ ଦେଖ ନିଜକୁ ଜାଣ।

ଶ୍ରୀରାମ ଚରିତମାନସରେ ଆଉ ଏକ ଚୌପାୟୀରେ ଗୋସ୍ୱାମୀ ବର୍ଣ୍ଣନା କରିଛନ୍ତି – 'ଜାନତ ତୁମହିଁ ତୁମହିଁ ହୋଇ ଜାଇ'। ଅର୍ଥାତ୍ ଯିଏ ଈଶ୍ୱରଙ୍କୁ ଜାଣିନେଇଛି, ସେ ନିଜେ ଈଶ୍ୱର ହୋଇଯାଇଛି। ଆମ ଭିତରେ ଅସୀମ ଶକ୍ତି ରହିଛି। ଏହାକୁ ସକ୍ରିୟ ରଖିବା କରିବା ଲାଗି ଏକାଗ୍ର ହେବା ଅତ୍ୟନ୍ତ ଜରୁରୀ। ଯଦି ଆମେ ଏକାଗ୍ରଚିତ୍ତ ହୋଇ କୌଣସି କାର୍ଯ୍ୟ କରୁ, ତାହେଲେ ଆମ ଶକ୍ତି ସୁପ୍ତ ହେବନାହିଁ। ଶ୍ରୀରାମ ଗୁରୁ ବଶିଷ୍ଠ ଏବଂ ଗୁରୁ ବିଶ୍ୱାମିତ୍ରଙ୍କ ଆଶ୍ରମରେ ରହି କେବଳ ଯୋଗ-ଧ୍ୟାନ ନୁହେଁ ବରଂ ସନ୍ଧ୍ୟାବନ୍ଦନା ଏବଂ ଗାୟତ୍ରୀ ମନ୍ତ୍ର ଜପକୁ ମଧ ନିଜ ଦିନଚର୍ଯ୍ୟାରେ ସାମିଲ କରିଥିଲେ। ଏହାଦ୍ୱାରା ସେ ନିଜ ଭିତରେ ଥିବା ଶକ୍ତିକୁ ଜାଗ୍ରତ କରିଥିଲେ। ପ୍ରକୃତରେ ମନୁଷ୍ୟର ମସ୍ତିଷ୍କ ଶକ୍ତିର କୌଣସି ସୀମା ନାହିଁ। ଯଦି ଆମେ ନିଜ ଭିତରର ଶକ୍ତିକୁ ଜାଗ୍ରତ କରିବାର ଅଛି, ତାହେଲେ ମସ୍ତିଷ୍କକୁ ଏକାଗ୍ରତାର ଚରମ ସୀମାକୁ ନେଇଯିବାର ଅଛି। ନକାରାତ୍ମକ ବିଚାର ଆମର ଅନ୍ତରୀଣ ଶକ୍ତିକୁ ଆଚ୍ଛାଦିତ କରି ରଖିଥାଏ, ଯେଉଁ କାରଣରୁ ଏହାର ଆଲୋକ ବାହାରକୁ ଆସିପାରିନଥାଏ। ଉଦାହରଣ ସ୍ୱରୂପ ଯଦି ମନୁଷ୍ୟ ଥକା ଅନୁଭବ କରିଥାଏ, ତାହେଲେ ସର୍ବପ୍ରଥମେ ସେ ଏହା ଭାବିଥାଏ ଯେ ସେ ଥକିଯାଇଛି। ଯାହାର ଫଳସ୍ୱରୂପ ଅନ୍ତରୀଣ ଶକ୍ତିର ଆଲୋକ ମଧ ଦୁର୍ବଳ ହୋଇଯାଏ। ଅନ୍ୟପଟେ ଯଦି ମସ୍ତିଷ୍କରେ ସକାରାତ୍ମକ ବିଚାର ଉତ୍ପନ୍ନ ହୋଇଥାଏ, ତାହେଲେ ଅନ୍ତରୀଣ ଶକ୍ତି ମଧ ସକ୍ରିୟ ହୋଇଯାଏ। ଶ୍ରୀରାମ ହେଉଛନ୍ତି ସତ୍ୟ ଏବଂ ଲକ୍ଷ୍ମଣ ସମର୍ପଣର ପ୍ରତୀକ। ଯେଉଁମାନଙ୍କ ଜୀବନରେ ସତ୍ୟ ଏବଂ ସମର୍ପଣ ରହିବ, ତାଙ୍କର ସମସ୍ତ ଅନୁଷ୍ଠାନ ପୂରଣ ହେବ। ଶ୍ରୀରାମ ମଧ କେବେହେଲେ ଧର୍ମକୁ କର୍ମକାଣ୍ଡ ମଧ୍ୟରେ ସୀମିତ ରଖିନଥିଲେ। ଗରିବ, ଦୁଃଖି, ବଞ୍ଚିତ, ପୀଡ଼ିତଙ୍କ ସହାୟତାକୁ ହିଁ ସେ ଧର୍ମ ବୋଲି ଗ୍ରହଣ କରିନେଇଥିଲେ। ସଫଳତା ମିଳିଯିବା ପରେ ଅର୍ଥାତ୍ ଅଯୋଧାର ରାଜା ହେବା ପରେ ମଧ ସେ ସଂଯମ ବଜାୟ ରଖିଥିଲେ। ଅନ୍ତର୍ମନର ଯାତ୍ରା ଲାଗି ସଂଯମ ସହିତ ସଦାଚାରର ମଧ ଆବଶ୍ୟକତା ରହିଛି। ଜୀବନରେ ଆପଣଙ୍କ ପରିଚୟ ଅନ୍ତର୍ମନ ସହିତ ହେଲେ ବ୍ୟକ୍ତିତ୍ୱରେ ଶୁଦ୍ଧତା ଏବଂ ସୌମ୍ୟତା ଆସିଥାଏ। ଭେଦଭାବରୁ ବଞ୍ଚିତ ଶ୍ରୀରାମଙ୍କ ପାଇଁ ଛୁଆଁ ଅଛୁଆଁ, ଧନୀ ଗରିବ, ଉଚ୍ଚନୀଚ ମଧ୍ୟରେ କୌଣସି ଭେଦଭାବ ନଥିଲା। ତେଣୁ ଶ୍ରୀରାମଙ୍କୁ ସାକ୍ଷାତ ଧର୍ମର ବିଗ୍ରହ ବୋଲି କୁହାଯାଇଛି – ରାମୋ ବିଗ୍ରହବାନ ଧର୍ମଃ। ଶ୍ରୀରାମଙ୍କ ସତ୍ୟନିଷ୍ଠା ବିଷୟରେ ମହର୍ଷି ବାଲ୍ମିକୀ ଲେଖିଛନ୍ତି – 'ରାମଃ ଦ୍ୱିର୍ନ ଭୋ' – ରାମ ଦୁଇ ଥର କୁହନ୍ତି ନାହିଁ। ଆଚରଣ କଥା କହିଲେ – ଶୂର୍ପଣଖା ପରମ ରୂପବତୀ ହୋଇ ଶ୍ରୀରାମଙ୍କ ସମ୍ମୁଖରେ ପ୍ରକଟ ହୋଇଥିଲା। ଏକ ପତ୍ନୀ ବ୍ରତ ଏବଂ ସଦାଚାରୀ ରାମ ତାକୁ ନାକଚ କରିଦେଇଥିଲେ। ଯଦି ରାମଙ୍କ ଭଳି ଏହି ଗୁଣକୁ ଆମେ ନିଜ ଭିତରେ ସମାହିତ କରିଦେବୁ, ତାହେଲେ ଅନ୍ତର୍ମନରେ ଶକ୍ତିକୁ ସହଜରେ ଜାଗ୍ରତ କରାଯାଇପାରିବ।


ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨


# ଦାରାଧିନ ସ୍ତଥା ସ୍ୱର୍ଗଃ...


॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥


ନାରୀଙ୍କୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ। ନାରୀଙ୍କୁ ତାଙ୍କ ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ ଦିଆଯାଇଛି। ସତ୍ୟଯୁଗରେ ସାବିତ୍ରୀ, ତ୍ରେତୟା ଯୁଗରେ ସୀତା, ଅନୁସୂୟା, ଦ୍ୱାପରରେ କୁନ୍ତୀ, ଦ୍ରୌପଦୀ ଆଦି ନିଜ ନିଜର ପବିତ୍ରତା ଓ ପରାକାଷ୍ଠା ବଳରେ ଯୁଗେ ଯୁଗେ ବନ୍ଦିତ। ଇତିହାସରୁ ଜଣାଯାଏ ଝାନସୀରାଣୀ ଲକ୍ଷ୍ମୀବାଈ, ସରୋଜିନୀ ନାଇଡୁ, ଅରୁଣା ଆସଫ୍ ଅଲ୍ଲୀ, ସୁଚେତା କୃପାଳିନୀ, କମଳା ନେହେରୁ, କସ୍ତୁରବା ଗାନ୍ଧୀ, ମଦରଟେରେସା, ଇନ୍ଦିରାଗାନ୍ଧୀ, ନନ୍ଦିନୀ ଶତପଥୀ ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି।

ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି – 'ଅଯଜ୍ଞୋ ବା ଏଷ ପୋଽପତ୍ନୀକଃ।।' ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ – ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି – 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜ ପ୍ରତି ଗୁରୁବାଣୀ ପ୍ରଦାନ କରି କହିଛନ୍ତି 'ମଣିଷର କାମ ପ୍ରବୃତ୍ତିକୁ ଦମନ କରିବା ପାଇଁ ମାତୃ ଭାବ ଗୋଟିଏ ମହୌଷଧି ଭଳି କାର୍ଯ୍ୟ କରିଥାଏ। ମଣିଷର ଆଦି ବାକ୍‌ସ୍ଫୁରଣର ପ୍ରଥମ ଶବ୍ଦ ହେଉଛି ମାଆ।' ଏହା ନିଃସନ୍ଦେହ ମନ ଭିତରେ ମାତୃଭାବ ଜାଗରିତ ହେଲେ ମଣିଷର କୁପ୍ରବୃତ୍ତି ଅବଦମିତ ହୁଏ। ପ୍ରାଚୀନ ଇତିହାସର ତଥ୍ୟରୁ ଜଣାଯାଏ ମାଆ ଜଗତ୍‌ଜନନୀ ଦୁର୍ଗାଙ୍କର ବିଶ୍ୱବିମୋହନ ମାତୃମୂର୍ତ୍ତି ଦର୍ଶନ କରି ମହିଷାସୁରର ଉତ୍କଟ କାମ ପ୍ରବୃତ୍ତି ଅବଦମିତ ହୋଇଥିଲା। ସେହିପରି ଦୁରାଚାରୀ ରାବଣ ସତୀ ସୀତାଙ୍କୁ ଅପହରଣ କରିବା ପରେ ତାଙ୍କର ମାତୃତ୍ୱମୟୀ ବ୍ୟକ୍ତିତ୍ୱର ପ୍ରଭାବରେ ଅଭିଭୂତ ହୋଇ ତାଙ୍କୁ ମା' ବ୍ୟତୀତ ଆଉ କିଛି ବି ଭାବିପାରି ନଥିଲା। ପରମ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆମ ସମୟରେ ମାତୃ ଜାତିଙ୍କୁ ସମ୍ଭାଷଣ ପ୍ରଦାନରେ କହିଛନ୍ତି – 'ଝିଅ ମୋର, ତୁମର ସେବା, ତୁମର ଚାଲିବା, ତୁମର ଚିନ୍ତା, ତୁମର କହିବା – ପୁରୁଷ ଜନସାଧାରଣଙ୍କ ମଧ୍ୟରେ ଯେପରି ଏପରି ଗୋଟିଏ ଭାବର ସୃଷ୍ଟି କରେ – ଯେଉଁଥିରେ ସେମାନେ ଅବନତ ମସ୍ତକରେ, ନତଜାନୁ ହୋଇ ସସମ୍ଭ୍ରମେ, ଭକ୍ତି ଗଦ ଗଦ କଣ୍ଠରେ ମା'ମୋର, ଜନନୀ ମୋର, କହି ମୁଗ୍ଧ ହୁଅନ୍ତି, ବୁଦ୍ଧ ହୁଅନ୍ତି, ତୃପ୍ତ ହୁଅନ୍ତି, କୃତାର୍ଥ ହୁଅନ୍ତି – ତେବେ ହିଁ ତୁମେ ଝିଅ – ତେବେ ହିଁ ତୁମେ ସତୀ।'

ପରମପୁରୁଷ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦୃଷ୍ଟିରେ ନାରୀ ଓ ପୁରୁଷ ଉଭୟଙ୍କର ଉଲ୍ଲେଖଯୋଗ୍ୟ ସମାନ୍ତରାଳ ବୈଶିଷ୍ଟ୍ୟ ରହିଛି। ନାରୀ ଜୀବନର ବୈଶିଷ୍ଟ୍ୟ ହେଲା – ସ୍ନେହ, ମମତା, ପ୍ରୀତି, ପ୍ରେମ, ସେବା, ସଂରକ୍ଷଣ, ପ୍ରେରଣା ଓ ସୁପ୍ରଜନନ। କୁମାରୀ, ବଧୂ ଏବଂ ମାଆ ଭୂମିକାରେ ନାରୀର ଅବଦାନ ମନୁଷ୍ୟ ଜୀବନକୁ ମଧୁମୟ କରିଉଠାଏ। ଗୋଟିଏ ହାତରେ ଗୃହକର୍ମ ଓ ଅନ୍ୟ ଏକ ହାତରେ ଗୃହ ଶାସନ। ଦୁଇପକ୍ଷ ବିଶିଷ୍ଟ ସମାଜ ଜୀବନରେ ନାରୀ ଗୋଟିଏ ପକ୍ଷ ଓ ପୁରୁଷ ଅନ୍ୟ ଏକ ପକ୍ଷ। ପୁରୁଷ ବୈଶିଷ୍ଟ୍ୟ ମଧ୍ୟରେ ରହିଛି – ପୂରଣ ପ୍ରବଣତା, ସାହସ, ବୀର୍ଯ୍ୟ, ପରାକ୍ରମ ଓ ଆଦର୍ଶପ୍ରାଣତା। ପୁରୁଷ ଛୁଟି ଚାଲେ ଆଦର୍ଶଙ୍କ ପଛରେ ଓ ନାରୀ ଛୁଟି ଚାଲେ ପୁରୁଷ ପଛରେ, ଆଦର୍ଶପ୍ରାଣତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ।

ପୁରୁଷ ଓ ନାରୀର ଅଧିକାର ସେମାନଙ୍କର ଏହିପରି ବୈଶିଷ୍ଟ୍ୟରୁ ହିଁ ଭଗବାନ ନିର୍ଦ୍ଧାରଣ କରିଛନ୍ତି। ନାରୀର ସ୍ୱାଧୀନତା ତାଙ୍କର ବୈଶିଷ୍ଟ୍ୟରେ, ଆଉ ଏହି ବୈଶିଷ୍ଟ୍ୟ ଯେଉଁଠାରେ ମୁଖର ଓ ପ୍ରେରଣା ପରିପୃଷ୍ଟ, ସେହିଠାରେ ହିଁ ରହିଛି ନାରୀର ମୁକ୍ତି ବା ସ୍ୱାଧୀନତା। ନରର ବୃତ୍ତିଗୁଡ଼ିକ ଯେଉଁ ନାରୀ ଠାରେ ପରିପୋଷିତ ଓ ପରିବର୍ଦ୍ଧିତ ହୁଏ ଅର୍ଥାତ୍ ଯେଉଁ ନାରୀ ଯେଉଁ ନରର ବୃତ୍ତି ଗୁଡ଼ିକ ନେଇ ସନ୍ତୁଷ୍ଟ, ପୁଷ୍ଟ ଓ ସମ୍ବର୍ଦ୍ଧନାରେ ଯତ୍ନବତୀ, ସେହି ନରନାରୀର ମିଳନ ହିଁ ଶୁଭ। ନାରୀର ଅର୍ନ୍ତନିହିତ ଝୁଙ୍କ୍, ମାତୃତ୍ୱରେ, ଯେଉଁମାନେ ମାତୃତ୍ୱକୁ ଖର୍ବ କରି ନାରୀତ୍ୱର ପ୍ରତିଷ୍ଠା କରିବାକୁ ଚାହାଁନ୍ତି ସେମାନେ ସର୍ବନାଶୀ।

ନାରୀ ପୁରୁଷର ପରିପୋଷକ, ଉଭୟ ମିଶି ଏକ, ନାରୀ ହେଉଛି ପୁରୁଷ ସତ୍ତାର ବାକୀ ଅଂଶ। ସ୍ୱାମୀ ହେଉଛି ସ୍ତ୍ରୀର ସତ୍ତା, ପୁରୁଷର ଏହି ଉଦ୍‌ବେଳାୟିତ ଅବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା ନିମିତ୍ତ ତାକୁ ପୁରୁଷ ଶ୍ରେଷ୍ଟ, ଇଷ୍ଟ, ଗୁରୁ ବା ପୁରୁଷୋତ୍ତମ ସହିତ ସଂଲଗ୍ନ ହେବା ଏକାନ୍ତ ଆବଶ୍ୟକ, ନଚେତ୍ ପୌରୁଷ୍ୱ ଲୋପ ପାଇଯାଏ।


ସହପ୍ରତିରତ୍ୱିକ ଓ ପ୍ରଫେସର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ବିଷ୍ଣୁଙ୍କ ପରେ ହନୁମାନଙ୍କ ପାଳି, ଏକାଥରେ ସିରିଜ୍ ଚୋରୀ

କାକଟପୁର, (ମହାଭାରତ) : ଦିନକୁ ଦିନ କାକଟପୁର ରେ ବୃଦ୍ଧି ପାଇବାକୁ ଲାଗୁଛି, କିନ୍ତୁ ସଠିକ ଭାବେ ତଦନ୍ତ ହେଉନାହିଁ କି ପ୍ରକୃତ ଚୋରୀ ଦ୍ରବ୍ୟ ଠାବ କରିବାରେ ପୋଲିସ ରେ ବିଫଳତା ପ୍ରକାଶ ପାଉଛି, ଗତକାଲି କାକଟପୁର ବଲରା ସ୍ଥିତ ମାଧବାନନ୍ଦ ମନ୍ଦିର, ପଡିସାହି ମହାବୀର ମନ୍ଦିର ଓ ଆଲୋକ କୁମାର ଦାସ ନାମକ ଜଣେ ବ୍ୟକ୍ତି ଙ୍କ ଘରୁ ଚୋରୀ ହୋଇଛି, ଏହି ସିରିଜ୍ ଚୋରୀ କୁ ନେଇ ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳ ରେ ଭୟ ର ବାତାବରଣ ସୃଷ୍ଟି ହୋଇଛି,ଆଜି ଐତିହାସିକ ବରା ମାଧବାନନ୍ଦ ମନ୍ଦିର ର ପୂଜାରୀ ବିଜୟ କୁମାର ଦାସ ଠାକୁର ଙ୍କ ନୀତି ପାଇଁ ମନ୍ଦିର କୁ ଆସି ଦ୍ୱାର ଫିଟାଇବା ବେଳକୁ ଦେଖନ୍ତି ଠାକୁର ଙ୍କ ଦ୍ୱାର କୁନ୍ଦା ତଡା ହୋଇଛି, ସେ ଭୟଭୀତ ହୋଇ ସ୍ଥାନୀୟ ଲୋକ ଙ୍କୁ ଡାକିଥିଲେ ଓ ଥାନା ରେ ଲିଖିତ ଅଭିଯୋଗ ଦେଇଥିଲେ, ଅଭିଯୋଗ ମୁତାବକ ଠାକୁର ଙ୍କର ରୁପା ହାର,ପିତଳ ଢାଳ ୨ଟା, ଥାଳି ୧ଟି, ବାଲ୍ଟି ୧ଟି, ଘଣ୍ଟ ୧ଟି, ହାତ ଘଣ୍ଟି ୨ଟା ଗାୟବ ଅଛି, ଠିକ ସେହିପରି କିଛି ଦୂର ରେ ପଡିସାହି ମହାବୀର ମନ୍ଦିର ରୁ ହନୁମାନ ଙ୍କ ୧ଟିଏ ରୁପାର ମୁକୁଟ, ସୁନା ଆଖି ୨ ଟି,ଅନ୍ୟ ରୁପା ସାମଗ୍ରୀ ୨ ଟି ଓ ଠାକୁର ଙ୍କ ହୁଣ୍ଡୀ ତଡା ଯାଇଛି ଯେଉଁଥିରେ ୧୫ ରୁ ୨୦ ହଜାର ଭକ୍ତ ଙ୍କ ଅନୁଦାନ ଟଙ୍କା ରହିଥିଲା, ଏହି ବାବଦରେ ପୂଜକ ବିପିନ ବିହାରି ଦାସ ଏକ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି, ଏହି ମହାବୀର ମନ୍ଦିର ନିକଟରେ ଆଲୋକ କୁମାର ଦାସ ଙ୍କ ଘରୁ ଗ୍ୟାସ ସିଲିଣ୍ଡର ସହିତ ଗୋଟେ ପାଣି ମଟର ମଧ ଚୋରୀ ହୋଇଛି, ଏହି ବାବଦରେ ମଧ ତାଙ୍କ ତରଫରୁ ଥାନା ରେ ଲିଖିତ ଅଭିଯୋଗ ହୋଇଛି, ଆପଣଙ୍କ ଅବଗତ ନିମନ୍ତେ କହିରଖୁଛୁ ଗୋଟେ ମାସ ତଳେ ମାଧବାନନ୍ଦ ମନ୍ଦିର ରୁ ରୁପା ଆଖି ସହ ରୁପା ହାର ଚୋରୀ ହୋଇଥିଲା, ପରେ ପୁନଃବାର ଆଜି ନୂଆ ରୁପା ହାର ଚୋରୀ ହୋଇଛି, ଏହି ଘଟଣା ର ପୃଥକ ପୃଥକ ଏତଲା ପାଇବା ପରେ କାକଟପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି, ଅଞ୍ଚଳ ରେ ଦିନକୁ ଦିନ ନିଶାଡୀ ଙ୍କ ଆଡ୍ଡା ଜମୁଛି ସେଥିପାଇଁ ମନ୍ଦିର ମାନଙ୍କ ରେ ଚୋରୀ ବୃଦ୍ଧି ପାଉଛି କି କୌଣସି ଲୁଟେରା ଗ୍ୟାଙ୍ଗ ସକ୍ରିୟ ଅଛନ୍ତି ତାହା ସନ୍ଦେହ ଜନକ, ପୋଲିସ ରେ କଡା ପେଟ୍ରୋଲିଙ୍ଗ ଅଭାବ ଓ ବାରମ୍ବାର ଲୁଟ କୁ ନେଇ ସାଧାରଣ ରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଏବେ ସମ୍ପୂର୍ଣ୍ଣ ରୂପେ ପୋଲିସ ପ୍ରଶାସନ ପାଇଁ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି, ଏବେ ଏହି ସିରିଜ୍ ଲୁଟ ର ପର୍ଦାଫାସ କେବେ ହେଉଛି ଦେଖିବାକୁ ବାକି ରହିଲା ।

## ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀରେ ଲେଭଲ-୨ ଅନସାଇଟ୍ ଡିଜାଷ୍ଟର ଡ୍ରିଲ୍



ପାରାଦୀପ-୦୫।୦୭.- ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀ ପକ୍ଷରୁ ଶନିବାର ଦିନ ପାରାଦୀପ ରିଫାଇନାରୀ ପରିସରରେ ଲେଭଲ-୨ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା । ରିଫାଇନାରୀ ଏହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ଯାଂଚ କରାଯାଇଥିଲା । ପାରାଦୀପ ରିଫାଇନାରୀ ଅନୁମୋଦିତ ଇମରର୍ଜେନ୍ସି ରେସପନ୍ସ ଆଣ୍ଡ ଡିଜାଷ୍ଟର ମ୍ୟାନଜମେ□ ପ୍ଲାନ୍ ଅନୁଯାୟୀ ଏହି ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା । ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ଏହି ଅଭ୍ୟାସରେ ସାମିଲ ହୋଇଥିଲେ । ପାରାଦୀପ ରିଫାଇନାରୀର ଏସଏଆରୟୁ ୟୁନିଟ୍‌ରେ ଗାସକେଟ୍ ଫାଟିଯିବା ପରେ ଯଦି ଏଚ୨ଏସ ଲିକେଜ୍ ହୁଏ, ତାହାକୁ କିପରି ସଫଳତାର ସହିତ ମୁକାବିଲା କରାଯିବ ସେ ସମ୍ପର୍କରେ ମକଡ୍ରିଲ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୟଯାୟୂ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ୍ ସଠିକ୍ ଭାବରେ ସ୍ଥିତ ହୋଇଥିଲା । ଡ୍ରିଲ୍ ସମ୍ପ୍ତ ହେବା ପରେ ପାରାଦୀପ ରିଫାଇନାରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନାରୀ ପ୍ରମୁଖ କୌଶିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।

## ପୁଣି ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ଅଚଳ ଅବସ୍ଥା

ନୟାଗଡ଼, (ମହାଭାରତ) : ପୁଣି ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ଅଚଳ ଅବସ୍ଥା । ପରିଚାଳନା ପରିଷଦ ଏବଂ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ହୋଇଛି ମୁହାଁମୁହିଁ ସ୍ଥିତି । ବାର କୋଟି ଟଙ୍କାର ବ୍ୟାଙ୍କ ବଜେଟ୍ ଅନୁ ମୋଦନଙ୍କୁ ନେଇ ହାଇ କୋର୍ଟର ଦ୍ୱାରସ୍ଥ ହୋଇଛି ପରିଚାଳନା ପରିଷଦ । ସେପଟେ ଆୟକର ଠକିବା ପାଇଁ ବ୍ୟାଙ୍କର ଦୁଇ କୋଟି ଦଶ ଲକ୍ଷ ଟଙ୍କା ହେରଫେର ଅଭିଯୋଗରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ଏହାକୁ ନେଇ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ଧୀରେ ଧୀରେ ରାଜନୀତି ଉଷ୍ମ ହେବାରେ ଲାଗିଛି । ବ୍ୟାଙ୍କ୍ ପରିଚାଳନା ପରିଷଦ ସଭାପତି ରବୀନ୍ଦ୍ର ସାହୁ ହାଇକୋର୍ଟଙ୍କ ରାୟ ସଂକ୍ରାନ୍ତରେ ଜିଲ୍ଲାପାଳଙ୍କୁ ଚିଠି ଲେଖି ଏ ସମ୍ପର୍କରେ ଅବଗତ କରିଛନ୍ତି । ଆଉ ସେ ଅଭିଯୋଗ କରିଛନ୍ତି ବ୍ୟାଙ୍କର ପରିଚାଳନା ପରିଷଦ ବିଜେଡ଼ି ଦାଖଲ ରେ ରହିଥିବା ରୁ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପରିଚାଳନା ପରିଷଦ ର ବିନା ଅବଗତରେ ବେଆଇନ କାର୍ଯ୍ୟ କରିଛନ୍ତି । ଗତ ମାର୍ଚ୍ଚ ୨୯ ତାରିଖରେ ବ୍ୟାଙ୍କ୍ ପକ୍ଷରୁ ବାର କୋଟି ଟଙ୍କା ଓଡ଼ିଶା ସମବାୟ ବ୍ୟାଙ୍କୁ ବଜେଟ୍ ଅନୁ ମୋଦନ ପାଇଁ ପଠାଯାଇଛି । ଏହାକୁ ମଧ ଓଏସ୍ ?ବି ଅନୁମୋଦନ କରିଛି । ଏହା ବ୍ୟାଙ୍କ ପକ୍ଷରୁ ବେଆଇନ ଭାବେ କରାଯାଇଥିବା ପରିଚାଳନା ପରିଷଦ ପକ୍ଷରୁ ଦର୍ଶାଯାଇଛି । ଫଳରେ ଏହାକୁ ନେଇ କେନ୍ଦ୍ର ସମବାୟ ବ୍ୟାଙ୍କରେ ବିବାଦ ଦେଖା ଦେଇଛି । ବ୍ୟାଙ୍କ ପକ୍ଷରୁ କରାଯାଇଥିବା ଏଭଳି ବେଆଇନ କାର୍ଯ୍ୟଙ୍କୁ ବିରୋଧ କରି ପରିଚାଳନା ପରିଷଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ହାଇକୋର୍ଟଙ୍କ ରାୟ ପରେ କେନ୍ଦ୍ର ସମବାୟ ବ୍ୟାଙ୍କ୍ ପାଇଁ ଅଡୁଆ ବଢ଼ିଛି । ବଜେଟ୍ ଉପରେ ରହିତାଦେଶ ଜାରି କରାଯାଇଥିବା ବାର୍ଷିକ ଖର୍ଚ୍ଚ ଓ କର୍ମଚାରୀ ମାନଙ୍କୁ ଦରମା କେମିତି ଦିଆଯିବ ଏହାକୁ ନେଇ ବ୍ୟାଙ୍କରେ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି । ହାଇକୋର୍ଟଙ୍କ ରାୟକୁ ବ୍ୟାଙ୍କ୍ ସମ୍ପାଦକ ବେଖାତିରି କଲେ । ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ପରିଚାଳନା ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି । ନୟାଗଡ଼ ଜିଲ୍ଲାରୁ କେନ୍ଦ୍ର ସମବାୟ ବ୍ୟାଙ୍କ କୁ ଭାଙ୍ଗିବା ପାଇଁ ଏଭଳି ଚକ୍ରାନ୍ତ କରାଯାଉଥିବା ଅଭିଯୋଗ ହୋଇଛି । ଅନ୍ୟ ପଟେ ଅଭିଯୋଗ ହୋଇଛି ୨୦୦୯ ମସିହାରୁ ଆୟକର ଠକେଇ ଲୁଚେଇବା ପାଇଁ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ବେଆଇନ ଭାବେ ୨ କୋଟି ୧୦ ଲକ୍ଷ ଟଙ୍କା ହେରଫେର କରିଛି । ୨୦୦୯ ମସିହାରୁ କେନ୍ଦ୍ର ସମବାୟ ବ୍ୟାଙ୍କ ହୋଇଥିବା ଆୟକର ଏବଂ ଜି.ଏସ୍.ଟି ବାବଦରେ ହୋଇଥିବା ବଡ ଧରଣର ଦୁର୍ନୀତିଙ୍କୁ ଚପାଇବା ପାଇଁ ଉଭୟ ପରିଚାଳନା ପରିଷଦ ଏବଂ ବ୍ୟାଙ୍କର ପୂର୍ବତନ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲାଗି ପଡିଛନ୍ତି । ସେପଟେ ଗତ ଏପ୍ରିଲ ମାସରେ ବ୍ୟାଙ୍କର ୩୬୫ କୋଟି ଟଙ୍କାର ଆୟକର ଠକେଇ ନେଇ ଓସିଏ ଆକ୍ଟ ସେକ୍ସନ ୬୫ ରେ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।ରାଜ୍ୟ ସମବାୟ ବିଭାଗ ନିବନ୍ଧକଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ନିବନ୍ଧକ ଭକ୍ତ ଚରଣ ସାହୁ, ଯୁଗ୍ମ ନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି, ସ ?ହକାରୀ ନିବନ୍ଧକ ଅଶୋକ ଦାଶ ପ୍ରମୁଖ ବ୍ୟାଙ୍କରେ ପହଞ୍ଚି ତଦନ୍ତ କରିବା ସହ କାଗଜ ପତ୍ର ଯାଞ୍ଚ କରିଛନ୍ତି । ତଦନ୍ତ ବେଳେ ଅଧିକାରୀ ମାନେ ଆବଶ୍ୟକ କରୁଥିବା କାଗଜପତ୍ର ବ୍ୟାଙ୍କ୍ କର୍ମଚାରୀମାନେ ଯୋଗାଇ ପାରିନଥିବା ବେଳେ ସେପଟେ ଗତ ୧୭ ତାରିଖରେ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ବିଭାଗର ଜଣେ ବରିଷ୍ଠ ଅଧିକାରୀ ବ୍ୟାଙ୍କରେ ପହଞ୍ଚି ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ କର୍ମଚାରୀ ମାନଙ୍କୁ ପଚରାଉଚରା କରିଛନ୍ତି । ତଦନ୍ତ ବେଳେ ଜଣା ପଡିଛି ଆୟକାର ଠକେଇ ମାମଲାରେ ଦୁଇ କୋଟି ଦଶ ଲକ୍ଷ ଟଙ୍କା ହେରଫେର ହୋଇଛି । ଇଓଡବ୍ଲୁ ପକ୍ଷରୁ ବ୍ୟାଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଜବତ କରାଯିବା ସହ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜୟ କୁମାର ପଟ୍ଟନାୟକଙ୍କୁ ମଧ ପଚରାଉଚରା କରାଯାଇଛି । ଦୁଇ ପୁଅର ତଦନ୍ତ ବେଳେ ତିନି ତିନିଟା ପାନ୍ ?କାର୍ଡ କରାଯାଇ ବ୍ୟାଙ୍କର ଲକ୍ଷ ଲକ୍ଷ ଟଙ୍କା ହଡପ ହୋଇଥିବା ଇଓଡବ୍ଲୁ ହାତରେ ପ୍ରମାଣ ଲାଗିଛି । ଆୟକର ସଂଶୋଧନ କରିବା ନାଁ ରେ ବ୍ୟାଙ୍କର ପରିଚଳନା ବୋର୍ଡ ୨ କୋଟି ୧୦ ଲକ୍ଷ ଟଙ୍କା ହେରଫେର ଘଟଣାର ତଦନ୍ତ ଇଓଡବ୍ଲୁ କରୁଥିବା ବେଳେ ସେପଟେ ବ୍ୟାଙ୍କ ପକ୍ଷରୁ ବାର୍ଷିକ ବ୍ୟୟକୁ ନେଇ କରାଯାଇଥିବା ବଜେଟ୍ ଉପରେ ହାଇକୋର୍ଟ ସ୍ଥଗିତାଦେଶ କରିଛି । ଏବେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ଅଚଳ ଅବସ୍ଥା ଦେଖା ଦେଇଛି । ଉଭୟ ବ୍ୟାଙ୍କ ଓ ପରିଚାଳନା ପରିଷଦ ମଧ୍ୟରେ ଚାଲିଥିବା ପତିଆରା ଲଢ଼େଇ ଚାଷୀଙ୍କ ପାଇଁ କାଳ ହୋଇଛି ।

## ଦେଶୀ ମଦ ଜବତ, ୧ ଗିରଫ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଗୋଡ଼ିବିଡ଼ା ଗ୍ରାମର ଅଖିଳ ନାୟକଙ୍କ ଠାରୁ ୨୦ ଲିଟର ଦେଶୀ ମଦ ଏବଂ ଏକ ମହେନ୍ଦ୍ରା ମୋଟର ସାଇକେଲ ଜବତ କରାଯିବା ସହିତ ଅଖିଳ ଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ଚଢାଉ ସମୟରେ ଦଶପଲ୍ଲା ଅବକାରୀ ଥାନା ଅଧିକାରୀ ଭବାନୀ ଶଙ୍କର ବେହେରାଙ୍କ ସମେତ କନେଷ୍ଟବଲ ପ୍ରଦୀପ୍ତ କୁମାର ନାଏକ, ପ୍ରହଲ୍ଲାଦ ପ୍ରଧାନ ଓ ଲକ୍ଷ୍ମୀ ମହାରଣା ପ୍ରମୁଖ ସାମିଲ ହୋଇଥିଲେ ।

## ଜିଲ୍ଲା ପ୍ରଶାସନ ତରଫରୁ 'ଗରିବ କଲ୍ୟାଣ ଓ ବିକାଶ ସମାବେଶ




ଅନୁଗୋଳ (ମହାଭାରତ): ଜିଲ୍ଲା ପ୍ରଶାସନ ତରଫରୁ 'ଗରିବ କଲ୍ୟାଣ ଓ ବିକାଶ ସମାବେଶ 'ଛେଣ୍ଡିପଦା ଠାରେ ଅନୁଷ୍ଠିତ ହୋଇଯାଇଛି । ସମାବେଶ ରେ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ, ମାନ୍ୟବର କେନ୍ଦ୍ର ମନ୍ତ୍ରୀ, ଶିକ୍ଷା ତଥା ସାଂସଦ, ସମ୍ବଲପୁର, ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ, ମାନ୍ୟବର ବିଧାୟକ, ଅନୁଗୋଳ, ଶ୍ରୀଯୁକ୍ତ ଅଗସ୍ତି ବେହେରା, ମାନ୍ୟବର ବିଧାୟକ, ଛେଣ୍ଡିପଦା, ଶ୍ରୀ ଅବଦଲ ଏମ ଅଖତର , ମାନ୍ୟବର ଜିଲ୍ଲାପାଳ, ଅନୁଗୋଳ,ଶ୍ରୀ ରାହୁଲ ଜୈନ , ମାନ୍ୟବର ଆରକ୍ଷୀ ଅଧିକ୍ଷକ,ଅନୁଗୋଳ,ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶ୍ରୀମତୀ ଲିରିକା ରାୟ, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ଅନୁଗୋଳ,ଶ୍ରୀମତୀ ଇତିଶ୍ରୀ ଗାଗ୍ରାଇ, ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଅନୁଗୋଳ , ସମାବେଶ ରେ ଉପସ୍ଥିତ ଥିଲେ । ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ଉକ୍ତ ସମାବେଶ ରେ ୩୭ ଜଣ ହିତାଧିକାରୀ ଙ୍କୁ ଟ.୩,୫୫,୮୦୦/- (ଶିକ୍ଷା ସହାୟତା), ୧୪୯ ଜଣ ହିତାଧିକାରୀଙ୍କୁ ଟ.୭୪,୫୦,୦୦୦/- (ବିବାହ ସହାୟତା) , ୩ ଜଣ ହିତାଧିକାରୀଙ୍କୁ ଟ? ୮,୦୦,୦୦୦(ମୃତ୍ୟୁ ସହାୟତା), ୩ ଜଣ ହିତାଧିକାରୀ ଙ୍କୁ ଟ?୧୫,୦୦୦/- (ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ସହାୟତା ରାଶି, ସର୍ବ ମୋଟ ୧୯୨ ହିତାଧିକାରୀଙ୍କୁ ଟ?୮୬,୨୦,୮୦୦/- ସହାୟତା ରାଶି ମୁଖ୍ୟ ଅତିଥିଙ୍କ କରକମଳରୁ ପ୍ରଦାନ କରାଯାଇଥିଲା । ଏହି ସମାବେଶରେ ଯୁଗ୍ମ ଶ୍ରମ ସଂସ୍ଥାପକ, ଅନୁଗୋଳ ଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ଗଞ୍ଜେଇ ଜବତ, ୨ ଗିରଫ

କେନ୍ଦୁଝର, (ମହାଭାରତ) : କେନ୍ଦୁଝରରେ ହୋଇଛି ଗଞ୍ଜେଇ ଚାଲାଣ । ଜାତୀୟ ରାଜପଥ ୪୯ ନିକଟ ବେଲଦା ଗ୍ରାମ ଠାରେ ନାକାବନ୍ଦୀ କରିବା ପରେ ବୌଦ୍ଧ ଜିଲ୍ଲାରୁ କଲିକତାକୁ ଏକ କାରରେ ହୋଇଥିଲା ଏହି ଚୋରା ଗଞ୍ଜେଇ ଚାଲାଣ । ସଦର ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ସେମାନଙ୍କ ଠାରୁ ୮ ବସ୍ତା ଗଞ୍ଜେଇ ଧରିବାରେ ସଫଳ ହୋଇଥିଲେ । ୧ କୁଇଣ୍ଟାଲ ୪୦ କିଲୋ ୪୪୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଜଣା ପଡିଛି । ଏହି ଘଟଣାରେ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଇଛି । ସେହି ଦୁଇ ଅଭିଯୁକ୍ତ ବୌଦ୍ଧ ଜିଲା ରଘୁନାଥପୁର ଥାନାର ଅମଲ ଦେହୁରୀ ଅନ୍ୟ ଜଣେ ହେଲେ ସରସରା ଥାନା ଶୁଭେନ୍ଦୁ ବେହେରା ବୋଲି ପୋଲିସ ସୂଚନା ଦେଇଛନ୍ତି । ଉଭୟଙ୍କୁ ସଦର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

## ପାରାଦୀପ ବନ୍ଦର ପକ୍ଷରୁ କଳିଙ୍ଗ ମେରିଟାଇମ୍ ମ୍ୟୁଜିୟମ୍‌ର ଶିଳାନ୍ୟାସ




ପାରାଦୀପ, (ମହାଭାରତ) : ଶନିବାର ଦିନ ପାରାଦୀପ ପକ୍ଷରୁ କଳିଙ୍ଗ ମେରିଟାଇମ୍ ମ୍ୟୁଜିୟମ୍‌ର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନୌବାଣିଜ୍ୟିକ ପରମ୍ପରାକି ଉଜ୍ଜିବିତ କରିବା ପାରାଦୀପ ବନ୍ଦର ନିଜର ଦାୟିତ୍ୱବୋଧର ପରିଚୟ ଦେବାର ଲକ୍ଷ୍ୟ ରଖି ଏହି ମ୍ୟୁଜିୟମ୍‌ର ସ୍ଥାପନ କରିବା ପାଇଁ ଯାଉଛି । ଏହି ଅବସରରେ ଆୟୋଜିତ ସମାରୋହରରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ । ବନ୍ଦରର ବରିଷ୍ଠ ଅଧିକାରୀ ଆଇପିଆରଏଲ୍‌ର ଅଧିକାରୀମାନେ ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏକ ମାଛ ଆକୃତିରେ ତିଆରି ହେବାକୁ ଥିବା ଏହି ମ୍ୟୁଜିୟମ କଳା, ସ୍ଥାପତ୍ୟ,ଭାସ୍କର୍ଯ୍ୟର ଛାପ ଦେଖିବାକୁ ମିଳିବ । ପ୍ରାକୃତିକ ବାତାବରଣର ସହିତ ୮ରୁ ୪୫ ଡିଗ୍ରୀ ତାପମାତ୍ରା ସହିବାର ଦକ୍ଷତା ରହିବ । ଘ□ାକୁ ପବନର ବେଗ ୨୮୦ କିଲୋମିଟର ହେଲେ ମଧ ଏହି ମ୍ୟୁଜିୟମ୍ ସହିବାର କ୍ଷମତା ରହିବ ବୋଲି ପାରାଦୀପ ବନ୍ଦର ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ଆଇପିଆରଏଲ୍ ଏଥି ନିମନ୍ତେ ସମସ୍ତ ପ୍ରକାରର ବୈଷୟିକ ସହାୟତା ପ୍ରଦାନ କରିବ । ଏହି କଳିଙ୍ଗ ମେରିଟାଇମ୍ ମ୍ୟୁଜିୟମ୍ ଏକ ବୃହ□ ସାଂସ୍କୃତିକ, ଶିକ୍ଷାର ଏକ ମାଇଲ୍ ଖୁ□ ଭାବେ ଓଡିଶାର ପ୍ରାଚୀନ ନୌବାଣୀଜ୍ୟିକ ଇତିହାସର ପ୍ରତୀକ ଭାବେ ପ୍ରତିପାଦିତ କରିବ ବୋଲି ଜଣାପଡିଛି ।

## ୧୩୦ଲିଟର ଦେଶୀ ମଦ ଜବତ

ଆସିକା, (ମହାଭାରତ) : ଆସିକା ଅବକାରୀ ବିଭାଗ ପକ୍ଷରୁ ୧୩୦ଲିଟର ଦେଶୀ ମଦ ସହ ୨ଜଣ ମହିଳା ଓ ୬ଜଣ ପୁରୁଷ ଗିରଫ କରିଛି ।ଆସିକା ଅବକାରୀ ବିଭାଗ ପୂର୍ବ ସୂଚନା ମୁତାବକ ନୁଆଁ ସାହାପୁର, ଆସିକା କରତାଳି ଏରେଗଲା କେମ୍ପ, ବସଷ୍ଟାଣ୍ଡ ସନ୍ତୋଷୀମା ମନ୍ଦିର କେମ୍ପ, ଆସିକା ତୁମ୍ବାଠେଙ୍ଗା ପଲ୍ଲୀ କେମ୍ପ, ଗଣ୍ଡପଲ୍ଲୀ କେମ୍ପ ଆଦି ସ୍ଥାନରେ ଚଢ଼ାଉ କରି ୮ଜଣଙ୍କୁ ଗିରଫ କରିଛି । ପ୍ରକାଶ ଥାଉକି ଅବକାରୀ ବିଭାଗ ପକ୍ଷରୁ ମଦ ଧରପଗଡ଼ ଏକ ପ୍ରହସନ ପାଲଟିଛି । ଆସିକା ଅବକାରୀ ବିଭାଗ ପକ୍ଷରୁ ଛୋଟ ଛୋଟ ଚୋରା ମଦ ବେପାରୀଙ୍କୁ ଧରି ବାଃ ବାଃ ନେଉଥିଲା ବେଳେ ଅବକାରୀ ବିଭାଗୀୟ ଅଧିକାରୀଙ୍କ ଛତ୍ରଛାୟା ତଳେ ଏହି ମଦ ବେପାର ଚାଲିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳୁଛି । ଅବକାରୀ ବିଭାଗୀୟ ଅଧିକାରୀ ମାନେ ବାଃ ବାଃ ପାଇବା ପାଇଁ ଛୋଟ ଛୋଟ ବେପାରୀଙ୍କୁ ଧରି ସେମାନଙ୍କ ଠାରୁ ଅଳ୍ପ ମାତ୍ରାରେ ମଦ ଜବତ କରି ମଦ ପରିମାଣ ବଢ଼ାଇ ନିରୀହ ଲୋକଙ୍କୁ ହଇରାଣ କରିଥିବା ମଧ ଅଞ୍ଚଳରେ ଚର୍ଚ୍ଚାର୍ ବିଷୟ ପାଲଟିଛି । ଏଠି ଗୋଟିଏ ପ୍ରଶ୍ନ ଉଠୁଛି ଯଦି ଅବକାରୀ ବିଭାଗ ପକ୍ଷରୁ ମଦ ଧରପଗଡ଼ ଚାଲିଛି ତେବେ ଏତେ ପରିମାଣର ଚୋରା ମଦ ଆସୁଛି କେଉଁଠି ? ଅବକାରୀ ବିଭାଗ ପାଖରେ ଯଦି ଆଗରୁ ଅଭିଯୋଗ ଥିଲା ତେବେ ସେ ଉପରେ ଧରପଗଡ଼ କାହିଁକି କରିନଥିଲା ।

## ହାତୀ ଶାବକର ମୃତ ଦେହ ଉଦ୍ଧାର

ଦଶପଲ୍ଲା, (ମହାଭାରତ): ନୟାଗଡ଼ ବନଖଣ୍ଡ ଦଶପଲ୍ଲା ବନାଞ୍ଚଳ ସଦର ଅନ୍ତର୍ଗତ ପୋଇବାଡ଼ି ଆର ଏଫ୍ ବାଉଁଶିଆପଡା ଜଙ୍ଗଲ ର ବାଇଶିପାହାଚ ଘାଟିରେ ଗୋଟିଏ ପୁରୁଷ ହାତୀ ଶାବକ ର ମୃତ ଦେହ ଉଦ୍ଧାର କରିଛି ବନ ବିଭାଗ । ସୂଚନାରୁ ଅନୁଯାୟୀ ମହିତମା ସେକ୍ସନ୍ ଓ ଦଶପଲ୍ଲା ସଦର ସେକ୍ସନ୍ ରେ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ରେ ଏକ ତିନି ମାସର ହାତୀ ଶାବକଟି ଏଣେତେଣେ ବୁଲୁଥିବା ବେଳେ ଜଙ୍ଗଲକୁ ଯାଇଥିବା କିଛି ଲୋକ ଦେଖିବାକୁ ପାଇଥିଲେ । ଯାହାକୁ ନେଇ ଏ ସମ୍ପର୍କରେ ବନବିଭାଗର କର୍ମଚାରୀ ଙ୍କୁ ଜଣାଇଥିଲେ ।ତେବେ ଆଜି କୌଣଷି ସୂତ୍ରରୁ ହାତୀ ଶାବକର ମୃତ୍ୟୁ ଘଟିଥିବା ଖବର ପାଇ ନୟାଗଡ଼ ବନଖଣ୍ଡ ଅଧିକାରୀଣି କ୍ଷମା ଷଡଙ୍ଗୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗ କୁ ନେଇ ତଦନ୍ତ ଜାରି କରିଥିଲେ ।ତେବେ ହାତୀ ଶାବକର ବୟସ ତିନି ମାସ ହେବ ବୋଲି ଅନୁମାନ କରାଯାଉଛି ।ହାତୀ ଶାବକର ମୃତ୍ୟୁ ସ୍ୱାଭାବିକ ଭାବେ ଘଟିଛି ବୋଲି ଅନୁମାନ କରାଯାଉଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ହିଁ ସମସ୍ତ ତଥ୍ୟ ଜଣାପଡିବ ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି ।ଏହି ଚଢାଉ ନୟାଗଡ଼ ବନଖଣ୍ଡ, ମହିପୁର ବନାଞ୍ଚଳ ଓ ଦଶପଲ୍ଲା ବନାଞ୍ଚଳର ର ସମସ୍ତ ଅଧିକାରୀ କର୍ମଚାରୀଙ୍କ ସମେତ ପ୍ରାଣୀ ଚିକିତ୍ସା ଅଧିକାରୀ ସାମିଲ ହୋଇଥିଲେ । ଶବ ବ୍ୟବଚ୍ଛେଦ କରାଯିବା ସହିତ ମୃତ ହାତୀ ଶାବକ ର ନମୁନା ପରୀକ୍ଷା ପାଇଁ ପଠାଇ ଦିଆଯାଇଛି ବୋଲି ବନଖଣ୍ଡ ଅଧିକାରୀ ଶ୍ରୀ ଷଡଙ୍ଗୀ ସୂଚନା ଦେଇଛନ୍ତି ।

## ପ୍ରଧାନ ଶିକ୍ଷୟତ୍ରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଅବ୍ୟବସ୍ଥା ଭିତରେ ଜାକେଡ଼ା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ

ନୂଆଗାଁ, (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ରହିଥିବା ଜାକେଡ଼ା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶିମିଳିସାହି ବହୁତ ଅବ୍ୟବସ୍ଥାରେ ପିଲାଙ୍କ ପାଠପଢା ଚାଲିଛି । ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମିନତୀ କୁମାରୀ ତ୍ରିପାଠୀ ଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ବିଦ୍ୟାଳୟରେ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି । ଫଳରେ ପିଲାଙ୍କୁ ପାଠପଢା ବହୁ ଅସୁବିଧା ହେଉଛି । ଶ୍ରୀମତୀ ତ୍ରିପାଠୀ ବିଦ୍ୟାଳୟରେ ବହୁ ବର୍ଷ ରହି ଆସିଥିବାରୁ ନାନା ପ୍ରକାର ବିଶୃଙ୍ଖଳା ସୃଷ୍ଟି ହେଉଥିବା ଶୁଣିବାକୁ ମିଳିଛି ।ନିୟମିତ ବିଦ୍ୟାଳୟକୁ ପାଠପଢି ଆସୁଥିବା ପିଲା ମାନଙ୍କର ବାପା,ମା ଏବଂ ସ୍ଥାନୀୟ ଲୋକଙ୍କୁ ଅଶାଳୀନ ମନ୍ତବ୍ୟ ଦେବା ସହିତ ଦୁର୍ବ୍ୟବହାର କରୁଥିବା ଜଣାପଡ଼ିଛି । କିରାଣୀ ରବୀନ୍ଦ୍ର କୁମାର ହୁତା ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମିନତୀ କୁମାରୀ ତ୍ରିପାଠୀ ଉଭୟ ସ୍ୱାମୀ,ସ୍ତ୍ରୀ ହୋଇଥିବାରୁ ବିଦ୍ୟାଳୟରେ ଏକଛତ୍ର ବାଦ ଶାସନ ଚଳାଉଥିବା ଦେଖାଦେଇଛି । ଅନେକ ସମୟରେ ନିୟମିତ ଭାବେ ବିଦ୍ୟାଳୟକୁ ଆସୁନଥିବା ସ୍ଥାନୀୟ ଲୋକଙ୍କ ଠାରୁ ଶୁଣିବାକୁ ମିଳିଛି । ଶ୍ରୀମତୀ ତ୍ରିପାଠୀ ବିଦ୍ୟାଳୟ ପରିଚାଳନା କମିଟି ଗଠନରେ ଜାଲିଆତି, କିରାଣୀ ନିଯୁକ୍ତିରେ ବହୁ ଦୁର୍ନୀତି,ପିଲାମାନଙ୍କ ଷ୍ଟାଇପେଣ୍ଟ ଟଙ୍କା ହଡ଼ପ କରିଥିବା ଏନେଇ ପୂର୍ବରୁ ସ୍ଥାନୀୟ ଜନପ୍ରତିନିଧି ଓ ଅଞ୍ଚଳବାସୀ ଙ୍କ ପକ୍ଷରୁ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀ, ନୟାଗଡ଼ ଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ଏଥିପ୍ରତି ଜିଲ୍ଲା ପ୍ରଶାସନ କୌଣସି ଆକ୍ସନ ନେଇନଥିବା ଜଣାପଡ଼ିଛି । ପୂର୍ବରୁ ୧ମ ରୁ ୮ମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଥିଲା ।କିନ୍ତୁ ୯ମ ଓ ୧୦ମ ଶ୍ରେଣୀ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉନଥିଲା ।ଏନେଇ ଚଳିତ ବର୍ଷ ରାଜ୍ୟ ସରକାର ଙ୍କ ଘୋଷଣା ପରେ ପ୍ରତେକ ବିଦ୍ୟାଳୟରେ ପଢୁଥିବା ୯ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀ ଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଛି ।ଏହାକୁ ନେଇ କେତେକାଂଶ ବିଦ୍ୟାଳରେ ରୋଷଇ କରିବା ପାଇଁ ପାଚିକା ଆବଶ୍ୟକ ଥିବା ସରକାର ଙ୍କ ନଜିରକୁ ଆସିଥିଲା ।ପାଚିକା ପଦବୀ ପୂରଣ ନିମନ୍ତେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଗ୍ରୀଷ୍ମ କାଳୀନ ଛୁଟି ପୂର୍ବରୁ ବିଭିନ୍ନ ବିଦ୍ୟାଳୟ କୁ ଚିଠି ହୋଇଥିଲା । ଜିଲ୍ଲା ଶିକ୍ଷା ବିଭାଗ ନିୟମାବଳୀ ଅନୁଯାୟୀ ବିଦ୍ୟାଳୟ ଗୁଡ଼ିକରେ ବିଜ୍ଞପ୍ତି ଜାରି ହେବା ସହିତ ପାଚିକା ନିଯୁକ୍ତି ହୋଇ ସାରିଲେଣି । କିନ୍ତୁ ଜାକେଡ଼ା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ,ଶିମିଳିସାହିରେ ଭିନ୍ନଚିତ୍ର ଦେଖିବାକୁ ମିଳିଛି । ଉକ୍ତ ବିଦ୍ୟାଳୟରେ ପାଚିକା ପଦବୀ ନିଯୁକ୍ତି ନିମନ୍ତେ ଗ୍ରୀଷ୍ମ କାଳୀନ ଛୁଟି ପୂର୍ବରୁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମିନତୀ କୁମାରୀ ତ୍ରିପାଠୀ ଙ୍କୁ କୌଣସି ଚିଠି ହୋଇନଥିବା ଜଣାପଡ଼ିଛି । ଅନ୍ୟପଟେ ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ ଚିଠି ସଂଖ୍ୟା - ୯୨୯, ତା ୨୨.୦୪.୨୦୨୫ ରିଖ ଓ ବିଦ୍ୟାଳୟ ଝଗଉଉ ବୈଠକ ନଂ - ୧୭ ତା ୧୭.୦୪.୨୦୨୫ ରିଖ ଅନୁଯାୟୀ ପାଚିକା ନିଯୁକ୍ତି ନିମନ୍ତେ ତା ୨୩.୦୪.୨୦୨୫ ରେ ବିଜ୍ଞାପନ ଜାରିହୋଇଛି ।ଏଥି ପାଇଁ ଇଚ୍ଛୁକ ପ୍ରାର୍ଥୀ ମଧ ଦରଖାସ୍ତ ଆବେଦନ କରିଥିବା ଦେଖିବାକୁ ମିଳିଛି ।ଗୋଟିଏ ପଟେ ଶ୍ରୀମତୀ ତ୍ରିପାଠୀଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଚିଠି ହୋଇନଥିବା ବେଳେ ଏପଟେ ବିଦ୍ୟାଳୟରେ କୌଣସି ବୈଠକ ନଡକାଇ ମନଇଚ୍ଛା ଏଭଳି ତରବରିଆ ଭାବେ ନିଷ୍ପତି ନେଇଥିବା କେତେ ଦୂର ଠିକ ? ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ? ଫଳରେ ଶ୍ରୀମତୀ ତ୍ରିପାଠୀ ସରକାରଙ୍କ ନିୟମକୁ ଉଲଂଘନ କରୁଥିବା ଜଣାପଡ଼ିଛି । ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗତ ତା ୨୦.୦୬. ୨୦୨୫ ରିଖ ସମସ୍ତ ବିଦ୍ୟାଳୟ ଗୁଡ଼ିକୁ ଖୋଲାଯାଇଛି ।ଏହାପରେ ବିଦ୍ୟାଳୟରେ ପାଚିକା ପଦବୀ ନିଯୁକ୍ତି ପାଇଁ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଶ୍ରୀମତୀ ତ୍ରିପାଠୀଙ୍କୁ ଚିଠି ହୋଇଛି । କିନ୍ତୁ ବିଦ୍ୟାଳୟ ଖୋଲିବାର ଆଜକୁ ୧୬ ଦିନ ବିତି ଯାଇଥିଲେ ସୁଦ୍ଧା ପାଚିକା ପଦବୀ ନିଯୁକ୍ତି ପାଇଁ କୌଣସି ବୈଠକର ଆୟୋଜନ ହୋଇନାହିଁ କି ମଧ୍ୟାହ୍ନ ଭୋଜନ ରୋଷଇ ପାଇଁ ପାଚିକା ପଦବୀ ପୂରଣ ହୋଇନାହିଁ । ବର୍ତ୍ତମାନ ପିଲାମାନଙ୍କ ମଧ୍ୟାହ୍ନ ଭୋଜନ ବିଦ୍ୟାଳୟର ପିଅନ ମାନେ ରୋଷେଇ କରୁଥିବା ଦେଖିବାକୁ ମିଳିଛି ।ଶ୍ରୀମତୀ ତ୍ରିପାଠୀଙ୍କ ଏହାରି ପଛରେ କ'ଣ ରହିଛି କି ସ୍ୱାର୍ଥ ? ଫଳରେ ପାଚିକା ନିଯୁକ୍ତି କରିବାରେ ହେଉଛି ବିଳମ୍ବ ? ଶ୍ରୀମତୀ ତ୍ରିପାଠୀ ବିଦ୍ୟାଳୟରେ ପାଚିକା ପଦବୀ କେବେ ପୂରଣ କରୁଛନ୍ତି ତାହା ଆଗାମୀ ଦିନରେ ଦେଖିବାକୁ ବାକି ରହିଛି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଆରମ୍ଭ ହୋଇଛି ଗଣ ସଫେଇ ଅଭିଯାନ



ଟାଙ୍ଗୀ(ମହାଭାରତ): ଆଗକୁ ରହିଛି ଭୀଷଣ ବର୍ଷା । ବର୍ଷାରେ ଜନ ଜୀବନ ହେ ବିପର୍ଯ୍ୟସ୍ତ। ଆଗକୁ ଡେଙ୍ଗୁ ଓ ହଇଜା ବ୍ୟାପିବାର ଆଶଙ୍କା କରା ଯାଉଅଛି। ସେଥିପାଇଁ ପରିବେଶ କୁ ସ୍ୱଚ୍ଛ ରଖିବା ନିହାତି ଜରୁରୀ । ତେଣୁ ପରିବେଶ ସୁରକ୍ଷା କୁ ମର୍ମେ ମର୍ମେ ହୃଦୟଙ୍ଗମ କରିଛି ଟାଙ୍ଗୀ ସ୍ୱାସ୍ଥ୍ୟ କେନ୍ଦ୍ର। ସେଥିପାଇଁ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଆରମ୍ଭ ହୋଇଛି ଗଣ ସଫେଇ ଅଭିଯାନ। ଗଣ ସଫେଇ ଅଭିଯାନ ମାଧ୍ୟମରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗଣ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡା ସତ୍ୟ ରଂଜନ ନନ୍ଦ, ଶିଶୁ ରୋଗ ବିଶେଷଜ୍ଞ ଡା ଦେବାଶିଷ ଦାଶ, ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ଝୁମାରାଣୀ ଚକ୍ରବର୍ତ୍ତୀ , ବିପିଓ ତପନ କୁମାର ମ□ୁ ପ୍ରମୁଖ ହାତରେ ଝାଡୁ ଧରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ସଫେଇ କରିଥିଲେ ,. ଏହା ସହ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ମାନେ ନିଜ ନିଜର ଅଂଚଳ କୁ ସ୍ଚ୍ଛ କରିଥିଲେ । ଏପରିକି ସ୍ୱାସ୍ଥ୍ୟ କେନ୍ଦ୍ର ର କର୍ମଚାରୀ ମାନେ ଗାଁ ଗାଁ ବୁଲିବୁଲି ସରକାରଙ୍କ ଅଧୀନରେ ଥିବା ୭୮୮ ଗୋଟି ସରକାରୀ କୂଅ ଓ ୧୬୧୦ ଗୋଟି ଘରୋଇ କୂଅ କୁ ବ୍ଲିଚିଙ୍ଗ ପକା ଯାଇ ଜଳ ଉତ୍ସ ଗୁଡିକର ଶୋଧନ କରା ଯାଇଥିଲା। ଏହି ଅବସରରେ ଜନ ସାଧାରଣ ନିଜ ନିଜର ବାଡ଼ି ବଗିଚ଼ା କୁ ପରିଷ୍କାର ଓ ସ୍ଚ୍ଛ କରିବା ସହ ଜଳକୁ ଶୋଧନ କରି ପାନୀୟ ଜଳ ଭାବେ ବ୍ୟବହାର କରିବାକୁ ଡା ସତ୍ୟ ରଂଜନ ନନ୍ଦ ପରାମର୍ଶ ଦେଇଛନ୍ତ।

## ଫୁଲବାଣୀ ବିଧାୟକଙ୍କ ପିଏମ୍ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ



କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲାର ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକଙ୍କ ଛାତ୍ରଛାତ୍ରୀ ଶିକ୍ଷାର ଉନ୍ନତି ନିମନ୍ତେ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ । ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲାର ଫୁଲବାଣୀ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହେବାପରେ ବିଧାୟକ ଶ୍ରୀଯୁକ୍ତ ଉମାଚରଣ ମଲିକ ବିଭିନ୍ନ ପାହାଡ଼ିଆ, ଉପାନ୍ତ ଅଞ୍ଚଳକୁ ଯାଇ ଲୋକମାନଙ୍କର ସୁଖ ଦୁଃଖ ଓ ସୁବିଧା ଅସୁବିଧା ବିଷୟରେ ଆଲେଚନା କରି ଲୋକ ମାନଙ୍କର ସମସ୍ୟା ବୁଝି ଜନସାଧାରଣଙ୍କ ନିକଟତର ହେଉଥିବା ବେଳେ ବୁଧବାର ଦିନ କନ୍ଧମାଳ ଜିଲ୍ଲାର ଫୁଲବାଣୀ ବ୍ଲକ ଅନ୍ତର୍ଗତ ପିଏମ୍ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ପକନା ଗାଁ ପରିଦର୍ଶନ କରି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହ ଆଲୋଚନା କରି ଶିକ୍ଷକ ମାନଙ୍କର ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ ଅନୁଧ୍ୟାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଭଲ ପାଠ ପଢି ବିଦ୍ୟାଳୟର ନା ରଖିବା ସହିତ ଭବିଷ୍ୟତ ବଡ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ। ବିଧାୟକଙ୍କର ଏପରି କାର୍ଯ୍ୟକଳାପ ଅ□ଳର ଜନସାଧାରଣ ଓ ବୁଦ୍ଧିଜୀବି ମହଲରୁ ପ୍ରଶଂସା କରୁଥିବା ଜଣାପଡ଼ିଛି।

## ଗୁରାଣ୍ଡି ଗ୍ରାମର ଗୁରାଣ୍ଡି ପଞ୍ଚାୟତରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ର ଗୁରାଣ୍ଡି ଗ୍ରାମ ପଞ୍ଚାୟତ ଠାରେ ଆଜି ସମାଜ ଓ ଗୁରାଣ୍ଡି ପଞ୍ଚାୟତ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଗୁରାଣ୍ଡି ସରପଞ୍ଚ ଶିଳ୍ପା ପାତ୍ର ଓ ସମାଜ ପ୍ରତି ନିଧି ଉମାଶଙ୍କର ପାତ୍ର ଙ୍କ ସମେତ ଗ୍ରାମବାସୀ ବିଭିନ୍ନ ବିଭାଗ ର କର୍ମଚାରୀ ଆଶା କର୍ମୀ ଅଙ୍ଗନବାଡି କର୍ମୀ ଉପସ୍ଥିତ ରହି ବୃକ୍ଷ୍ ରୋପଣ କରିଥିଲେ। ଏହି କାର୍ଯ୍ୟ କ୍ରମରେ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।

## ଆଧାର କାର୍ଡରେ ନାମ ସଂଶୋଧନ ପାଇଁ ଅଭିଯୋଗ

କନ୍ଧମାଳ(ମହାଭାରତ):କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ୍ ତୁମୁଡିବନ୍ଧ ପଞ୍ଚାୟତ ଅନ୍ତର୍ଗତ କାଳିଶାପଦର ଗ୍ରାମର ଜୋସେଫ ମୁଠାମାଝୀ ଝିଅଙ୍କ ନାମ ଆଧାର କାର୍ଡ ରେ ରାହେଲି ମାଝୀ ପରିବର୍ତେ ରାଇଲି ମାଝୀ ଥିବା ଯୋଗୁ ଅନେକ ସମସ୍ୟା ସମ୍ମୁଖିନ ହେଉଛନ୍ତି ।୯ ବର୍ଷ ବୟସ ବାଳିକା ରାହେଲି ମୁଠାମାଝୀ ବିଦ୍ୟାଳୟ ରେ ନାମ ଲେଖା ହେଉ କିମ୍ବା ସଂଚୟ ଖାତାଖୋଲିବା ହେଉ ଜାତି ପ୍ରମାଣ,ହେଉ କିମ୍ବା ବାସିନ୍ଦା ପ୍ରମାଣପତ୍ର ହେଉ ଆବଶ୍ୟକୀୟ କାଗଜ ପତ୍ର ବାହାର କରିବାରେ ଅସୁବିଧା ହେଉଛନ୍ତି ।ଏଣୁ ବିଭାଗୀୟ ଅଧିକାରୀଙ୍କୁ ପିତା ଜୋସେଫ ମୁଠାମାଝୀ ସାମ୍ବାଦିକଙ୍କ ଜରିଆରେ ଝିଅ ଙ୍କ ନାମ ରାଇଲି ମାଝୀ ପରିବର୍ତେ ଆଧାର କାର୍ଡରେ ରାହେଲି ମୁଠାମାଝୀ କରିବାକୁ ଅନୁରୋଧ କରିଥିବା ଦେଖିବାକୁ ମିଳିଛି।

# କଲକ୍କି ଅବତାରରେ ଠାକୁର



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗୁଣ୍ଡିଚାବାଡ଼ି ଠାରେ ଆଜି ଠାକୁରଙ୍କର କଲକ୍କି ଅବତାର ଦର୍ଶନ କରିବା ପାଇଁ ଶତାଧିକ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଛି ।ଆଜି ରଥଯାତ୍ରାର ଶେଷ ଦିନ ଅଟେ। କାଲିକୁ ପବିତ୍ର ବାହୁଡ଼ା ଯାତ୍ରା ହେବ ।ଆଡ଼ପ ମଣ୍ଡପରେ ଠାକୁରଙ୍କୁ ଦର୍ଶନ କଲେ ପୁଣ୍ୟ ମିଳେ ବୋଲି ଭକ୍ତଙ୍କ ମନରେ ବିଶ୍ୱାସ ରହିଛି। ପାଗ ଅନୁକୂଳ ଯୋଗୁଁ ଭକ୍ତ ମାନେ ବେଶ ଖୁସିରେ ଠାକୁରଙ୍କୁ ଦର୍ଶନ କରିବା ସହ ଠାକୁରଙ୍କ ଆଶିଷ ନେଉଛନ୍ତି । ପାରଳାଖେମୁଣ୍ଡି ସହର ସମେତ ଆଖପାଖ ଗ୍ରାମ, ପୁରପଲ୍ଲୀ ସହ ପଡୋଶୀ ଆନ୍ଧ୍ରପ୍ରଦେଶ ରୁ ମଧ ବହୁତ ଭକ୍ତଙ୍କ ସମାଗମ ହେଉଛି ।ଏହି ଦଶ ଦିନ ଠାକୁରଙ୍କୁ ଦର୍ଶନ କଲେ ସକଳ ପାପ ନଷ୍ଟ ହୋଇ ପୁଣ୍ୟ ମିଳେ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି ।ଭକ୍ତ ମାନେ ନଡିଆ କଦଳୀ ଫୁଲ ଫଳ ତୁଳସୀ ଧରି ଠାକୁରଙ୍କ ପୂଜାର୍ଚ୍ଚନା କରି ଦର୍ଶନ କରିଥାନ୍ତି ଓ ମହା ପ୍ରଭୁଙ୍କ ଆଶୀର୍ବାଦ ନେଇଥାନ୍ତି ।ସନ୍ଧ୍ୟା ସମୟରେ ସନ୍ଧ୍ୟା ଆଳତୀ ଦେଖିବା ପାଇଁ ଭକ୍ତଙ୍କ ସୁଅ ଛୁଟୁଛି। ରଥଯାତ୍ରା କମିଟି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁପରିଚାଳନା ସକାଶେ ପଦକ୍ଷେପ ନିଆଯାଇଛି ।ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ପୋଲିସ ମୃତୟନ କରାଯାଇଛି ଗୁଣ୍ଡିଚ଼ା ବାଡି ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

# ଆସିକାରେ ସ୍ୱଷ୍ଟ ଦିବାଲୋକରେ ଯୁବକଙ୍କୁ ଛୁରା ମାଡ

ଆସିକା (ମହାଭାରତ): ଆଜି ଅପରାହ୍ନ ପ୍ରାୟ ୩. ୩୦ମିନଟ ସମୟରେ ଆସିକା କଳିଙ୍ଗ ରୋଡ଼ ସ୍ଥିତ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପାର୍ଶ୍ୱରେ ଥିବା ସରକାରୀ ବିଦେଶୀ ମଦ ଦୋକାନ ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାଧାରଣ ବଚସା ପରେ ଛୁରା ମାଡ଼ ହୋଇଛି ।ଛୁରା ମାଡ଼ରେ ଗୁରୁତର ଆହତ ହୋଇଥିବା ଆସିକା ବାବନପୁର ଗ୍ରାମର ହିମାଂଶୁ ଶେଖର ଦାସ (୩୫) ହୋଇଥିବା ବେଳେ ଛୁରାରେ ଆକ୍ରମଣ କରିଥିବା ଯୁବକ ହେଲେ ଆସିକା କୋଟିନଡା ଥାନା ଅଧୀନ ବରଗା ଗ୍ରାମର କାଳିଆ ନାହାକ। ଘଟଣା ସ୍ଥଳରୁ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ୧୦୮ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଏଠାରେ ପ୍ରାଥମିକଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜି ସ୍ଥାନାନ୍ତରିତ କରାଯାଇଛି। ଏନେଇ ଆସିକା ଥାନାରେ କେସ ନମ୍ବର ୪୧୧/୨୫ରେ ମାମଲା ରୁଜୁ ହୋଇଛି। ଆକ୍ରମଣ କାରି କାଳିଆ ନାହାକ କୁ ପୋଲିସ ଗିରଫ କରିଛି। ଆଜିର ଏହି ଘଟଣା ପରେ ଆସିକା ସହରରେ ଆତଙ୍କ ଖେଳି ଯାଇଛି। ପ୍ରକାଶ ଥାଉକି ଆସିକା ଅ□ଳରେ ପୁଣି ଅସାମାଜିକ ମାନଙ୍କ ଆଡ୍ଡା ସାଜିଛି। ଦିନକୁ ଦିନ ଆସିକା ଅଶାନ୍ତ ହେବାକୁ ଲାଗିଛି। ପୋଲିସ ପାଖରେ କୌଣସି ପୂର୍ବ ସୂଚନା ରହୁନି। ଆଜି ଆସିକା ବସଷ୍ଟାଣ୍ଡ ନିକଟ ବିଦେଶୀ ମଦ ଦୋକାନରେ ଆସାମୀ ଦୁଇଜଣ ମଦ୍ୟପାନ କରୁଥିଲେ ଏତିକି ବେଳେ ମାତାଲ ଅବସ୍ଥାରେ ଥିବା ହିମାଂଶୁ ପ୍ରଥମେ କାଳିଆ ସହ ବାଚସା ହୋଇଥିଲା। ଏତିକିବେଳେ ବିଦେଶୀ ମଦ ଦୋକାନୀ ଉଭୟ ଙ୍କ ବାଚସା ଘଟଣାକୁ ତୁଟାଇ ଦେଇଥିଲା। ପୁଣି ଏଥିରେ ଆସାମୀ କାଳିଆ ନାହାକ ହଠାତ ଉତକ୍ଷିପ୍ତ ହୋଇ ହିମାଂଶୁ କୁ ଜୀବନରୁ ମାରିଦେବା ଉଦେଶ୍ୟରେ ଏକ ତୀକ୍ଷ୍ଣ ଛୁରୀରେ ହିମାଂଶୁ ପେଟକୁ ଭୁସି ଦେବାବେଳେ ହିମାଂଶୁ ବାମ ହାତରେ ପ୍ରତିରୋଧ କରିବାରୁ ହାତରେ ଗଭୀର ଆଘାତ ଲାଗିଥିଲା। ରକ୍ତଜୁଡୁବୁଡୁ ଅବସ୍ଥାରେ ହିମାଂଶୁ ମଦ ଭାଟି ନିକଟରେ ପଡି ଛଟପଟ ହେଉଥିବା ବେଳେ ତାକୁ ମେଡିକାଲ ନେବାକୁ ସ୍ଥାନୀୟ ଲୋକ ଭୟ କରୁଥିଲେ। ଶେଷରେ ୧୦୮ଯୋଗେ ତାକୁ ମେଡିକାଲ ଅଣାଗଲା। ଆସାମୀ କାଳିଆ ନାମରେ ଅନେକ ସଙ୍ଗୀନ ଦଫାରେ ମାମଲା ରହିଥିଲା ବେଳେ ହିମାଂଶୁ ମଧ ଏକ ନିର୍ଦ୍ଧିଷ୍ଟ ଅସାମାଜିକ ଗୋଷ୍ଠୀରେ କାର୍ଯ୍ୟ କରିବା ସହ ତା ନାମରେ ମଧ ଅନେକ ମାମଲା ରହିଛି। କାଳିଆ ନାହାକ ବର୍ତ୍ତମାନ ଆସିକା ଅଞ୍ଚଳ ଛାଡି ଫୁଲବାଣୀ ଅଞ୍ଚଳରେ ରହୁଛି। ଗୁରୁତର ଆହତ ହିମାଂଶୁ ଭୁବନେଶ୍ୱର ଅଞ୍ଚଳରେ ଜଣେ ଜଣାଶୁଣା ଅପରାଧୀୟ ଆସିକା ଅ□ଳରେ ଅବାଧରେ ମଦ ବିକ୍ରି ସହ ରାତି ତମାମ ଢ଼ାବା ହୋଟେଲରେ ମଦର ଜୁଆର। ସହରରେ ବିଭିନ୍ନ ଛକରେ ମଦ ବିକ୍ରି, ମଦ ବ୍ୟବସାୟ ଓ ବିକ୍ରି ପାଇଁ ଆସିକା ଅନେକ ହତ୍ୟା କାଣ୍ଡ ଘଟିଛି। ପୁଣି କେତେବେଳେ କାହାର ମୁଣ୍ଡ ଗଡିବ କହିହେବନି। ରାଜନୀତି ପରିବର୍ତ୍ତନ ସାଙ୍ଗକୁ ପୋଲିସ ନୂଆଁରେ ନିଯୁକ୍ତି ଏଣୁ ଅପରାଧୀଙ୍କ ଖୋଜ ଖବର ପାଉନି। ପୁରୁଣା କୁଖ୍ୟାତ ଅପରାଧୀ ମାନେ ପୁଣି ଆସିକା ଆଡକୁ ଫେରୁଛନ୍ତି ।ନିକଟରେ ଜିଲ୍ଲା ଆରକ୍ଷୀ ଅଧିକାରୀ ଚୋରା ବନ୍ଧୁକ ଧରୁଥିବା ବେଳେ ଚୋରା ମଦ ଆଡ୍ଡା କେବେ ବନ୍ଦ ହେବ ତାହା ଏବେ ଆସିକା ବାସୀଙ୍କ ପ୍ରଶ୍ନ।

# ଜାତୀୟ ସ୍ତରୀୟ ବୁଥ ଅଧିକାରୀଙ୍କ ପାଇଁ ଦ୍ୱିତୀୟ ଦିନ ତାଲିମ କାର୍ଯ୍ୟକ୍ରମ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜାତୀୟ ସ୍ତରୀୟ ବୁଥ ସ୍ତରୀୟ ଅଧିକାରୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ମୁନିନ୍ଦ୍ର ହନେଗା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଦ୍ୱିତୀୟ ଦିବସ ତାଲିମ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିବା ବେଳେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା ଓ ସହକାରୀ ଜିଲ୍ଲାପାଳ ନିର୍ବାଚନ ବିଭାଗ ଶ୍ରୀ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଭାରତ ନିର୍ବାଚନ କମିଶନର ନିର୍ଦ୍ଦେଶ କ୍ରମେ ଗଜପତି ଜିଲ୍ଲାର ୧୩୬- ମୋହନା ବିଧାନସଭା ନିର୍ବାଚନମଣ୍ଡଳୀର ବୁଥ ସଂଖ୍ୟା -୨୯୭ ଗୋଟି ଓ ୧୩୭- ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥ ସଂଖ୍ୟା -୨୭୬ଗୋଟି ର ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ତାଲିମ ପ୍ରଦାନ କରାଯାଉଛି । ଆଜିର ଏହି ଦ୍ୱିତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୋହନା ଓ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ୧୦୦ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଯେଉଁ ନାଗରିକଙ୍କ ବୟସ ୧୮ ବର୍ଷ ହେଉଥିବ ସେମାନେ ନୂତନ ଭୋଟର ନିଜର ନାମକୁ ନୂତନ ଭାବେ ଫର୍ମ -୬ ଯୋଗ କରିବା, ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରବାସୀ ଭୋଟରଙ୍କ ଫର୍ମ -୬ (କ) ଯୋଗ କରିବା ,ଫର୍ମ-୬ (ଖ)ରେ ନିଜର ଭୋଟର ପରିଚୟ ପତ୍ରକୁ ଆଧାର କାର୍ଡ ସହିତ ସଂଯୋଗ କରିବା ,ଫର୍ମ -୭ ରେ ନାମକୁ ବାଦ କରିବା, ଫର୍ମ -୮ ରେ ଭୋଟର ତାଲିକାରେ ନିଜର ତଥ୍ୟରୁ ସଂଶୋଧନ ଏବଂ ନିଜର ସ୍ଥାନକୁ ପରିବର୍ତ୍ତନ କରିବା ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରାଯାଉଛି । ସେହିପରି ଯୋଗ୍ୟ ବିବେଚିତ ଭୋଟର ମାନେ ଅନଲାଇନ୍ ମାଧ୍ୟମରେ ଭୋଟର ହେଲ୍ପ ଲାଇନ ଅପ୍ ବ୍ୟବହାର କରିବା ସହିତ ବୁଥ ସ୍ତରୀୟ ଅଧିକାରୀଙ୍କ ଠାରେ ମଧ ଫର୍ମ -୬,୭,୮ ଓ ୬ଖ ରେ ଆବେଦନ କରିପାରିବେ। ଆଜିର ତାଲିମ ପ୍ରଦାନ ପରେ ପରେ ସମସ୍ତ ବୁଥ ସ୍ତରୀୟ ଅଧିକାରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଦିନ ତାଲିମ କାର୍ଯ୍ୟକ୍ରମରେ ମୋହନା ବିଧାନସଭା ନିର୍ବାଚନମଣ୍ଡଳୀର ଶ୍ରୀ ରାଜୁ ମଲିକ, ଶିକ୍ଷକ,ଶ୍ରୀ ନରେଶ ପ୍ରଧାନ, ସିଆରସିସି,ଶ୍ରୀ ନରସିଂହ ଚନ୍ଦ୍ର ମିଶ୍ର, ଜିପିଓ , ଶ୍ରୀ ରଜନୀକାନ୍ତ ସାହୁକାର,ସିଆରସିସି ରହିଥିବା ବେଳେ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୟା.ଶିବ କୁମାର, ଶିକ୍ଷକ,ଏମ.ଉମାପତି, ସିଆରସିସି,ରଶ୍ମିତା ସାମଲ ସିଆରସିସି ଓ ପି.ଭେଙ୍କଟେଶ୍ୱରଲୁ ପ୍ରମୁକ ମାଷ୍ଟୋର ଟ୍ରେନର ବାଭରେ ଉପସ୍ଥିତ ରହି ବୁଥ ସ୍ତରୀୟ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ରେ ଜିଲ୍ଲା ନିର୍ବାଚନ ବିଭାଗର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଆସିକା ବନବିଭାଗ ଦ୍ୱାରା ୭୬ତମ ବନ ମହୋତ୍ସବ ସପ୍ତାହ

ଆସିକା(ମହାଭାରତ): ଘୁମୁସର ବନଖଣ୍ଡ ଅଧୀନ ଆସିକା ବନବିଭାଗ ପକ୍ଷରୁ ୭୬ତମ ବନ ମହୋତ୍ସବ ସପ୍ତାହ ୨୦୨୫ ଚ଼ରିମଇଲି ସ୍ଥିତ ବନବିଭାଗ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ମୁଖ୍ୟଅତିଥି ଭବେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲା ବେଳେ ମଞ୍ଚ ଉପରେ ଉପସ୍ଥିତ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଗଞ୍ଜାମ ଆରକ୍ଷୀ ଅଧିକାରୀ ଶୁଭେନ୍ଦୁ କୁମାର ପାତ୍ର, ଜିଲ୍ଲା ବନଖଣ୍ଡ ଅଧିକାରୀ ବିପଶା ପାରୁଲ,ଆସିକା ତହସିଲଦାର ସଂଗୀତା ସେଣ,ସହକାରୀ ବନ ସରକ୍ଷକ ପ୍ରଦୀପ କୁମାର ବେହେରା, ବିଡ଼ିଓ ଲିପିନା ଦାସ, ଆସିକା ବନଖଣ୍ଡ ଅଧିକାରୀ ପ୍ରମୋଦ କୁମାର ପଣ୍ଡା,ବନ୍ୟ ପ୍ରାଣୀ ତତ୍ତ୍ୱାବଧରାକ ଶୁଳାପାଣି ଶତପଥୀ, ଅମୁଲ୍ୟ ଉପାଧ୍ୟାୟ, ଅନୁପମ ବାନାର୍ଜୀ ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କରିବା ଦ୍ୱାରା ପରିବେଶ ଉପରେ ଏହାର କଣ ପ୍ରଭାବ ପଡୁଛି ସେ ଉପରେ ଉପସ୍ଥିତ କଲେଜ ଛାତ୍ର ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କୁ ବୁଝାଇବା ସହିତ ବନ୍ୟ ପ୍ରାଣୀ ତତ୍ତ୍ୱାବଧରାକ ଶୁଳାପାଣି ଶତପଥୀ ବିଭିନ୍ନ ଗୀତ ମାଧ୍ୟମରେ ସମସ୍ତଙ୍କ ମଧ୍ୟରେ ଏକ ସକାରାତ୍ମକ ଭାବନା ସୃଷ୍ଟି କରିଥିଲେ ପରେ ଚ଼ରିମଇଲି ସ୍ଥିତ ନଗର ବନରେ ପ୍ରାୟ ୨୦୦ରୁ ଉର୍ଦ୍ଧ ବିଭିନ୍ନ ପ୍ରକାର ଚ଼ାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ ଜେନା,ଭଞ୍ଜନଗର ଉପଖଣ୍ଡ ପୋଲିସ ଅଧିକାରୀ, କୋଟିନଡ଼ା ଥାନା ଅଧିକାରୀ ଦାମୋଦର ବିହାରୀ ବାବନପୁର ସରପ□ ସଞ୍ଜୟ ଜେନା, ଭେଟନଇ ସରପ□ ପ୍ରମୁଖ ଉପସ୍ଥିତ ରହି ଚ଼ାରା ରୋପଣ କରିଥିଲେ।




## ବଡ଼ଚଣାରେ ଭୁଷୁସୁଡୁଛି ବିଜେଡ଼ିର ଦୁର୍ଗ, ପଦ୍ମ ମଜବୁତ

ବଡ଼ଚଣା, (ମହାଭାରତ): ବଡ଼ଚଣା ବିଜେଡିରେ ଏବେ ଏକ ଅନନ୍ୟ ରାଜନୈତିକ ମୋଡ ଦେଖିବାକୁ ମିଳୁଛି। ଏକଦା ବିଜେଡିର ଗଡ ବୋଲି ପରିଚିତ ଥିବା ବଡ଼ଚଣାରେ ବର୍ତ୍ତମାନ ଦଳୀୟ ଦ୍ୱନ୍ଦ, ଗୋଷ୍ଠୀ କନ୍ଦଳ ଓ ଦଳ ବଦଳର ଧାରା ଚର୍ଚ୍ଚାରେ ରହିଛ ।କଂଗ୍ରେସ ତାଲିମ ନେଉଛି ବିଜେଡି ରେ ପ୍ରବେଶ କରିଥିବା ପୁରୁଣା ନେତାଙ୍କ ଦ୍ୱାରା। ଏହି ସମୟରେ ବିଜେପି ଧୀରେ ଧୀରେ ଅଞ୍ଚଳରେ ଶକ୍ତିଶାଳୀ ହେଉଛି। ବିଜେଡି ର ଅନେକ ପୁରୁଣା କର୍ମୀ ଓ ଅଭିଜ୍ଞ ନେତା ଏବେ ଦଳ ଛାଡ଼ିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଭିତରୁ ଖବର ମିଳୁଛି ।ମଙ୍ଗୁଆଳ ମାନଙ୍କ ନେତୃତ୍ୱ ଓ ଜନମତର ଗ୍ରହଣଯୋଗ୍ୟତା ଉପରେ ବଡ ପ୍ରଶ୍ନ ?ବଡ଼ଚଣା ବିଜେଡିର ନିତୃତ୍ୱ ଏବେ ଡଙ୍ଗା ବୁଡ଼ା ଓ ମଙ୍ଗୁଆଳ ମାନଙ୍କ ହାତରେ ଥିବା ବେଳେ ଦଳ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ବହୁତେ ଦାବି କରୁଛନ୍ତି ଯେ, ଏମାନେ ଜନସାଧାରଣ ସହିତ ଦୂରତା ବଢ଼ାଇ ଦେଉଛନ୍ତି ଓ ବେପାର ବିକାଶ କୁ ଅଧିକ ଗୁରୁତ୍ୱ ଦେଉଛନ୍ତ। ଏଥିରୁ ଜନମତରେ ଦଳ ଉପରେ ଅସନ୍ତୋଷ ବୃଦ୍ଧି ପାଉଛି ।ଦଳ ବଦଳ ଓ ଦଳୀୟ ଦୂର୍ବଳତା ସୂତ୍ର ଅନୁଯାୟୀ, ବହୁ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟ ବିଜେପି ପ୍ରତି ଆକୃଷ୍ଟ ହେଉଛନ୍ତି। ଏହି ଯୋଗଦାନ ଏକ ନୂଆ ଦିଗରେ ବଡ଼ଚଣା ରାଜନୀତିକ ପରିବେଶକୁ ଆଣିଛି ।ବିଜେଡି ଦଳ ଏହି ଅଭ୍ୟନ୍ତରୀଣ ଦ୍ୱନ୍ଦ ଓ ଅସନ୍ତୋଷ ଉପରେ ଯଦି ସମୟରେ ଅନୁଶାସନ ନ ଆଣିପାରେ, ତେବେ ଆଗାମୀ ପଞ୍ଚାୟତ ଓ ବିଧାନସଭା ନିର୍ବାଚନରେ ଏହି ଦଳ ପାଇଁ ଗଭୀର ଅସୁବିଧା ସୃଷ୍ଟି ହେବା ନିଶ୍ଚିତ। ଜନସାଧାରଣ ଏବେ ନୂଆ ବିକଳ୍ପ ବିଚାର କରୁଛି ବୋଲି ଚର୍ଚ୍ଚା ଜୋର୍ ଧରିଛି।

## କେରାଣ୍ଡି ରାଧା ଗୋବିନ୍ଦ ମଠର ମହନ୍ତ ଦାମୋଦର ଦାଶ୍ ଜୀଙ୍କ ପରଲୋକ

ଗଜପତି ଜିଲ୍ଲା ଗୋଶାଣୀ ବ୍ଲକ କେରାଣ୍ଡି ପଞ୍ଚାୟତର କେରାଣ୍ଡି ଗ୍ରାମରେ ଥିବା ରାଧାଗୋବିନ୍ଦ ମଠର ମହନ୍ତ ଦାମୋଦର ଦାଶ୍ ଜୀଙ୍କ ପରଲୋକ ହୋଇଯାଇଛି ।ସେ କିଛି ମାସ ହେଲା ଅସୁସ୍ଥ ଥିଲେ ବ୍ରହ୍ମପୁରରେ ଚିକିତ୍ସିତ ହେଉଥିଲେ ।ମହନ୍ତ ଦାମୋଦର ଦାଶ୍ ଜୀ ଙ୍କର କାଲି ମୃତ୍ୟୁ ହୋଇ ଥିବାରୁ ବ୍ରହ୍ମ ପୁର ରୁ ମର ଶରୀର କେରାଣ୍ଡି ଗ୍ରାମରେ ପହଞ୍ଚିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛ। ବିଭିନ୍ନ ମହଲର ବ୍ୟକ୍ତି ବିଶେଷ ଓ ଗ୍ରାମ ବାସୀଙ୍କ ଉପସ୍ଥିତିରେ ଗ୍ରାମ ପରିକ୍ରମା କରାଯାଇ ଶେଷକୃତ୍ୟ ପାରମ୍ପରିକ ରୀତିନୀତି ଅନୁଯାୟୀ କରାଯାଇଛ।

# ଦେବଗଡ଼ ଜିଲ୍ଲାରେ ଗରିବ କଲ୍ୟାଣ ଓ ବିକାଶ ସମାବେଶ



ଦେବଗଡ଼ (ମହାଭାରତ): ଆଜି ଦେବଗଡ଼ ଜିଲ୍ଲା କୁ ଦିନିକିଆ ଗ୍ରସ୍ତ ରେ ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଭାରତ ସରକାର ତଥା ଲୋକସଭା ସାଂସଦ ସମ୍ବଲପୁର ଧର୍ମେନ୍ଦ୍ର ପ୍ରଧାନ ଆଜି ଦେବଗଡ଼ ଗ୍ରସ୍ତ ରେ ଆସି ତିଲେଇବଣି ବ୍ଲକ ସାନ୍ତରାପାଲି ଗ୍ରାମରେ ବନଖଣ୍ଡ ବିଭାଗ ପକ୍ଷରୁ ୭୬ତମ ବନ ଉତ୍ସବ ସପ୍ତାହ ବୃକ୍ଷ ରୋପଣ ଅଭିଯାନ ମା ପାଇଁ ଗଛ ଟିଏ ଶୁଭାରମ୍ଭ କରିଥିଲେ । ପରେ ଏକ ଭ୍ରମ୍ୟମାଣ ସବୁଜ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ। ଗୁଣ୍ଡିଚ଼ା ମନ୍ଦିର ଯାଇ ମହାପ୍ରଭୁ ଜଗନ୍ନାଥ ଙ୍କ ଦର୍ଶନ କରି ନୂତନ ବସଷ୍ଟାଣ୍ଡ ର ଶୁଭାରମ୍ଭ କରିଥିଲେ । ପରେ ପରେ ପ୍ରଧାନପାଟ ବଡ଼ବଗିଚ଼ା ଠାରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଙ୍କ ସଭାପତିତ୍ୱ ରେ ଆୟୋଜିତ ଗରିବ କଲ୍ୟାଣ ଓ ବିକାଶ ସମାବେଶ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଭାରତ ସରକାର ତଥା ଲୋକସଭା ସାଂସଦ ସମ୍ବଲପୁର ପ୍ରଧାନ ଯୋଗଦେଇ ଜିଲ୍ଲା ର ୧୪ ଟି ବିଭାଗର ୪୫ ଟି ପ୍ରକଳ୍ପ ବ୍ୟୟ ଅଟକଳ ୧୬୩ କୋଟି ୮୫୭ ଲକ୍ଷ ଓ ୩ଟି ଭିତ୍ତି ପ୍ରସ୍ତର ସ୍ଥାପନ ର ଡିଜିଟାଲ ମାଧ୍ୟମରେ ଶୁଭ ଉଦଘାଟନ କରିଛନ୍ତି । ଦେବଗଡ଼ ଜିଲ୍ଲାକୁ ରାଜ୍ୟ ରେ ଏକ ବିକଶିତ ଓ ଅଗ୍ରଣୀ ଭାବରେ ଗଢି ତୋଳିବା ପାଇଁ ପ୍ରତିଶୃତି ଦେବା ସହ ଜନସାଧାରଣ ଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମ ରେ ମାନ୍ୟବର ମନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ଓଡିଶା ସରକାର ଶ୍ରୀଯୁକ୍ତ ରବି ନାରାୟଣ ନାଏକ, ମାନ୍ୟବର ବିଧାୟକ ରୋମା□ ରଞ୍ଜନ ବିଶ୍ୱାଳ ବରଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲାର ରାଜସ୍ୱ ବିଭାଗ ପକ୍ଷରୁ ପଟ୍ଟା, ବନଖଣ୍ଡ ବିଭାଗ ପକ୍ଷରୁ ଜଙ୍ଗଲ ଜମି ପଟ୍ଟା, ଶ୍ରମ ବିଭାଗ ପକ୍ଷରୁ ୨୫୩ ଜଣ ହିତାଧିକାରୀଙ୍କୁ ୧, ୩୧, ୪୪, ୮୦୦ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା। ସେହିପରି ଶିକ୍ଷା ସହାୟତା ୧୦୮ ଜଣଙ୍କୁ ୮, ୩୯, ୮୦୦ ଟଙ୍କା, ବିବାହ ସହାୟତା ୩୮ ଜଣଙ୍କୁ ୧୯, ୦୦, ୦୦୦ ଟଙ୍କା, ମୃତ୍ୟୁ ସହାୟତା ୩୮ ଜଣଙ୍କୁ ୯୯, ୦୦, ୦୦୦ ଟଙ୍କା, ଦାହ ସହାୟତା ୩୭ ଜଣଙ୍କୁ ୧, ୮୫, ୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଶେଷରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଦେବଗଡ଼ ଜନ ସାଧାରଣ, ସମସ୍ତ କର୍ମକର୍ତ୍ତା ଙ୍କୁ ଧନ୍ୟବାଦ ଦେଇ ଥିଲେ।

## କ୍ୱିଭ ଉପରେ ସବୁଠାରୁ ବଡ଼ ଆକ୍ରମଣ କଲା ରୁଷିଆ

କ୍ୱିଭ : ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ଏବେ ପର୍ଯ୍ୟନ୍ତ ଥମିବାର ନାଁ ନେଉନି । ଶୁକ୍ରବାର ରାତିରେ ରୁଷିଆ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ସହିତ କ୍ୱିଭକୁ ନିରନ୍ତର ଆକ୍ରମଣ କରି ଟାର୍ଗେଟ କରିଥିଲା, ଯେଉଁଥିରେ ୨୩ ଜଣ ଆହତ ହୋଇଥିଲେ ଏବଂ କ୍ୱିଭରେ ଅନେକ ସ୍ଥାନରେ ବହୁ କ୍ଷତି ମଧ୍ୟ ହୋଇଥିଲା । ରୁଷିଆ ବାୟୁସେନା କହିଛି ଯେ ରୁଷିଆ ରାତାରାତି ୫୫୦ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ସହିତ ୟୁକ୍ରେନ ଉପରେ ଆକ୍ରମଣ କରିଥିଲା । ଏଥିମଧ୍ୟରୁ ଅଧିକାଂଶ ଶାହିଦ ଡ୍ରୋନ ଥିଲା, ଏହା ସହିତ ୧୧ ଟି କ୍ଷେପଣାସ୍ତ୍ର ମଧ୍ୟ ବ୍ୟବହାର କରାଯାଇଥିଲା । ରୁଷିଆ ଦ୍ୱାରା ରାତିସାରା ଆକ୍ରମଣ ସମୟରେ, ନିରନ୍ତର ଡ୍ରୋନର ଜୋରଦାର ଶବ୍ଦ ଶୁଣାଯାଉଥିଲା ଏବଂ ବିସ୍ଫୋରଣ ଏବଂ ମେଶିନ ଗନ ଗୁଳି ଚଳାଇବାର ଶବ୍ଦ ମଧ୍ୟ ଶୁଣାଯାଉଥିଲା । ମେୟର ଭିଟାଲି କ୍ଲିଟସ୍କୋଙ୍କ ଅନୁଯାୟୀ, ଆକ୍ରମଣର ମୁଖ୍ୟ ଲକ୍ଷ୍ୟ କ୍ୱିଭ ଥିଲା । ସେ କହିଛନ୍ତି ଯେ ଏହି ଆକ୍ରମଣରେ ଅତି କମରେ ୨୩ ଜଣ ଆହତ ହୋଇଛନ୍ତି, ଯେଉଁଥିରୁ ୧୪ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ୟୁକ୍ରେନୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ୨ଟି କ୍ରୁଜ କ୍ଷେପଣାସ୍ତ୍ର ସମେତ ୨୭୯ ଟି ଡ୍ରୋନକୁ ଖସାଇ ଦେଇଥିବା ଦାବି କରିଛି । ଏହା ମଧ୍ୟ କହିଛି ଯେ ଅନ୍ୟ ୨୦୮ ଟି ଲକ୍ଷ୍ୟ ରାଡାରରୁ ଅଦୃଶ୍ୟ ହୋଇଯାଇଥିଲା ଏବଂ ଏହା ବିଶ୍ୱାସ କରାଯାଉଛି ଯେ ସେଗୁଡ଼ିକ ସବୁ ଜାମ ହୋଇଯାଇଥିଲା । ସୂଚନାଯୋଗ୍ୟ, ମାତ୍ର ଗୋଟିଏ ସପ୍ତାହ ପୂର୍ବରୁ ରୁଷିଆ ୟୁକ୍ରେନ ଉପରେ ସବୁଠାରୁ ବଡ଼ ବିମାନ ଆକ୍ରମଣ କରିଥିଲା । ଏହି ଆକ୍ରମଣ ସମ୍ପର୍କରେ, ୟୁକ୍ରେନ ଦାବି କରିଥିଲା ଯେ ରୁଷିଆ ୫୩୭ ଡ୍ରୋନ ଏବଂ ୬୦ଟି କ୍ଷେପଣାସ୍ତ୍ର ମାଡ଼ କରିଛି । ଏହି ଆକ୍ରମଣରେ କ୍ୱିଭରେ ଅତି କମରେ ୧୦ଟି ସ୍ଥାନ କ୍ଷତିଗ୍ରସ୍ତ ହୋଇଛି । କ୍ୱିଭରେ ସୋଲୋମିନସ୍କି ଜିଲାରେ ଏକ ପାଞ୍ଚ ମହଲା ବିଶିଷ୍ଟ ଆବାସିକ କୋଠା ଆଂଶିକ ଭାବରେ ନଷ୍ଟ ହୋଇଯାଇଥିଲା ଏବଂ ଏକ ସାତ ମହଲା କୋଠାର ଛାତରେ ନିଆଁ ଲାଗିଯାଇଥିଲା ।

## ତାଲିବାନ ଶାସନକୁ ମଞ୍ଜୁରୀ ଦେଲା ରୁଷିଆ !

ମସ୍କୋ : ଭାରତର ଘନିଷ୍ଠ ବନ୍ଧୁ ରୁଷିଆର ଏକ ବଡ଼ ନିଷ୍ପତ୍ତି ପାକିସ୍ତାନକୁ ଆଶ୍ଚର୍ଯ୍ୟ କରିଦେଇଛି । ଆଫଗାନିସ୍ତାନର ତାଲିବାନ ସରକାର ଗୁରୁବାର (ଜୁଲାଇ ୩, ୨୦୨୫)ରେ କହିଛନ୍ତି ଯେ ରୁଷିଆ ଆନୁଷ୍ଠାନିକ ଭାବରେ ଏହାର ଶାସନକୁ ସ୍ୱୀକୃତି ଦେବାରେ ପ୍ରଥମ ଦେଶ ହୋଇଛି । ତାଲିବାନର ଚାଇନା ଏବଂ ପାକିସ୍ତାନ ସମେତ ଅନ୍ୟ ଅନେକ ଦେଶର ରାଜଧାନୀରେ ରାଷ୍ଟ୍ରଦୂତ ଅଛନ୍ତି, କିନ୍ତୁ ସେମାନେ ଆନୁଷ୍ଠାନିକ ଭାବରେ ଇସଲାମିକ ଏମିରେଟସକୁ ସ୍ୱୀକୃତି ଦେଇନାହାଁନ୍ତି । ଆଫଗାନିସ୍ତାନର ବୈଦେଶିକ ମନ୍ତ୍ରୀ ଆମିର ଖାନ ମୁତ୍ତାକି ଏବଂ ଆଫଗାନିସ୍ତାନରେ ରୁଷିଆର ରାଷ୍ଟ୍ରଦୂତ ଦିମିତ୍ରୀ ଝିରନୋଭଙ୍କ ମଧ୍ୟରେ କାବୁଲରେ ଏକ ବୈଠକ ପରେ ଏହି ଘୋଷଣା କରାଯାଇଥିଲା । ମୁତ୍ତାକି ଢ ରେ ଏକ ପୋଷ୍ଟରେ କହିଛନ୍ତି ଯେ ଏହି ସାହସିକ ନିଷ୍ପତ୍ତି ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ହେବ । ବର୍ତ୍ତମାନ ସ୍ୱୀକୃତି ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ, ରୁଷିଆ ସମସ୍ତଙ୍କ ଆଗରେ ଥିଲା । ତାଲିବାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଜିଆ ଅହମ୍ମଦ ତାକାଲ ଏଏଫପିକୁ କହିଛନ୍ତି ଯେ ରୁଷିଆ ହେଉଛି ପ୍ରଥମ ଦେଶ ଯିଏ ଆନୁଷ୍ଠାନିକ ଭାବରେ ଇସଲାମିକ ଏମିରେଟକୁ ସ୍ୱୀକୃତି ଦେଇଛି । ଆଫଗାନିସ୍ତାନ ପାଇଁ ମସ୍କୋର ବିଶେଷ ପ୍ରତିନିଧି ଜମିର କାବୁଲୋଭ ରୁଷିଆର ସରକାରୀ ସମାଚାର ଏଜେନ୍ସି ଆରଆଇଏ ନୋଭୋସ୍ତିକୁ କହିଛନ୍ତି ଯେ ସରକାର ତାଲିବାନ ସରକାରଙ୍କୁ ସ୍ୱୀକୃତି ଦେଇଛି । ପୁଟିନଙ୍କ ଏହି ବଡ଼ ପଦକ୍ଷେପକୁ ଏକ ମାଷ୍ଟର ଷ୍ଟ୍ରୋକ ବୋଲି ମଧ୍ୟ ବିବେଚନା କରାଯାଉଛି କାରଣ ଏହା ଆମେରିକାର ଆଞ୍ଚଳିକ ପ୍ରଭାବକୁ ଚ୍ୟାଲେଞ୍ଜ କରିବ ଏବଂ ପାକିସ୍ତାନକୁ ଗମ୍ଭୀର ରଣନୈତିକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ । ଅପରେଶନ ସିନ୍ଦୂର ସମୟରେ, ଟ୍ରମ୍ପ ନିଜକୁ ନିରପେକ୍ଷ ଦେଖାଇବା ପାଇଁ ଭାରତକୁ ସମର୍ଥନ କରିନଥିଲେ । ପାକିସ୍ତାନ ପାଇଁ ଏହା ଏକ ବଡ଼ ଧକ୍କା ବୋଲି ବିବେଚନା କରାଯାଉଛି କାରଣ ଏହା ଦୀର୍ଘ ସମୟ ଧରି ତାଲିବାନର ଖୋଲା ସମର୍ଥକ ଥିଲା, କିନ୍ତୁ ଏପର୍ଯ୍ୟନ୍ତ ତାଲିବାନ ସରକାରଙ୍କୁ ଚିହ୍ନି ପାରିନାହିଁ । ଏପରି ପରିସ୍ଥିତିରେ, ବର୍ତ୍ତମାନ ପାକିସ୍ତାନର ଆଞ୍ଚଳିକ ପ୍ରଭାବ ଦୁର୍ବଳ ହୋଇପାରେ, କାରଣ ବର୍ତ୍ତମାନ ଆଫଗାନ ସରକାର ରୁଷିଆ ମାଧ୍ୟମରେ ବିଶ୍ୱର ଅନ୍ୟ ଦେଶ ସହିତ ସିଧାସଳଖ ସମ୍ପର୍କ ସ୍ଥାପନ କରିପାରିବ । ରୁଷିଆ ଏବଂ ଭାରତ ମଧ୍ୟରେ ବନ୍ଧୁତା ଯୋଗୁ ପାକିସ୍ତାନ ଏବେ ଭାଙ୍ଗି ଯାଇପାରେ । ତେହରିକ-ଏ-ତାଲିବାନକୁ ନେଇ ଆଫଗାନ ସରକାର ଏବଂ ପାକିସ୍ତାନ ମଧ୍ୟରେ ବିବାଦ ଅଛି, କାରଣ ପାକିସ୍ତାନ ବିଶ୍ୱାସ କରେ ଯେ ସେମାନଙ୍କ ଦେଶରେ ଅନେକ ଆକ୍ରମଣ ପାଇଁ ଟିଟିପି ଦାୟୀ । ୨୦୨୧ ମସିହାରୁ ଭାରତ ସହିତ ତାଲିବାନର ସମ୍ପର୍କରେ ଧୀରେ ଧୀରେ ଉନ୍ନତି ହେଉଛି । ବୈଦେଶିକ ସଚିବ ବିକ୍ରମ ମିସ୍ତ୍ରୀ କିଛି ସମୟ ପୂର୍ବରୁ ତାଲିବାନ ନେତାମାନଙ୍କୁ ଭେଟିଥିଲେ । ରୁଷିଆର ସ୍ୱୀକୃତି ତାଲିବାନକୁ ବିଶ୍ୱ ସ୍ତରରେ ବୈଧତା ଦେବ ଏବଂ ଭାରତକୁ ଆଫଗାନିସ୍ତାନରେ ଏହାର ଭିତ୍ତିଭୂମିକୁ ଆହୁରି ମଜବୁତ କରିବା ପାଇଁ ସୁଯୋଗ ପ୍ରଦାନ କରିବ ।

## ପରମାଣୁ ଆକ୍ରମଣ ନେଇ ଭୟଭୀତ ପାକିସ୍ତାନ

ଇସଲାମାବାଦ୍ :୨୨ ଏପ୍ରିଲ ୨୦୨୫ରେ ଜମ୍ମୁ ଓ କଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇଥିଲେ । ଅନେକ ଲୋକ ଆହତ ହୋଇଥିଲେ । ଏହି ଘଟଣା ସମଗ୍ର ଦେଶକୁ ଥରାଇ ଦେଇଥିଲା ଏବଂ ସାରା ଦେଶରେ ପାକିସ୍ତାନ ବିରୋଧରେ ରାଗ ବୃଦ୍ଧି ପାଇଥିଲା । ଏହି ଆତଙ୍କବାଦୀ ଆକ୍ରମଣ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମୋଦି ସରକାର ଅପରେଶନ ସିନ୍ଦୂର ଆରମ୍ଭ କରିଥିଲେ । ଏହା ଅଧୀନରେ, ଭାରତୀୟ ସେନା ପାକିସ୍ତାନର ସାମରିକ ଏବଂ ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରିଥିଲା । ଏହା ପରେ ପାକିସ୍ତାନରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଭାରତ ଦ୍ୱାରା କରାଯାଇଥିବା ଆକ୍ରମଣରେ ପାକିସ୍ତାନୀ ସେନା ଭୟଭୀତ ହୋଇଯାଇଥିଲା । ଭାରତର ଘାତକ ଆକ୍ରମଣର ଜବାବ କିପରି ଦିଆଯିବ ତାହା ବୁଝିପାରି ନ ଥିଲା ପାକିସ୍ତାନୀ ସେନା । ଏହା ନିଜେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ପରାମର୍ଶଦାତା ରାଣା ସାନାଉଲ୍ଲା ପ୍ରକାଶ କରିଛନ୍ତି । ରାଣା ସାନାଉଲ୍ଲା କହିଛନ୍ତି ଯେ, ଭାରତ ବ୍ରହ୍ମୋସ କ୍ରୁଜ ମିଶାଇଲ୍ ନିକ୍ଷେପ କରିଥିଲା, ସେତେବେଳେ ଆସୁଥିବା ମିଶାଇଲ୍‌ରେ ପରମାଣୁ ଅସ୍ତ୍ର ଅଛି କି ନାହିଁ ତାହା ଜାଣିବା ପାଇଁ ପାକିସ୍ତାନୀ ସେନା ପାଖରେ କେବଳ ୩୦-୪୫ ସେକେଣ୍ଡ ସମୟ ଥିଲା । ପହଲଗାମରେ ଆତଙ୍କବାଦୀଙ୍କ ଦ୍ୱାରା ୨୬ ଜଣ ପର୍ଯ୍ୟଟକଙ୍କ ନିର୍ମମ ହତ୍ୟା ପରେ ଆରମ୍ଭ ହୋଇଥିବା ଭାରତ-ପାକିସ୍ତାନ ସଂଘର୍ଷ ସମୟରେ ପରମାଣୁ ଯୁଦ୍ଧର ବିପଦ ବୃଦ୍ଧି ପାଇଥିଲା । ଏତେ କମ ସମୟ ମଧ୍ୟରେ ଏତେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଏକ ଅତ୍ୟନ୍ତ ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିପାରିଥାନ୍ତା । ରାୱଲପିଣ୍ଡିର ଚକଲାଲା ଅଞ୍ଚଳରେ ଅବସ୍ଥିତ ନୁର ଖାନ ଏୟାରବେସ୍କୁ ପାକିସ୍ତାନ ବାୟୁସେନାର ଏକ ପ୍ରମୁଖ ବାୟୁସେନା ଘାଟି ଭାବରେ ବିବେଚନା କରାଯାଏ । ସମ୍ପ୍ରତି, ଭାରତ ଦ୍ୱାରା କରାଯାଇଥିବା 'ଅପରେଶନ ସିନ୍ଦୂର' ଅଧୀନରେ, ଅନେକ ପାକିସ୍ତାନୀ ବାୟୁସେନା ଘାଟିକୁ ଟାର୍ଗେଟ କରାଯାଇଥିଲା । ଏହି ଅଭିଯାନ ରନୱେ, ହ୍ୟାଙ୍ଗର ଏବଂ ଗୁରୁତ୍ୱପୂର୍ଣ୍ଣ କୋଠାଗୁଡ଼ିକୁ ଗୁରୁତର କ୍ଷତି ପହଞ୍ଚାଇଥିଲା, ଯାହା ପାକିସ୍ତାନକୁ ଏକ ବଡ଼ ଝଟକା ଦେଇଥିଲା । ସାଟେଲାଇଟ ଚିତ୍ରଗୁଡ଼ିକ ସରଗୋଧା, ନୁର ଖାନ (ଚକଲାଲା), ଭୋଲାରି, ଜାକୋବାବାଦ, ସୁକ୍କୁର ଏବଂ ରହିମ ୟାର ଖାନ ଭଳି ପ୍ରମୁଖ ବାୟୁସେନା ଘାଟିରେ ବ୍ୟାପକ ଧ୍ୱଂସାବଶେଷ ଦେଖାଇଛି । ଏହା ପ୍ରଥମ ଥର ନ ଥିଲା ଯେତେବେଳେ ଭାରତ ନୁର ଖାନ ବାୟୁସେନାକୁ ଟାର୍ଗେଟ କରିଥିଲା । ୧୯୭୧ ଯୁଦ୍ଧ ସମୟରେ, ଭାରତୀୟ ବାୟୁସେନାର ୨୦ ସ୍କ୍ୱାଡ୍ରନ ଏହାର ହକର୍ର ହଣ୍ଟର ବିମାନ ସହିତ ଏହି ବାୟୁସେନା ଘାଟି ଉପରେ ଆକ୍ରମଣ କରିଥିଲା । ସମ୍ପ୍ରତି, ଅପରେଶନ ସିନ୍ଦୂର ଅଧୀନରେ, ଭାରତୀୟ ସେନା ଲସ୍କର-ଏ-ତୋଇବା, ଜୈଶ-ଏ-ମହମ୍ମଦ ଏବଂ ହିଜବୁଲ ମୁଜାହିଦ୍ଦିନ ଭଳି ଆତଙ୍କବାଦୀ ସଂଗଠନର ଅନେକ ଘାଟିକୁ ନଷ୍ଟ କରିଥିଲା । ଭାରତ ଦ୍ୱାରା କରାଯାଇଥିବା ରାତିକାଳୀନ ଅଭିଯାନର ଜବାବରେ, ପାକିସ୍ତାନୀ ସେନା ଭାରତର ପଶ୍ଚିମ ଅଞ୍ଚଳ ଆଡ଼କୁ ଡ୍ରୋନ ଏବଂ ମିଶାଇଲ୍ ମାଡ଼ କରିଥିଲା, ଯାହାକୁ ଭାରତୀୟ ସୁରକ୍ଷା ବାହିନୀ ଦ୍ୱାରା ସଫଳତାର ସହ ନିରପେକ୍ଷ କରାଯାଇଥିଲା । ଏହା ପରେ, ଭାରତ ପ୍ରତିଶୋଧ ନେଇ ପାକିସ୍ତାନ ଭିତରେ ଅବସ୍ଥିତ କିଛି ସାମରିକ ଘାଟି ଉପରେ ସଠିକ ଆକ୍ରମଣ କରିଥିଲା । ଏହା ପରେ, ଚାରି ଦିନର ସଂଘର୍ଷ ପରେ, ଉଭୟ ଦେଶ ତୁରନ୍ତ ପ୍ରଭାବରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରି ଯୁଦ୍ଧବିରତି ପାଇଁ ରାଜି ହୋଇଥିଲେ ।

# ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା: ୩୭ ମୃତ



ହିମାଚଳ ପ୍ରଦେଶ : ହିମାଚଳ ପ୍ରଦେଶରେ ଲଗାତାର ପ୍ରବଳ ବର୍ଷା ହେଉଛି । ଏହି କାରଣରୁ ହୋଇଥିବା ବନ୍ୟା ଏବଂ ଭୂସ୍ଖଳନରେ ଏପର୍ଯ୍ୟନ୍ତ ୩୭ ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି ଏବଂ ୪୦ ଜଣ ନିଖୋଜ ଅଛନ୍ତି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଲଗାତାର ବର୍ଷା ବ୍ୟାପକ କ୍ଷୟକ୍ଷତି କରିଛି ଏବଂ ୪୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି । ଭାରତ ପାଣିପାଗ ବିଭାଗ (ଓଗଉ) ଜୁଲାଇ ୭ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷାର ଚେତାବନୀ ଦେଇ ଅନେକ ଜିଲ୍ଲା ପାଇଁ ଏକ ଅରେଞ୍ଜ ଆଲର୍ଟ ଜାରି କରିଛି । ଆଇଏମଡି ୫ ଜୁଲାଇରେ ସିମଲା, ସୋଲାନ ଏବଂ ସିରମୌର ପାଇଁ ଏବଂ ୬ ଜୁଲାଇରେ ଉନା, ବିଳାସପୁର, ହମିରପୁର, କାଙ୍ଗଡ଼ା, ଚମ୍ବା ଏବଂ ମଣ୍ଡି ପାଇଁ ଏକ ଅରେଞ୍ଜ ଆଲର୍ଟ ଜାରି କରିଛି । ଯାହା ପ୍ରବଳ ବର୍ଷା ଏବଂ ସମ୍ଭାବ୍ୟ ବନ୍ୟାର ବିପଦକୁ ସୂଚିତ କରୁଛି । ରାଜ୍ୟର ଅନ୍ୟ ଅଂଶ ପାଇଁ ଏକ ୟେଲୋ ଆଲର୍ଟ ଜାରି ରହିବ । ବିଭାଗ ବିଚ୍ଛିନ୍ନ ସ୍ଥାନଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଚେତାବନୀ ଦେଇଛି । ଯାହା ବିଶେଷକରି ପୂର୍ବରୁ ବନ୍ୟାପ୍ରବଣ ଅଞ୍ଚଳରେ ଆକସ୍ମିକ ବନ୍ୟା, ଭୂସ୍ଖଳନ ଏବଂ ରାସ୍ତା ଅବରୋଧର ଆଶଙ୍କା ବଢ଼ାଇପାରେ । ଆପଣଙ୍କୁ କହିରଖୁଛୁ ଯେ ପ୍ରବଳ ବର୍ଷା ଯୋଗୁଁ ମାଣ୍ଡି ଜିଲ୍ଲାରେ ଏକ ଗମ୍ଭୀର ବିପର୍ଯ୍ୟୟ ଦେଖାଯାଉଛି । ଏଠାରେ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ଘର ଏବଂ ଭିତ୍ତିଭୂମି ନଷ୍ଟ ହୋଇଯାଇଛି । ଏପର୍ଯ୍ୟନ୍ତ ଏଠାରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩୪ ଜଣ ଏବେ ନିଖୋଜ ଅଛନ୍ତି । ରାସ୍ତା ଅବରୋଧ ହୋଇଛି ବିଦ୍ୟୁତ ଏବଂ ପାଣି ଭଳି ଅତ୍ୟାବଶ୍ୟକୀୟ ସେବା ଗୁରୁତର ଭାବରେ ବାଧାପ୍ରାପ୍ତ ହୋଇଛି । ଘଉଜର, ୫ଉଜର, ସ୍ଥାନୀୟ ପ୍ରଶାସନ ଏବଂ ପୋଲିସର ରିଲିଫ୍ ଦଳ ସକ୍ରିୟ ଭାବରେ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଏହା ବ୍ୟତୀତ, ବନ୍ୟା ଏବଂ ବିପର୍ଯ୍ୟୟ ଯୋଗୁଁ ବିଚ୍ଛିନ୍ନ ହୋଇଥିବା ଗ୍ରାମଗୁଡ଼ିକୁ ବିମାନ ମାର୍ଗ ମାଧ୍ୟମରେ ସହାୟତା ଯୋଗାଇ ଦିଆଯାଉଛି । ଏଥି ସହ ଜାଣିରଖନ୍ତୁ ଯେ, ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ସମଗ୍ର ରାଜ୍ୟରେ ପ୍ରାୟ ୨୫୦ ରାସ୍ତା ବନ୍ଦ ରହିଛି, ୫୦୦ ରୁ ଅଧିକ ବିଦ୍ୟୁତ ବଣ୍ଟନ ଟ୍ରାନ୍ସଫର୍ମର କାମ କରୁନାହିଁ ଏବଂ ପ୍ରାୟ ୭୦୦ ପାନୀୟ ଜଳ ଯୋଜନା ପ୍ରଭାବିତ ହୋଇଛି । ରାଜଧାନୀ ସିମଲାରେ ସ୍କୁଲଗୁଡ଼ିକ ପାଣିରେ ବୁଡ଼ି ରହିଛି । ଏହା ଯୋଗୁଁ ସ୍କୁଲଗୁଡ଼ିକରେ ପାଠପଢ଼ା ବନ୍ଦ ହୋଇଯାଇଛି ଏବଂ ଅଭିଭାବକମାନେ ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଆଗାମୀ କିଛି ଦିନ ପାଇଁ ହିମାଚଳ ପ୍ରଦେଶର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ଅଧିକାରୀମାନେ ଚେତାବନୀ ଜାରି କରିଛନ୍ତି ।

## ଆମେରିକା ସାଂସଦରେ ଗୃହୀତ ହେଲା 'ୱାନ୍ ବିଗ୍ ବିୟୁଟିଫୁଲ୍ ବିଲ୍'




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରସିଦ୍ଧ 'ୱାନ୍ ବିଗ୍ ବିୟୁଟିଫୁଲ୍ ବିଲ୍' ଗୁରୁବାର ବିଳମ୍ବିତ ରାତିରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ଦ୍ୱାରା ୨୧୮-୨୧୪ ଭୋଟରେ ଗୃହୀତ ହୋଇଛି । ଯାହାକୁ ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରମୁଖ ସଫଳତା ବୋଲି କୁହାଯାଉଛି । ସେନେଟ୍ ଏବଂ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରୁ ପାସ୍ ହେବା ପରେ, ଏହି ବିଲ୍ ଏବେ ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ପାଇଁ ପଠାଯାଇଛି । ସେହି ସମୟରେ, ବିଲ୍ ଉପରେ ଭୋଟିଂ ସମୟରେ, ଦୁଇଜଣ ରିପବ୍ଲିକାନ୍ ସାଂସଦ ପାର୍ଟି ଲାଇନ ଭାଙ୍ଗି ଡେମୋକ୍ରାଟିକ୍ ପାର୍ଟି ସପକ୍ଷରେ ଭୋଟ ଦେଇଥିଲେ । ଏଥି ସହ ଡୋନାଲ୍ଡ ଟ୍ରମ୍ପ ଉଭୟ ଗୃହରୁ ଏହି ବିଲ୍ ପାସ୍ ହେବା ଉପରେ ଖୁସି ପ୍ରକାଶ କରିଛନ୍ତି ଏବଂ କହିଛନ୍ତି ଯେ ମୁଁ ଲକ୍ଷ ଲକ୍ଷ ପରିବାରକୁ 'ଡେଥ୍ ଟ୍ୟାକ୍ସ'ରୁ ମୁକ୍ତ କରିଛି । ସେ ଏହା ମଧ୍ୟ କହିଛନ୍ତି ଯେ ଆମେରିକାର ସ୍ୱାଧୀନତା ଦିବସ ଅବସରରେ ଏହି ବିଲ୍ ଠାରୁ ଭଲ ଉପହାର ଆଉ କିଛି ହୋଇପାରେ ନାହିଁ । ବିଲ୍ ପାସ୍ ହେବା ପରେ, ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲେଭିଟ୍ ସାମ୍ବାଦିକମାନଙ୍କୁ କହିଥିଲେ ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ସନ୍ଧ୍ୟା ୫ଟାରେ ତାଙ୍କର ବିଶାଳ ଟିକସ ଛାଡ଼ ଏବଂ ଖର୍ଚ୍ଚ ହ୍ରାସ ବିଲ୍ ଉପରେ ସ୍ୱାକ୍ଷର କରିବାକୁ ଯୋଜନା କରୁଛନ୍ତି । ଜୁଲାଇ ୪ରେ ସ୍ୱାକ୍ଷର ସମାରୋହ ଛୁଟିଦିନ ପାଳନ ପାଇଁ ହ୍ୱାଇଟ୍ ହାଉସ୍ ପିକନିକ୍ ସହିତ ସମନ୍ୱିତ ହେବ । ୮୦୦ ପୃଷ୍ଠାରୁ ଅଧିକ ଲମ୍ବା ଏହି ବିଲ୍ ପାସ୍ କରାଇବା ପାଇଁ ଟ୍ରମ୍ପଙ୍କୁ କଠିନ ପରିଶ୍ରମ କରିବାକୁ ପଡିଥିଲା । ଏହି ବିଲ୍ ପାଇଁ ଏଙଚ ନେତାମାନଙ୍କୁ ରାତିସାରା ପରିଶ୍ରମ କରିବାକୁ ପଡିଥିଲା ଏବଂ ଟ୍ରମ୍ପ ମଧ୍ୟ ପର୍ଯ୍ୟାପ୍ତ ଭୋଟ ପାଇବା ପାଇଁ ହୋଲ୍ଡଆଉଟ୍ ଉପରେ ବ୍ୟକ୍ତିଗତ ଭାବରେ ଚାପ ପକାଇଥିଲେ । ଏହି ବିଲ୍ରେ ଟିକସ ହ୍ରାସ, ସାମରିକ ବଜେଟ୍, ପ୍ରତିରକ୍ଷା ଏବଂ ଶକ୍ତି ଉତ୍ପାଦନ ପାଇଁ ଖର୍ଚ୍ଚ, ଏବଂ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକର କାର୍ଯ୍ୟକ୍ରମରେ ହ୍ରାସ ଭଳି ପ୍ରମୁଖ ବ୍ୟବସ୍ଥା ସାମିଲ । ଏହି ବିଲ୍ ବେଆଇନ ପ୍ରବାସୀମାନଙ୍କୁ ବଡ଼ ପରିମାଣରେ ନିର୍ବାସନ ପାଇଁ ବୃଦ୍ଧି କରାଯାଇଥିବା ଖର୍ଚ୍ଚ ସହିତ ମଧ୍ୟ ଜଡିତ । ଅନ୍ୟ ବିରୋଧୀମାନେ ବିଶ୍ୱାସ କରନ୍ତି ଯେ ଏହି ଖର୍ଚ୍ଚ ଦେଶର ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଭଳି କ୍ଷେତ୍ରକୁ ପ୍ରଭାବିତ କରିବାର ସମ୍ଭାବନା ଅଛି । ଏହି କାରଣରୁ ଶିଳ୍ପପତି ଏଲୋନ୍ ମସ୍କଙ୍କ ସମେତ ଏକ ବଡ଼ ବର୍ଗ ଏହି ବିଲ୍ର ବିରୋଧୀ ଏବଂ ଏହାକୁ ସମାଲୋଚନା କରୁଛନ୍ତି । ଟ୍ରମ୍ପ ପ୍ରଶାସନ ଅନୁଯାୟୀ, ଏହି ବିଲ୍ ୨୦୧୭ର ଟିକସ କାଟ୍ ଏବଂ ଚାକିରି ଆଇନକୁ ସ୍ଥାୟୀ ଭାବରେ କାର୍ଯ୍ୟକାରୀ କରିବା ଏବଂ ତାଙ୍କର ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ହେଲେ, ବିଲ୍ ପାସ୍ ହେବା କଂଗ୍ରେସ ଭିତରେ ମତଭେଦ ସୃଷ୍ଟି କରିଛି । ଉଭୟ ଗୃହରେ ଏହି ବିଲ୍ ପାସ୍ ହେବା ଉପରେ ଟ୍ରମ୍ପ୍ ଖୁସି ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ମୁଁ ପ୍ରତିଶ୍ରୁତି ଦେଇଥିବା ପରି, ଆମେ ଟ୍ରମ୍ପ୍ ଟିକସ ହ୍ରାସକୁ ସ୍ଥାୟୀ କରୁଛୁ । ଏବେ ଟିପ୍ସ, ଓଭରଟାଇମ୍ ଏବଂ ସାମାଜିକ ସୁରକ୍ଷା ଉପରେ କୌଣସି ଟିକସ ରହିବ ନାହିଁ । ଆୟୋୱା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବିଲ୍ ୨୦ ଲକ୍ଷରୁ ଅଧିକ ପରିବାର ଫାର୍ମକୁ ତଥାକଥିତ ସମ୍ପତ୍ତି ଟିକସ କିମ୍ବା ମୃତ୍ୟୁ ଟିକସରୁ ମୁକ୍ତି ପ୍ରଦାନ କରେ । ଏଥି ସହ ଜାଣିରଖନ୍ତୁ ଯେ, ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଆମେରିକାର ସ୍ୱାଧୀନତା ଦିବସ ଅବସରରେ "ଡଭର ଈସଶ ଈରବଙ୍କଷ୍ପସଲଙ୍କଷ ଈସକ୍ଷକ୍ଷ" ଠାରୁ ଭଲ ଉପହାର ଆଉ କିଛି ହୋଇପାରେ ନାହିଁ ।

## ପାକିସ୍ତାନକୁ କବଜା କରିଛି ଚାଇନା

ନୂଆଦିଲ୍ଲୀ,୪ ।୭: ଭାରତୀୟ ସେନାର ଉପ-ମୁଖ୍ୟ ସେନା କର୍ମଚାରୀ ଲେଫ୍ଟନାଣ୍ଟ ଜେନେରାଲ ରାହୁଲ ଆର. ସିଂହ ଶୁକ୍ରବାର (ଜୁଲାଇ ୦୪,



୨୦୨୫) ଏକ କାର୍ଯ୍ୟକ୍ରମରେ କହିଥିଲେ ଯେ ସିନ୍ଦୂର ଅପରେସନ ସମୟରେ ଚୀନ ପାକିସ୍ତାନକୁ ଆମର ଭେକ୍ଟରଗୁଡ଼ିକର ଲାଇଭ ଅପଡେଟ ଦେଉଥିଲା ଏବଂ ତୁର୍କୀ ପାକିସ୍ତାନକୁ ଡ୍ରୋନ ଯୋଗାଇ ଦେଉଥିଲା । ସେନାର ଏହି ବୟାନ ଉପରେ ପ୍ରତିରକ୍ଷା ବିଶେଷଜ୍ଞ ଏବଂ ଅବସରପ୍ରାପ୍ତ କ୍ୟାପଟେନ ଅନିଲ ଗୌର କହିଛନ୍ତି, 'ପାକିସ୍ତାନ ପାଖରେ ଅସ୍ତ୍ର ତିଆରି କରିବା ପାଇଁ ଟଙ୍କା ନାହିଁ କିମ୍ବା ସମ୍ବଳ ନାହିଁ । ପାକିସ୍ତାନ ସବୁବେଳେ ଆମେରିକା ଏବଂ ଚୀନ ଠାରୁ ଅସ୍ତ୍ର କିଣୁଛି ।' କ୍ୟାପଟେନ ଅନିଲ କହିଛନ୍ତି, 'ଆମେରିକୀୟ ଅସ୍ତ୍ର ବ୍ୟବହାର କରିବା ପାଇଁ, ପାକିସ୍ତାନକୁ ପ୍ରଥମେ ଆମେରିକାଠାରୁ ସାହାଯ୍ୟ ମାଗିବାକୁ ପଡିବ । ଅନ୍ୟପକ୍ଷରେ, ଚୀନ ନିଜ ଲାଭ ପାଇଁ ପାକିସ୍ତାନକୁ ସାହାଯ୍ୟ କରେ । ପାକିସ୍ତାନ ଏକ ଭିକାରୀ ଦେଶ ଏବଂ ଚୀନ ଏହାକୁ ନିଜର ପ୍ରଦେଶ ମଧ୍ୟରୁ ଗୋଟିଏ ବୋଲି ମାନିଥାଏ । କ୍ୟାପଟେନ ଅନିଲ କହିଛନ୍ତି ଯେ ଯଦି ଆମେ ତୁର୍କୀ ବିଷୟରେ କଥା ହେବା, ତେବେ ଏହାର ରାଷ୍ଟ୍ରପତି ରେସେପ ତୈୟପ ଏର୍ଦୋଗାନ ନିଜକୁ ଖଲିଫା ବୋଲି ମାନିଥାନ୍ତି ଏବଂ ସେ ତାଙ୍କର ପ୍ରାଚୀନ ସାମ୍ରାଜ୍ୟକୁ ପୁନଃସ୍ଥାପିତ କରିବାକୁ ଚାହାଁନ୍ତି । ସେଥିପାଇଁ ତୁର୍କୀ ମଧ୍ୟ ପାକିସ୍ତାନକୁ ନିରନ୍ତର ସାହାଯ୍ୟ କରୁଛି । ଭାରତ ଏହାକୁ ଭଲ ଭାବରେ ବୁଝେ, ସେଥିପାଇଁ ଏହା ନିରନ୍ତର ପ୍ରତିଶୋଧ ନେଉଛି । ଭାରତର ନୀତି ଖୁବ ଶୀଘ୍ର ଏହି ଜିନିଷଗୁଡ଼ିକର ଅନ୍ତ ଘଟାଇବ । ଅନ୍ୟପକ୍ଷରେ, ଲେଫ୍ଟନାଣ୍ଟ ଜେନେରାଲଙ୍କ ଏହି ବୟାନକୁ ନେଇ ପୂର୍ବତନ ମେଜର ଜେନେରାଲ ଡକ୍ଟର ଜି.ଡି. ବକ୍ସି କହିଛନ୍ତି, ବହୁତ ମାପିଚୁପି କରି ଏହି ବୟାନ ଦେଇଛନ୍ତି । ପାକିସ୍ତାନ ଭାରତର ଜନବହୁଳ ଅଞ୍ଚଳକୁ ଛୁଇଁ ପାରିବ ନାହିଁ ଏବଂ ଭାରତ ସେମାନଙ୍କ ସହର ମଧ୍ୟରେ ନଅଟି ଆତଙ୍କବାଦୀ ଶିବିରକୁ ନଷ୍ଟ କରିବାରେ ସକ୍ଷମ ହୋଇଥିଲା । ପାକିସ୍ତାନ ସହାୟତାରେ ଚୀନ ମାଗଣାରେ ଉନ୍ନତ ଅସ୍ତ୍ରଶସ୍ତ୍ର ବିରୁଦ୍ଧରେ ତା'ର ଅସ୍ତ୍ରଶସ୍ତ୍ର ପରୀକ୍ଷଣ କରାଉଛି । ତେଣୁ, ଭାରତକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବାକୁ ପଡିବ ।' ପୂର୍ବତନ ମେଜର ଜେନେରାଲ ଜି.ଡି. ବକ୍ସି ଆହୁରି କହିଛନ୍ତି, 'ଭାରତ ଯୁଦ୍ଧ ପରିସ୍ଥିତିକୁ ବହୁତ ବୁଦ୍ଧିମାନ ଭାବରେ ପରିଚାଳନା କରିଛି ଏବଂ ଯୁଦ୍ଧକୁ ଲମ୍ବାଇବା ପରିବର୍ତ୍ତେ ଯୁଦ୍ଧବିରତି ପାଇଛି । ଭାରତକୁ ଯୁଦ୍ଧକୁ ଆଉ ଗୋଟିଏ କିମ୍ବା ଦୁଇ ଦିନ ଟାଣିବା ଉଚିତ ଥିଲା, ଯାହା ଦ୍ୱାରା ପାକିସ୍ତାନର ଅଧିକ ଘାଟି ନଷ୍ଟ ହୋଇପାରିବ । ଯଦି ଆମେ ବାକି ଥିବା ସମସ୍ତ ଆତଙ୍କବାଦୀ ଘାଟିକୁ ନଷ୍ଟ କରିଥାନ୍ତୁ ତେବେ ଏହା ଖରାପ ହୋଇନଥାନ୍ତା ।'

## ଦଲାଇ ଲାମାଙ୍କ ଉତ୍ତରାଧିକାରୀ ପ୍ରସଙ୍ଗକୁ ନେଇ ଚାଇନାକୁ କଡ଼ା ଚେତାବନୀ ଦେଲେ ତିବ୍ବତର ନିର୍ବାସିତ ରାଷ୍ଟ୍ରପତି

ବେଜିଂ,୪ ।୭: ତିବ୍ବତୀୟ ବୌଦ୍ଧ ଧର୍ମଗୁରୁ ଦଲାଇ ଲାମାଙ୍କ ଉତ୍ତରାଧିକାରୀ ଚୟନକୁ ନେଇ ବିବାଦ ଶେଷ ହେଉନାହିଁ । ଚାଇନା ଜିଦ ଧରିଛି ଯେ ଭବିଷ୍ୟତର ଉତ୍ତରାଧିକାରୀ ପାଇଁ ତିବ୍ବତକୁ ଏହାର ଅନୁମୋଦନ ନେବାକୁ ପଡିବ । ଚାଇନା କହିଛି ଯେ ଦଲାଇ ଲାମା ଏବଂ ଅନ୍ୟାନ୍ୟ ବୌଦ୍ଧ ନେତାଙ୍କ ପୁନର୍ଜନ୍ମ ସୁନା କଳସରୁ ଲଟେରୀ ବାହାର କରି ଚୟନ କରାଯିବା ଉଚିତ । ତିବ୍ବତ ଏହାକୁ ବିରୋଧ କରିଛି । ଦଲାଇ ଲାମାଙ୍କ ଉପରେ ଚାଇନାର ପ୍ରତିକ୍ରିୟା ପରେ, କେନ୍ଦ୍ରୀୟ ତିବ୍ବତୀୟ ପ୍ରଶାସନର ଅଧକ୍ଷ ପେନ୍ପା ସେରିଂ ବେଜିଂର ଦାବି ଉପରେ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି, 'ଧର୍ମରେ ବିଶ୍ୱାସ ନ ଥିବା ଚାଇନା ସରକାର କୌଣସି ନିଷ୍ପତ୍ତି ନେବ ନାହିଁ । ଚାଇନା ତିବ୍ବତୀୟ ଲୋକଙ୍କ ଧାର୍ମିକ ସ୍ୱାଧୀନତାରେ ହସ୍ତକ୍ଷେପ କରିବାକୁ ଚାହୁଁଛି । ସେମାନେ କେବଳ ଆମ ଦେଶକୁ ଦଖଲ କରିବାକୁ ଚାହୁଁନାହାଁନ୍ତି, ବରଂ ଆମ ଉପରେ ଅନେକ ଜିନିଷ ଲଦିବାକୁ ଚାହୁଁଛନ୍ତି, ଯେଉଁଥିରେ ଆମର ନିଜର ଆଧ୍ୟାତ୍ମିକ ନେତା ବାଛିବାର ଧାର୍ମିକ ସ୍ୱାଧୀନତା ମଧ୍ୟ ଅନ୍ତର୍ଭୁକ୍ତ ।' ନିର୍ବାସିତ ତିବ୍ବତୀୟ ସରକାରଙ୍କ ରାଷ୍ଟ୍ରପତି ପେନ୍ପା ସେରିଂ କହିଛନ୍ତି ଯେ ଏହା ଦୁର୍ଭାଗ୍ୟଜନକ ଯେ ଚାଇନା ସରକାର ସବୁବେଳେ ତିବ୍ବତ ବିଷୟରେ କିଛି ନା କିଛି କହୁଛନ୍ତି । ଚାଇନାକୁ ଟାର୍ଗେଟ କରି ସେ ପଚାରିଲେ, 'ସେମାନେ କହୁଛନ୍ତି ଯେ ଆମେ ପରମ୍ପରା ଭାଙ୍ଗିଛୁ । ଚାଇନା ସରକାର କେଉଁ ପରମ୍ପରା ବିଷୟରେ କହୁଛନ୍ତି ? ସ୍ୱର୍ଣ୍ଣ କଳସ ଯାହା ୧୮ ଶତାବ୍ଦୀର ଶେଷ ଭାଗରେ ଅର୍ଥାତ ୧୭୯୩ ମସିହାରେ ଆରମ୍ଭ ହୋଇଥିଲା । ଏହା ପୂର୍ବରୁ ୮ ଜଣ ଦଲାଇ ଲାମା ଥିଲେ । କ'ଣ ସେମାନେ ଦଲାଇ ଲାମା ନୁହଁନ୍ତି କାରଣ କୌଣସି ସ୍ୱର୍ଣ୍ଣ କଳସ ନଥିଲା ?' ଚାଇନା ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ସ୍ୱର୍ଣ୍ଣ କଳସରୁ ଲଟେରୀ ବାହାର କରି ଦଲାଇ ଲାମା, ପଞ୍ଚେନ ଲାମା ଏବଂ ଅନ୍ୟାନ୍ୟ ମହାନ ବୌଦ୍ଧ ବ୍ୟକ୍ତିତ୍ୱଙ୍କ ପୁନର୍ଜନ୍ମ ଚୟନ କରାଯିବା ଉଚିତ ଏବଂ ଏହାକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦନ କରାଯିବା ଉଚିତ । ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମା ବୁଧବାର କହିଥିଲେ ଯେ ଦଲାଇ ଲାମାଙ୍କ ପ୍ରତିଷ୍ଠାନ ଜାରି ରହିବ ଏବଂ କେବଳ ଗାଡେନ ଫୋଡ୍ରଙ୍ଗ ଟ୍ରଷ୍ଟର ତାଙ୍କ ଉତ୍ତରାଧିକାରୀଙ୍କୁ ସ୍ୱୀକୃତି ଦେବାର ଅଧିକାର ରହିବ ।

# ଦିଲ୍ଲୀବାସୀଙ୍କ ପାଇଁ ବଡ଼ ଖବର, ପୁରୁଣା ଗାଡ଼ି ଜବତ ଉପରେ ରୋକ ଲଗାଇଲେ ସରକାର



ପୁରୁଣା ଯାନବାହାନରେ ଇନ୍ଧନ ନିଷେଧ ଉପରେ ଦିଲ୍ଲୀ ସରକାର ପ୍ରତିବନ୍ଧକ ଲଗାଇଛନ୍ତି । ଏହି ସମ୍ପର୍କରେ ଦିଲ୍ଲୀ ସରକାର ଉଇଛଗଙ୍କୁ ଚିଠି ଲେଖାଯାଇଛି । ଏହି ନିୟମକୁ ଲକ୍ଷ ଲକ୍ଷ ଯାନବାହନର ମାଲିକ, ମଧ୍ୟମ ବର୍ଗର ଲୋକ ଏବଂ ଛୋଟ ବ୍ୟବସାୟୀମାନେ ଏହାକୁ ବିରୋଧ କରିଛନ୍ତି । ଏହାରି ମଧ୍ୟରେ ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂ ସିରସା ଉଇଛଗଙ୍କୁ ଚିଠି ଲେଖିଛନ୍ତି । ନିର୍ଦ୍ଦେଶନାମା ନମ୍ବର ୮୯ କାର୍ଯ୍ୟକାରୀକୁ ସ୍ଥଗିତ କରିବା ପାଇଁ ଦାବି କରିଛନ୍ତି । ଚିଠିରେ ସେ କହିଛନ୍ତ ଯେ, ''ଇଘଚଜ କାର୍ଯ୍ୟକାରୀ ନହେବା ପର୍ଯ୍ୟନ୍ତ ନିର୍ଦ୍ଦେଶନାମା ନମ୍ବର ୮୯ କାର୍ଯ୍ୟକାରୀକୁ ତୁରନ୍ତ ସ୍ଥଗିତ ରଖିବାକୁ କମିଶନକୁ ଅନୁରୋଧ କରିଛନ୍ତି । ଦିଲ୍ଲୀ ସରକାରଙ୍କ ଏହି ନିୟମ ଯଥେଷ୍ଟ ଉନ୍ନତି ଆଣିବ ବୋଲି ମଧ୍ୟ କହିଛନ୍ତି ।'' ସେପଟେ ବିଜେପି ବିଧାୟକ ପ୍ରବେଶ ବର୍ମା ଦିଲ୍ଲୀରେ ଏଣ୍ଡ-ଅଫ୍-ଲାଇଫ୍ ଯାନ (ରଖଠ) ନିୟମ କାର୍ଯ୍ୟକାରୀ ହେବା ଉପରେ ଚିନ୍ତା ପ୍ରକାଶ କରିଛନ୍ତି । ସେ ସ୍ୱୟଂଚାଳିତ ନମ୍ବର ପ୍ଲେଟ୍ ଚିହ୍ନଟ କ୍ୟାମେରା ସହିତ ଜଡିତ ବ୍ୟାପକ ସମସ୍ୟା । ଯାହା ଚ୍ୟାଲେଞ୍ଜିଂ ରହିବ । ଇଘଚଜ ସହିତ ଅନେକ ସମସ୍ୟା ଜଡିତ ହୋଇ ରହିଛି ଯାହା କାର୍ଯ୍ୟକାରୀ କରିବା କଷ୍ଟକର । ଅନ୍ୟପଟେ ଜୁଲାଇ ୧ରୁ ଆରମ୍ଭ ହୋଇଥିବା ନିଷେଧର ପ୍ରଥମ ଦିନରେ, ଦିଲ୍ଲୀରେ ପ୍ରାୟ ୮୦ଟି ଯାନ ଜବତ କରାଯାଇଥିଲା ଏବଂ ୯୮ ଜଣଙ୍କୁ ନୋଟିସ୍ ଜାରି କରାଯାଇଥିଲା । ୪୯୮ଟି ପେଟ୍ରୋଲ ପମ୍ପରେ ସ୍ୱୟଂଚାଳିତ ନମ୍ବର ପ୍ଲେଟ୍ ଚିହ୍ନଟ କ୍ୟାମେରା ସ୍ଥାପିତ ହୋଇଥିଲା, ଯାହା ଗାଡ଼ିର ବୟସକୁ ଗାଡ଼ିର ଡାଟାବେସ୍ ସହିତ ଲିଙ୍କ୍ କରି ଚିହ୍ନଟ କରିଥାଏ । ଏହି ନିୟମ ଲାଗୁ ହେବାର କାରଣ ହେଲା ପ୍ରଦୂଷଣକୁ ରୋକିବା । ଏହା ସହିତ ପୁରୁଣା ଯାନବାହନ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା । ଯେଉଁଥିରେ ୮୪ ଲକ୍ଷ ଟଙ୍କାର ଏକ ମର୍ସିଡିଜ୍ ମାଲିକ ଏହାକୁ ୨.୫ ଲକ୍ଷ ଟଙ୍କାରେ ବିକ୍ରି କରିଦେଉଥିଲେ । କିନ୍ତୁ ପରେ ଏହା ଚିନ୍ତାର ବିଷୟ ପାଲଟିଛି । ଅନେକ ମଧ୍ୟମ ବର୍ଗ, ଛୋଟ ବ୍ୟବସାୟୀ ଏବଂ ଯାନବାହାନର କିଛି ଗାଡ଼ି ମାଲିକ ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଗାଡ଼ି ମାଲିକ ମଧ୍ୟ ଅଭିଯୋଗ କରିଛନ୍ତି ଯେ, ଭଲ ଅବସ୍ଥାରେ ଥିବା ସେମାନଙ୍କର ଯାନଗୁଡ଼ିକୁ ଉପଯୁକ୍ତ ତଦନ୍ତ ବିନା ଜବତ କରାଯାଉଛି, ଯାହା ସେମାନଙ୍କ ଜୀବିକାକୁ ପ୍ରଭାବିତ କରୁଛି ।

# ସିରାଜ ଓ ଆକାଶ ଦୀପଙ୍କ ଘାତକ ବୋଲିଂ, ଇଂଲଣ୍ଡ ୪୦୭

## ଜେମି ସ୍ମିଥ୍ ଓ ହ୍ୟାରି ବ୍ରୁକ୍ ଶତକ, ଭାରତ ୨୪୪ ରନରେ ଅଗ୍ରଣୀ



ନୂଆଦିଲ୍ଲୀ: ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଏଜବାଷ୍ଟନରେ ଖେଳାଯାଉଛି । ଟିମ୍ ଇଣ୍ଡିଆ । ଶୁଭମନ ଗିଲଙ୍କ ଦ୍ୱିଶତକ (୨୬୯) ବଳରେ ଟିମ୍ ଇଣ୍ଡିଆ । ପ୍ରଥମ ଇନିଂସରେ ୫୮୭ ରନର ବିଶାଳ ସ୍କୋର କରିଥିଲା । ଏହାର ଦବାବରେ ଇଂଲଣ୍ଡ ୮୯.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୪୦୭ ରନ୍ କରିଛି । ଇଂଲଣ୍ଡ ପାଇଁ ଜେମି ସ୍ମିଥ୍ ଓ ହ୍ୟାରି ବ୍ରୁକ୍ ଶତକୀୟ ଇନିଂସ ଖେଳିଥିଲେ । ଭାରତ ପାଇଁ ମହମ୍ମଦ ସିରାଜ ୬ ଓ ଆକାଶ ଦୀପ ୪ ୱିକେଟ୍ ନେଇଥିଲେ । ପ୍ରଥମ ଇନିଂସ ଆଧାରରେ ଭାରତ ୧୮୦ ରନରେ ଅଗ୍ରଣୀ ରହିଛି । ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଭାରତ ୧ ୱିକେଟ ହରାଇ ୬୪ ରନ୍ କରିଛି । ଯଶସ୍ୱୀ ୨୬ ରନ୍ କରିଆଉଟ୍ ହୋଇଛନ୍ତି । ଭାରତ ୨୪୪ ରନରେ ଅଗ୍ରଣୀ ହୋଇଛି ।

ତୃତୀୟ ଦିନର ଖେଳ ୭୭/୩ ସ୍କୋରରୁ ଆରମ୍ଭ କରିଥିବା ଇଂଲଣ୍ଡ ଆରମ୍ଭରେ ଦୁଇଟି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ମହମ୍ମଦ ସିରାଜ ଦିନର ଦ୍ୱିତୀୟ ଓଭରରେ ଇଂଲଣ୍ଡକୁ ଲଗାତାର ଦୁଇଟି ଝଟକା ଦେଇଥିଲେ ପ୍ରଥମେ ଜୋ ରୁଟ୍ (୨୨)ଙ୍କୁ ପନ୍ତଙ୍କ ହାତରେ କ୍ୟାଚ୍ କରାଇଥିଲେ । ଏହାପରେ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କୁ ମଧ୍ୟ ପ୍ୟାଭିଲିୟନର ରାସ୍ତା ଦେଖାଇଥିଲେ । ସେ ଖାତା ମଧ୍ୟ ଖୋଲିପାରି ନଥିଲେ ୮୪ ସ୍କୋରରେ ପାଞ୍ଚଟି ୱିକେଟ ହରାଇଥିବା ଇଂଲଣ୍ଡ ପାଇଁ ସଂକଟମୋଚକ ସାଜିଥିଲେ ହ୍ୟାରି ବ୍ରୁକ୍ ଏବଂ ଜେମି ସ୍ମିଥ୍ ଉଭୟଙ୍କ ମଧ୍ୟରେ ଷଷ୍ଠ ୱିକେଟ ପାଇଁ ୩୦୩ ରନର ଭାଗୀଦାରି ହୋଇଥିଲା । ଦ୍ୱିତୀୟ ସେସନର ଖେଳ ୩୫୫/୫ ସ୍କୋରରେ ଶେଷ ହୋଇଥିଲା । ତୃତୀୟ ସେସନରେ ଆକାଶ ଦୀପ ହ୍ୟାରି ବ୍ରୁକଙ୍କୁ ନିଜର ଶିକାର କରିଥିଲେ । ବ୍ରୁକ୍ ୨୩୪ ବଲରୁ ୧୭ ଚୌକା ଏବଂ ଗୋଟିଏ ଛକା ସହାୟତାରେ ୧୫୮ ରନ୍ କରି ଆଉଟ ହୋଇଥିଲେ । ଅନ୍ୟପଟେ ସ୍ମିଥ୍ ୧୮୪ ରନ କରି ଅପରାଜିତ ରହିଥିଲେ । ପରେ କ୍ରିସ୍ ୱକ୍ସଙ୍କୁ କରୁଣ ନାୟାରଙ୍କ ହାତରେ କ୍ୟାଚ୍ କରାଇଥିଲେ ଆକାଶ ଦୀପ । ଶେଷରେ ବ୍ରାଇଡନ୍ କାର୍ସେ, ଜୋଶ ଟଙ୍ଗ୍ ଏବଂ ସୋଏବ ବଶିରଙ୍କୁ ସିରାଜ ପ୍ୟାଭିଲିୟନର ରାସ୍ତା ଦେଖାଇଥିଲେ । ଏହି ତିନି ଜଣ ଖାତା ମଧ୍ୟ ଖୋଲିପାରି ନଥିଲେ ଇଂଲଣ୍ଡର ପ୍ରଥମ ଇନିଂସରେ, ଭାରତ ପାଇଁ ମହମ୍ମଦ ସିରାଜ ଛଅଟି ଏବଂ ଆକାଶ ଦୀପ ଚାରିଟି ୱିକେଟ ନେଇଥିଲେ ।

# ସୁରକ୍ଷା ଚିନ୍ତାରେ ବିସିସିଆଇ

## ବାଂଲାଦେଶ ଟୁର୍ ହୋଇପାରେ ସ୍ଥଗିତ



ନୂଆଦିଲ୍ଲୀ,୪।୭(ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ଆସନ୍ତା ବାଂଲାଦେଶ ଟୁର୍ ସ୍ଥଗିତ ରଖାଯାଇ ପାରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଏହି ଦେଶର ସୁରକ୍ଷା ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିଛି । ଶେଖ୍ ହସିନାଙ୍କ ସରକାର ବିତାଡ଼ିତ ହେବାପରେ ଦେଶରେ ଅସ୍ଥିରତା ଓ ଅରାଜକତା ଦେଖାଦେଇଛି ।

ଭାରତ ଅଗଷ୍ଟ ୧୭ରୁ ୩୧ ପର୍ଯ୍ୟନ୍ତ ଚିଟ୍ଟାଗଙ୍ଗ ଓ ଢାକାଠାରେ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଅନ୍ତର୍ଜାତୀୟ ଟି୨୦ ଖେଳିବାର କାର୍ଯ୍ୟକ୍ରମ ରହିଛି । ତେବେ ସିରିଜ ବାତିଲ ହୋଇ ନାହିଁ । ସମ୍ଭବତଃ ୨୦୨୬ରେ କେବେ ହୋଇପାରେ । କାରଣ ବିଶ୍ୱକପ୍ ପାଇଁ ଅନ୍ତର୍ଜାତୀୟ ଦିନିକିଆ । ଚାମ୍ପିୟନଶିପ୍ ପଏଣ୍ଟର ଆବଶ୍ୟକତା ରହିଛି ।

ଖବର ଅନୁସାରେ ବାଂଲାଦେଶରେ ସାଧାରଣ ନିର୍ବାଚନ ପରେ ଏକ ସ୍ଥିର ସରକାର କ୍ଷମତାସୀନ ହେବାପରେ ଏହି ଟୁର୍ ଅନୁଷ୍ଠିତ ହେଉ ବୋଲି ବିସିସିଆଇ ଚାହୁଁଛି ଆସନ୍ତାବର୍ଷ ପୂର୍ବରୁ ବାଂଲାଦେଶରେ ନିର୍ବାଚନ ହେବାର ସମ୍ଭାବନା ନାହିଁ ।

ସୂଚନାଯୋଗ୍ୟ, ଗତବର୍ଷ ଚାକିରିରେ ସଂରକ୍ଷଣକୁ ବିରୋଧ କରି ଅଗଷ୍ଟରେ ବାଂଲାଦେଶରେ ଛାତ୍ର ଆନ୍ଦୋଳନ ହେବାରୁ ହସିନା କ୍ଷମତାରୁ ବିତାଡ଼ିତ ହୋଇଥିଲେ । ଆୱାମି ଲିଗ୍ ସରକାର ବରଖାସ୍ତ ହେବାପରେ ହସିନା ଭାରତ ପଳାୟନ କରିଥିଲେ । ବାଂଲାଦେଶରେ ବର୍ତ୍ତମାନ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଏକ କାମଚଳା ସରକାର ଚାଲିଛି ।

ବିସିସିଆଇ ଏବଂ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) ଖୁବ୍ ଶୀଘ୍ର ଆଗାମୀ ସିରିଜ୍ ସମ୍ପର୍କରେ ଏକ ବଡ଼ ନିଷ୍ପତ୍ତି ନେଇପାରନ୍ତି ବୋଲି କୁହାଯାଉଛି ସିରିଜ୍ ବାତିଲ ନକଲେ ବି ଉଭୟ କ୍ରିକେଟ୍ ବୋର୍ଡ ଏହା ବଦଳରେ ସିରିଜ୍ ସ୍ଥଗିତ ରଖିବାକୁ ରାଜି ହୋଇପାରନ୍ତି ବିସିବି ସିରିଜ୍ ପାଇଁ ମିଡିଆ । ରାଇଟ୍ସର ବିଡିଂକୁ ମଧ୍ୟ ସ୍ଥଗିତ ରଖିଛି ପ୍ରସ୍ତାବିତ କାର୍ଯ୍ୟସୂଚୀ ଅନୁଯାୟୀ, ଭାରତ ଅଗଷ୍ଟ ୧୭ରୁ ବାଂଲାଦେଶ ଗସ୍ତରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ । ସିରିଜ୍ ଖେଳିବାର ଥିଲା ଉଭୟ ଦେଶ ଦିନିକିଆ । ସିରିଜ୍ ପରେ ୩ଟି ଟି୨୦ ମ୍ୟାଚ୍ ମଧ୍ୟ ଖେଳିଥାନ୍ତେ ।

ସୁରକ୍ଷା ଚିନ୍ତା ବ୍ୟତୀତ, ଦୁଇ ଦେଶ ମଧ୍ୟରେ ବର୍ତ୍ତମାନର ରାଜନୈତିକ ସମ୍ପର୍କ ମଧ୍ୟ କ୍ରିକେଟ ସିରିଜ ସ୍ଥଗିତ ରଖିବାର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି ବାଂଲାଦେଶ ସରକାରଙ୍କ ବର୍ତ୍ତମାନର ମୁଖ୍ୟ ମହମ୍ମଦ ୟୁନୁସ ଭାରତ ବିରୋଧରେ ଅନେକ ବୟାନ ଦେଇଛନ୍ତି ଗତ କିଛି ମାସ ମଧ୍ୟରେ, ତାଙ୍କୁ ଭାରତଠାରୁ ଦୂରେଇ ଯିବା ଏବଂ ଚୀନର ନିକଟତର ହେଉଥିବା ଦେଖାଯାଉଛି ।

# ମରେଙ୍କ ୱିମ୍ବଲଡନ୍ ଫାଇନାଲ୍ ଜର୍ସି ନିଲାମ ହେବ

ଲଣ୍ଡନ,୪।୭(ଏଜେନ୍ସି): ୨୦୧୩ ୱିମ୍ବଲଡନ୍ ବିଜୟ ବେଳେ ଇଂଲଣ୍ଡ ଟେନିସ୍ ତାରକା ଆଣ୍ଡି ମରେ ପିନ୍ଧିଥିବା ସାର୍ଟ ଭାଗ୍ୟବାନ ପ୍ରଶଂସକଙ୍କ ପାଖରେ ଖୁବ୍‌ଶୀଘ୍ର ଦେଖିବାକୁ ମିଳିବ । ୩୮ ବର୍ଷୀୟ ମରେ ୱିମ୍ବଲଡନ୍‌ରେ ୩ ଥର ବିଜେତା ହୋଇଛନ୍ତି ହେଲେ ୨୦୧୩ ଫାଇନାଲ୍ ତାଙ୍କ ପାଇଁ ସବୁଠୁ ସ୍ମରଣୀୟ ହୋଇରହିବ । ଏହି ଫାଇନାଲ୍‌ରେ ସେ ନୋଭାକ ଜୋକୋଭିକ୍‌ଙ୍କୁ ପରାସ୍ତ କରି ୭୭ ବର୍ଷ ପରେ ଗ୍ରାସ୍‌କୋର୍ଟରେ ବ୍ରିଟେନ୍‌ର ପ୍ରଥମ ପୁରୁଷ ଖେଳାଳି ଭାବେ ବିଜେତା ହେବାର ଗୌରବ ଅର୍ଜନ କରିଥିଲେ । ଉକ୍ତ ମ୍ୟାଚ୍‌ରେ ପିନ୍ଧିଥିବା ୩ଟି ଆଡିଡାସ ସାର୍ଟ ମଧ୍ୟରୁ ଗୋଟିଏକୁ ଏଜ୍ ଅଫ୍ ଟେନିସ ସହ ମିଶି ଗ୍ରାହାମ ବଡ୍ ଅକ୍‌ସନ୍ ଜୁଲାଇ ୧୩ରେ ନିଲାମ କରିବ ।

ମରେଙ୍କ ସ୍ୱାକ୍ଷର ଥିବା ଏହି ସାର୍ଟର ନିଲାମ ମୂଲ୍ୟ ୮୦୦୦ ପାଉଣ୍ଡ (ଭାରତୀୟ ମୁଦ୍ରାରେ ପ୍ରାୟ ୯,୩୨,୦୦୦ ଟଙ୍କା) ରହିଛି । ଏଥିସହ ତାଙ୍କ କ୍ୟାପ୍‌ର ନିଲାମ ମୂଲ୍ୟ ୩୫୦୦ ପାଉଣ୍ଡ (୪,୦୮,୦୦୦ ଟଙ୍କା) ରଖାଯାଇଛି । ମରେଙ୍କ ସାର୍ଟ ଓ କ୍ୟାପ୍ ସହ ୨୦୧୦ରେ ଜନ୍ ଇଜ୍‌ନର ଓ ନିକୋଲାସ ମାହୁତଙ୍କ ମଧ୍ୟରେ ହୋଇଥିବା ସବୁଠୁ ଦୀର୍ଘତମ ମ୍ୟାଚ୍‌ର ନେଟ୍ ମଧ୍ୟ ନିଲାମ ହେବ ଏହି ମ୍ୟାଚ୍ ୩ ଦିନରେ ୧୧ ଘଣ୍ଟା ୫ ମିନିଟ୍ ଖେଳାଯାଇଥିଲା ୩ ତାରକା ଖେଳାଳି ରାଫେଲ ନାଦାଲ, ରୋଜର ଫେଡ଼ରର, ଜୋକୋଭିକ୍ ଓ ମରେଙ୍କ ଅଟୋଗ୍ରାଫ୍ ଥିବା ୱିମ୍ବଲଡନ୍ ବଲ୍ ମଧ୍ୟ ୩୦୦ରୁ ୫୦୦ ପାଉଣ୍ଡ (୪୦ରୁ ୬୦ ହଜାର ଟଙ୍କା)ରେ ନିଲାମ ହେବ ।

# ପଞ୍ଚମ ଥର ପାଇଁ କାର୍ଲସେନଙ୍କୁ ହରାଇଲେ ଡି. ଗୁକେଶ

ନୂଆଦିଲ୍ଲୀ,୪।୭: ଭାରତୀୟ ଚେସ୍ ବିଶ୍ୱ ଚାମ୍ପିଅନ୍ ଡି. ଗୁକେଶ କ୍ରୋଏସିଆର ଜାଗ୍ରେବରେ ଚାଲିଥିବା ଗ୍ରାଣ୍ଡ ଚେସ୍ ଟୁର୍‌ର ସୁପରୟୁନାଇଟେଡ୍ ରାପିଡ୍ ଓ ବ୍ଲିଟଜ ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ନମ୍ବର ଓ୍ୱାନ୍ ଖେଳାଳି ମାଗନସ୍ କାର୍ଲସେନଙ୍କୁ ପୁଣିଥରେ ପରାସ୍ତ କରି ଚମକ ସୃଷ୍ଟି କରିଛନ୍ତି । ଏହା ତାଙ୍କର କ୍ରମାଗତ ପଞ୍ଚମ ବିଜୟ ଏବଂ ଦ୍ୱିତୀୟ ଦିନ ଶେଷରେ ସେ ୧୦ ପଏଣ୍ଟ ସହ ଟୁର୍ଣ୍ଣାମେଣ୍ଟରେ ଏକମାତ୍ର ଅଗ୍ରଣୀ ଭାବେ ଉଭା ହୋଇଛନ୍ତି ।




ଷଷ୍ଠ ରାଉଣ୍ଡରେ ଗୁକେଶ କଳା ଗୋଟି ନେଇ ଖେଳିଥିବା ଏହି ମୁକାବିଲାରେ କାର୍ଲସେନଙ୍କୁ ୪୯ ଚାଲରେ ପରାସ୍ତ କରିଥିଲେ । ଏହା ପୂର୍ବରୁ ନରଓ୍ୱେ ଚେସ୍ ୨୦୨୫ରେ ମଧ୍ୟ ଗୁକେଶ କାର୍ଲସେନଙ୍କୁ ହରାଇଥିଲେ, ଯାହା ତାଙ୍କ ପାଇଁ ଏକ ବଡ଼ ସଫଳତା ଥିଲା । ଏହି ବିଜୟ ଗୁକେଶଙ୍କୁ କେବଳ ଟୁର୍ଣ୍ଣାମେଣ୍ଟରେ ଆଗରେ ରଖିନାହିଁ, ବରଂ କାର୍ଲସେନଙ୍କର ପ୍ରାଧାନ୍ୟକୁ ପ୍ରଶ୍ନବାଚୀ କରିଛି, ଯେଉଁଥିପାଇଁ ଚେସ୍ ଲିଜେଣ୍ଡ ଗ୍ୟାରି କାସ୍ପାରୋଭ ମଧ୍ୟ ମନ୍ତବ୍ୟ ଦେଇଛନ୍ତି ଯେ, ଏବେ ଆମେ ମାଗନସ୍‌ଙ୍କ ଆଧିପତ୍ୟକୁ ପ୍ରଶ୍ନ କରିପାରିବା ।

ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ କାର୍ଲସେନ ଗୁକେଶଙ୍କୁ ଟୁର୍ଣ୍ଣାମେଣ୍ଟର ସମ୍ଭାବ୍ୟ ଦୁର୍ବଳ ଖେଳାଳିମାନଙ୍କ ମଧ୍ୟରୁ ଜଣେ ବୋଲି ମନ୍ତବ୍ୟ ଦେଇଥିଲେ । କିନ୍ତୁ ଗୁକେଶ ଏହି ମନ୍ତବ୍ୟର ଦମଦାର ଜବାବ ଦେଇ ପ୍ରଥମ ଦିନରେ ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଆଲିରେଜା ଫିରୋଜା ଓ ପ୍ରଜ୍ଞାନନ୍ଦଙ୍କୁ ହରାଇ କାର୍ଲସେନଙ୍କ ସହ ଯୁଗ୍ମ ଶୀର୍ଷ ସ୍ଥାନ ହାସଲ କରିଥିଲେ । ଦ୍ୱିତୀୟ ଦିନରେ ସେ କାର୍ଲସେନଙ୍କୁ ପରାସ୍ତ କରି ଏକ ୨ ପଏଣ୍ଟର ଅଗ୍ରଣୀ ପାଇଁ ଏକାକୀ ଶୀର୍ଷରେ ପହଞ୍ଚିଛନ୍ତି ।

ଏହି ବିଜୟ ଗୁକେଶଙ୍କ ରାପିଡ୍ ଓ ବ୍ଲିଟ୍ଜ ଫର୍ମାଟରେ ସାମର୍ଥ୍ୟକୁ ପ୍ରମାଣ କରିଛି, ଯେଉଁଥିରେ କାର୍ଲସେନ ପୂର୍ବରୁ ତାଙ୍କୁ ଦୁର୍ବଳ ବୋଲି ଭାବିଥିଲେ ଏହା ଗୁକେଶଙ୍କ କ୍ୟାରିଅରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ, ଯିଏକି ନିକଟରେ ନରଓ୍ୱେ ଚେସ୍‌ରେ ମଧ୍ୟ କାର୍ଲସେନଙ୍କୁ ପ୍ରଥମଥର ପାଇଁ କ୍ଲାସିକାଲ ଫର୍ମାଟରେ ହରାଇଥିଲେ ।

# ଡୁରାଣ୍ଡ କପ୍ ଟ୍ରଫି ଉନ୍ମୋଚିତ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୪।୭: ଏସିଆର ପୁରାତନ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣରେ ମୋଟ ୨୪ଟି ଦଳ ଅଂଶଗ୍ରହଣ କରିବେ । ଇଣ୍ଡିଆନ ଆର୍ମି ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟ ୫ଟି ରାଜ୍ୟରେ ଜୁଲାଇ ୨୩ରୁ ଅଗଷ୍ଟ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ବିଶ୍ୱର ଏହି ତୃତୀୟ ସର୍ବପୁରାତନ ଟୁର୍ନାମେଣ୍ଟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ ଓ ଆସାମରେ ଖେଳାଯିବ । ଶୁକ୍ରବାର ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଟୁର୍ନାମେଣ୍ଟର ଟ୍ରଫି ଉଦ୍‌ଘାଟିତ ହୋଇଯାଇଛି । ଇଭେଣ୍ଟରେ ଭାରତୀୟ ସଶସ୍ତ୍ର ବାହିନୀର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଅନିଲ ଚୌହାନ, ଚିଫ୍ ଅଫ୍ ଇଣ୍ଡିଆନ ଆର୍ମି ଉପେନ୍ଦ୍ର ଦ୍ୱିବେଦୀ, ଚିଫ୍ ଇଣ୍ଡିଆନ ଏୟାର ଫୋର୍ସ ଏୟାର ଚିଫ୍ ମାର୍ଶଲ ଅମରପ୍ରୀତ୍ ସିଂ ଓ ଚିଫ୍ ଅଫ୍ ଇଣ୍ଡିଆ । ନ୍ୟାଭି ଆଡ୍‌ମିରାଲ ଦୀନେଶ କେ. ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁ ସମ୍ବୋଧନ କରି କହିଥିଲେ, କ୍ରୀଡ଼ା ହେଉଛି ଏକ ମାଧ୍ୟମ ଯାହା ଶୃଙ୍ଖଳା, ଦୃଢ଼ ସଂକଳ୍ପ ଏବଂ ଦଳଗତ ମନୋଭାବକୁ ପ୍ରୋତ୍ସାହିତ କରିଥାଏ ଏବଂ ବିଭିନ୍ନ ଧର୍ମ, ଭାଷାଭାଷୀର ଲୋକ ଏବଂ ଦେଶକୁ ଯୋଡ଼ିବା କ୍ଷେତ୍ରରେ ସହାୟକ ହୋଇଥାଏ ।

**ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା**

# ଓଡ଼ିଶାକୁ ଆଉ ୪ ସ୍ୱର୍ଣ୍ଣ



କଟକ,୪।୭: ଯୁକ୍ତରାଷ୍ଟ୍ର ଆମେରିକାର ବର୍ମିଂହାମରେ ଆୟୋଜିତ ବିଶ୍ୱ ପୁଲିସ ଏବଂ ଅଗ୍ନିଶମ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ପୁଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଓଡ଼ିଶା ପୁଲିସର ୪ ଜଣ ଯୁବ କ୍ରୀଡ଼ାବିତ୍ ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଅର୍ଜନ କରିଛନ୍ତି । କନେଷ୍ଟବଳ ଅଶୋକ ଦଣ୍ଡସେନା ଓ ସୁସ୍ମିତା ଟିଗା ଯଥାକ୍ରମେ ପୁରୁଷ ଓ ମହିଳା ୧୫୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପୂର୍ବରୁ ଏହି ଦୁଇ ଜଣ ମଧ୍ୟ ୮୦୦ ମିଟରରେ ସ୍ୱର୍ଣ୍ଣ ଜିତିଥିଲେ ଫଳରେ ଉଭୟ ଏ ପର୍ଯ୍ୟନ୍ତ ୨ଟି ଲେଖାଏଁ ସ୍ୱର୍ଣ୍ଣ ଜିତିବାର ଗୌରବ ଅର୍ଜନ କରିଛନ୍ତି । ସେହିଭଳି କରାଟେରେ କନେଷ୍ଟବଳ ଭଗବାନ ରେଡ୍ଡୀ (୬୪ କିଲୋଗ୍ରାମରୁ କମ୍) ଏବଂ ସୁମନ ଶେଖର ଦାସ (୮୪ କିଲୋଗ୍ରାମରୁ କମ୍) ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଏହି ସ୍ୱର୍ଣ୍ଣ ବିଜେତାଙ୍କୁ ପୁଲିସ ଡିଜି ଆଇ ବି ଖୁରାନିଆ । ଅଭିନନ୍ଦନ ଜଣାଇଛନ୍ତି ।

# ବଡ କାରନାମା କଲେ ଜାଡେଜା

ବର୍ମିହାମ,୪।୭: ଭାରତୀୟ କ୍ରିକେଟ ଦଳର ଷ୍ଟାର ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ (ଡବ୍ଲୁଟିସି) ରେ ଏକ ରେକର୍ଡ ସୃଷ୍ଟି କରିଛନ୍ତି, ଯାହା ଆଜି ପର୍ଯ୍ୟନ୍ତ କୌଣସି ଖେଳାଳି କରିପାରି ନାହାଁନ୍ତି । ଇଂଲଣ୍ଡ ବିପକ୍ଷରେ ଏଜବାଷ୍ଟନ ଟେଷ୍ଟରେ ୮୯ ରନର ଏକ ଦୃଢ଼ ଇନିଂସ ଖେଳିବା ପରେ, ଜାଡେଜା ରେ ଅନେକ ରେକର୍ଡ ସୃଷ୍ଟି କରିଛନ୍ତି । ଜାଡେଜା ତାଙ୍କର ୪୧ତମ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ମ୍ୟାଚରେ ଏହି ସଫଳତା ହାସଲ କରିଛନ୍ତି ଏବଂ ଏହି ମାଇଲଖୁଣ୍ଟରେ ପହଞ୍ଚିଥିବା ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି । ଇଂଲଣ୍ଡ ବିପକ୍ଷରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚରେ, ଜାଡେଜା ୮୯ ରନ କରି ରେ ୨୦୦୦ ରନ ଏବଂ ୧୦୦ରୁ ଅଧିକ ଉଇକେଟ ନେବାର ବିଶ୍ୱ ରେକର୍ଡ କରିଛନ୍ତି । ରବିନ୍ଦ୍ର ଜାଡେଜାଙ୍କ ଏପର୍ଯ୍ୟନ୍ତର ପରିସଂଖ୍ୟାନ ତାଙ୍କୁ ଟେଷ୍ଟ କ୍ରିକେଟର ସର୍ବୋତ୍ତମ ଅଲରାଉଣ୍ଡରମାନଙ୍କ ମଧ୍ୟରୁ ଜଣେ କରିଥାଏ ।

ମୋଟ ରନ ୨୦୦୦ ରୁ ଅଧିକ

**ମୋଟ ଉଇକେଟ ୧୩୨**



ଶତକ ୩
ଅର୍ଦ୍ଧଶତକ ୧୩
୫ ଉଇକେଟ ୬ ଥର
୪ ଉଇକେଟ ୬ ଥର

ଏହି ସଂଖ୍ୟା ସହିତ, ଜାଡେଜା ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ସବୁଠାରୁ ପ୍ରଭାବଶାଳୀ ଅଲରାଉଣ୍ଡର ପ୍ରମାଣିତ ହୋଇଛନ୍ତି ।

ଏଜବାଷ୍ଟନ ଗ୍ରାଉଣ୍ଡ ଜାଡେଜା ପାଇଁ ସର୍ବଦା ସ୍ୱତନ୍ତ୍ର ରହିଛି । ୨୦୨୨ରେ ମଧ୍ୟ, ସେ ଏହି ଗ୍ରାଉଣ୍ଡରେ ଏକ ଶତକ ହାସଲ କରିଥିଲେ ଏବଂ ରିଷଭ ପନ୍ତଙ୍କ ସହିତ ୨୨୨ ରନର ଭାଗୀଦାରି କରିଥିଲେ । ଏଥର ସେ ଗିଲ ସହିତ ୨୦୩ ରନର ଭାଗୀଦାରି କରିଥିଲେ ।

ଭାରତୀୟ ଦଳର ପ୍ରଥମ ଇନିଂସରେ ଯେତେବେଳେ ୫ଟି ୱିକେଟ ୨୧୧ ରନରେ ପଡ଼ିଥିଲା, ଜାଡେଜା ଶୁଭମନ ଗିଲ ସହିତ ଦାୟିତ୍ୱ ନେଇଥିଲେ । ଉଭୟ ଷଷ୍ଠ ଉଇକେଟ ପାଇଁ ୨୦୩ ରନର ଭାଗୀଦାରି କରିଥିଲେ ଏବଂ ଦଳକୁ ଏକ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ । ଜାଡେଜା ୮୯ ରନର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ପୁଣି ଥରେ ଦେଖାଇଥିଲେ ଯେ ଏଜବାଷ୍ଟନ ତାଙ୍କର ପ୍ରିୟ ପଡ଼ିଆ । ଏବେ ଜାଡେଜା ତାଙ୍କ ବୋଲିଂରେ ମଧ୍ୟ ନିଜର ଯାଦୁ ଦେଖାଇବାକୁ ଚେଷ୍ଟା କରିବେ । ଏବଂ ଏଜବାଷ୍ଟନରେ ଭାରତକୁ ଏକ ଐତିହାସିକ ବିଜୟ ଦେବେ ।

# ଭଉଣୀଙ୍କ ପାଇଁ ବଦଳି ଯାଇଥିଲା ହରଭଜନଙ୍କ ଭାଗ୍ୟ

ନୂଆଦିଲ୍ଲୀ,୪।୭: ଭାରତୀୟ ଦଳର ପୂର୍ବତନ ସ୍ପିନର ହରଭଜନ ସିଂହ ଜୁଲାଇ ୩ ରେ ୪୫ ବର୍ଷ ବୟସରେ ପଦାର୍ପଣ କରିଛନ୍ତି । ଭାରତ ପାଇଁ ଟେଷ୍ଟରେ ହ୍ୟାଟ୍ରିକ ନେଇଥିବା ଭଜ୍ଜୀ ୨୦୦୧ ରେ ଭାରତରେ ଅଷ୍ଟ୍ରେଲିଆର ବିଜୟ ଧାରା ବନ୍ଦ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ । କ୍ରିକେଟରୁ ଅବସର ନେବା ପରେ, ହରଭଜନ ସିଂହ ଏବେ କମେଣ୍ଟ୍ରି କରୁଛନ୍ତି ।

୨୦୦୧ ରେ ଅଷ୍ଟ୍ରେଲିଆ ଦଳର କ୍ରମାଗତ ୧୫ ଟେଷ୍ଟ ମ୍ୟାଚ ଜିତିବା ଧାରା ବନ୍ଦ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ହରଭଜନ ସିଂହ ଏବେ ୪୫ ବର୍ଷ ବୟସରେ ଅଷ୍ଟ୍ରେଲିଆ ବିପକ୍ଷରେ ସେହି ତିନିଟି ଟେଷ୍ଟ ସିରିଜରେ, ହରଭଜନ ସିଂହ ହ୍ୟାଟ୍ରିକ ସହିତ ମୋଟ ୩୨ ଉଇକେଟ ନେଇଥିଲେ କିନ୍ତୁ, ଏପରି ଏକ ସମୟ ଆସିଥିଲା । ଯେତେବେଳେ ହରଭଜନ ସିଂହ କ୍ରିକେଟ ଛାଡିବାକୁ ନିଷ୍ପତ୍ତି ନେଇଥିଲେ । ୧୯୯୮ ରେ ଅଷ୍ଟ୍ରେଲିଆ ବିପକ୍ଷରେ ଅନ୍ତର୍ଜାତୀୟ କ୍ରିକେଟ ଡେବ୍ୟୁ କରିଥିବା ହରଭଜନଙ୍କୁ ଦେଢ଼ ବର୍ଷ ମଧ୍ୟରେ ଭାରତୀୟ ଦଳରୁ ବାହାର କରିଦିଆଯାଇଥିଲା । ଏହି ସମୟରେ ତାଙ୍କ ପିତାଙ୍କ ଦେହାନ୍ତ ହୋଇଥିଲା ଏହା ପରେ, ପରିବାରର ପେଟ ପୋଷିବା ପାଇଁ, ହରଭଜନ କ୍ରିକେଟ ଛାଡି ଟ୍ରକ ଡ୍ରାଇଭର ହେବାକୁ ନିଷ୍ପତ୍ତି ନେଇଥିଲେ, କିନ୍ତୁ ତାଙ୍କ ବଡ଼ ଭଉଣୀ ତାଙ୍କୁ ଏପରି କରିବାରୁ ବାରଣ କରିଥିଲେ ଏବଂ କ୍ରିକେଟ ଉପରେ ଧ୍ୟାନ ଦେବାକୁ କହିଥିଲେ । ଏହା ପରେ ଭଜ୍ଜୀଙ୍କ ଭାଗ୍ୟ ବଦଳି ଯାଇଥିଲା ।



ଏହା ପରେ, ସେ ୨୦୦୦ ମସିହାରେ ଘରୋଇ କ୍ରିକେଟରେ ଚମତ୍କାର ପ୍ରଦର୍ଶନ କରିଥିଲେ । ସେ ୫ଟି ମ୍ୟାଚ୍‌ରେ ୨୮ଟି ୱିକେଟ ନେଇ ଟିମ ଇଣ୍ଡିଆରେ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହା ପରେ ହରଭଜନ ସିଂହ ପଛକୁ ଫେରି ଚାହିଁ ନ ଥିଲେ ସେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଇତିହାସ ସୃଷ୍ଟି କରିଥିଲେ । ଅଷ୍ଟ୍ରେଲିଆ ବିପକ୍ଷ ତିନିଟିକିଆ ଟେଷ୍ଟ ସିରିଜ୍‌ରେ ହ୍ୟାଟ୍ରିକ ସହିତ ମୋଟ ୩୨ଟି ୱିକେଟ ନେଇ ଦଳରେ ନିଜର ସ୍ଥାନ ନିଶ୍ଚିତ କରିଥିଲେ ।

୨୦୦୧ ମସିହାରେ, ଅଷ୍ଟ୍ରେଲିଆ ଦଳ ଲଗାତାର ୧୫ଟି ଟେଷ୍ଟ ମ୍ୟାଚ ଜିତିବା ପରେ ଭାରତ ଆସିଥିଲା । ଏହି ସିରିଜରେ ହରଭଜନଙ୍କୁ ଅନିଲ କୁମ୍ବଲେଙ୍କ ସ୍ଥାନରେ ଖେଳିବାର ସୁଯୋଗ ମିଳିଥିଲା ଟେଷ୍ଟ ସିରିଜ୍ର ପ୍ରଥମ ମ୍ୟାଚ୍ରେ ଭାରତକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା । ଏଥିରେ ହରଭଜନ ୪ଟି ଉଇକେଟ ନେଇଥିଲେ, କିନ୍ତୁ ବାକି ଦୁଇଟି ମ୍ୟାଚ୍‌ରେ ଭଜ୍ଜି ବିପର୍ଯ୍ୟୟ ସୃଷ୍ଟି କରିଥିଲେ । ସେ ହ୍ୟାଟ୍ରିକ ସହିତ ମୋଟ ୨୮ଟି ଉଇକେଟ ନେଇଥିଲେ, ଯାହା ଫଳରେ ଟିମ ଇଣ୍ଡିଆ ଅଷ୍ଟ୍ରେଲିଆକୁ ୨-୧ରେ ପରାସ୍ତ କରିଥିଲା ଏବଂ ଏହାର ବିଜୟ ଅଭିଯାନ ବନ୍ଦ କରି ଦେଇଥିଲା । ହରଭଜନ ସିଂହ ଭାରତ ପାଇଁ ୧୦୩ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି । ଏଥିରେ ସେ ୪୧୭ଟି ଉଇକେଟ ନେଇଛନ୍ତି । ଏହା ବ୍ୟତୀତ ସେ ଟେଷ୍ଟ କ୍ରିକେଟରେ ଦୁଇଟି ଶତକ ଏବଂ ୯ ଅର୍ଦ୍ଧଶତକ ମଧ୍ୟ ମାରିଛନ୍ତି । ଏହି ସମୟ ମଧ୍ୟରେ ସେ ୨୨୨୪ ରନ କରିଛନ୍ତି । ଭଜ୍ଜୀ ୨୩୬ ଦିନିକିଆରେ ୨୬୯ ଉଇକେଟ ନେଇଛନ୍ତି, ଯେତେବେଳେ ସେ ୨୮ ଟି ୨୦ ମ୍ୟାଚରେ ୨୫ ଉଇକେଟ ନେଇଛନ୍ତି । ଏହା ବ୍ୟତୀତ ସେ ରେ ୧୬୩ ମ୍ୟାଚ ଖେଳିଛନ୍ତି ଏଥିରେ ସେ ୧୫୦ ଉଇକେଟ ନେଇଛନ୍ତି । ସେ ୧୯୯୮ ରୁ ୨୦୧୬ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟ ଖେଳିଛନ୍ତି ।

ଭାରତର ଟର୍ବିନେଟର କୁହାଯାଉଥିବା ହରଭଜନ ସିଂହଙ୍କ ସମ୍ପତ୍ତି ବିଷୟରେ କହିବାକୁ ଗଲେ, ଏହା ୮୩ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି ଭଜ୍ଜୀ ଦୀର୍ଘ ସମୟ ଧରି ଭାରତୀୟ କ୍ରିକେଟ ଦଳର ଅଂଶ ଥିଲେ ବିସିସିଆଇ ଏବଂ ର ଗ୍ରେଡ-ଏ ଚୁକ୍ତିନାମାରେ ସାମିଲ ଥିଲେ । ସେ ବିସିସିଆଇ ରୁ ପ୍ରତିବର୍ଷ ୪୦-୫୦ ଲକ୍ଷ ଟଙ୍କା ରୋଜଗାର କରୁଥିଲେ ହରଭଜନ ସିଂହଙ୍କ ବାର୍ଷିକ ଆୟ ୬ କୋଟି ଟଙ୍କାରୁ ଅଧିକ ବୋଲି କୁହାଯାଏ । ତାଙ୍କର ଅନେକ ବିଳାସପୂର୍ଣ୍ଣ କାର ଅଛି ତାଙ୍କର ଜଲନ୍ଧରରେ ଏକ ବିଳାସପୂର୍ଣ୍ଣ ବଙ୍ଗଳା ମଧ୍ୟ ଅଛି, ଯେଉଁଠାରେ ସେ ତାଙ୍କ ପରିବାର ସହିତ ରୁହନ୍ତି ଏହା ବ୍ୟତୀତ ତାଙ୍କର ମୁମ୍ବାଇରେ ଏକ ଘର ମଧ୍ୟ ଅଛି ସେ ଚଳଚ୍ଚିତ୍ର ଅଭିନେତ୍ରୀ ଗୀତା ବାସରାଙ୍କୁ ବିବାହ କରିଛନ୍ତି ।

# ଗିଲଙ୍କ ଉପରେ ଟଙ୍କା ବର୍ଷା

ନୂଆଦିଲ୍ଲୀ,୪।୭: ଏଜବାଷ୍ଟନ ଟେଷ୍ଟର ପ୍ରଥମ ଇନିଂସରେ ଶୁଭମନ ଗିଲ ତାଙ୍କ କ୍ୟାରିୟରର ଏକ ଅବିସ୍ମରଣୀୟ ଇନିଂସ ଖେଳିଥିଲେ ଗିଲ ପ୍ରଥମ ଥର ପାଇଁ ଟେଷ୍ଟ କ୍ରିକେଟରେ ଦ୍ୱିଶତକ ହାସଲ କରିଥିଲେ ଏବଂ ୨୬୯ ରନ କରିଥିଲେ ଗିଲ ଏହି ଇନିଂସ ସହିତ ଅନେକ ରେକର୍ଡ ଭାଙ୍ଗିଥିଲେ ଭାରତୀୟ ଅଧିନାୟକ ଏହି ଇନିଂସ ପାଇଁ ଏକ ସ୍ୱତନ୍ତ୍ର ପୁରସ୍କାର ମଧ୍ୟ ପାଇବେ ପ୍ରତ୍ୟେକ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରୁଥିବା ଖେଳାଳିମାନଙ୍କୁ ବିସିସିଆଇ ବୋନସ ଦେଇଥାଏ, ଏପରି ପରିସ୍ଥିତିରେ ବିସିସିଆଇ ଦ୍ୱିଶତକ ହାସଲ କରିବା ପାଇଁ ଶୁଭମନ ଗିଲଙ୍କୁ ଟଙ୍କା ମଧ୍ୟ ଦେବ ।

ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ବୋର୍ଡ ବିସିସିଆଇ କେବଳ ତାର ଖେଳାଳିମାନଙ୍କୁ ମ୍ୟାଚ ଫିସ ଦେଇନଥାଏ ଏହି ବୋର୍ଡ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରୁଥିବା ଖେଳାଳିମାନଙ୍କୁ ମଧ୍ୟ ବୋନସ ଦେଇଥାଏ ବିସିସିଆଇ ଶତକ ହାସଲ କରୁଥିବା ଖେଳାଳିମାନଙ୍କୁ ୫ ଲକ୍ଷ ଟଙ୍କା ବୋନସ ଦେଇଥାଏ, ଯେତେବେଳେ ଖେଳାଳିମାନେ ଦ୍ୱିଶତକ ହାସଲ କରନ୍ତି, ତେବେ ଏହି ପରିମାଣ ୭ ଲକ୍ଷ ଟଙ୍କା ହୋଇଯାଏ ଅର୍ଥାତ ଶୁଭମନ ଗିଲ ଦ୍ୱିଶତକ ପାଇଁ ୭ ଲକ୍ଷ ଟଙ୍କା ପାଇବେ । ଯଦି ସେ ତ୍ରିଶତକ ହାସଲ କରିଥାନ୍ତେ, ତେବେ ଏହି ଖେଳାଳିଙ୍କୁ ମଧ୍ୟ ୧୦ ଲକ୍ଷ ଟଙ୍କା ମିଳିଥାନ୍ତା । ତେବେ ଯଦି ଜଣେ ବୋଲର ଗୋଟିଏ ଟେଷ୍ଟରେ ପାଞ୍ଚଟି ଓ୍ୱିକେଟ ନିଅନ୍ତି, ତେବେ ତାଙ୍କୁ ୫ ଲକ୍ଷ ଟଙ୍କା ମଧ୍ୟ ଦିଆଯାଏ ।



ବ୍ରମିଂହାମରେ ଶୁଭମନ ଗିଲ ଏଜବାଷ୍ଟନ ଟେଷ୍ଟରେ ଅନେକ ରେକର୍ଡ ଭାଙ୍ଗିଛନ୍ତି । ସେ ଇଂଲଣ୍ଡରେ ସବୁଠାରୁ ବଡ଼ ଇନିଂସ ଖେଳିଥିବା ଭାରତୀୟ ହୋଇଥିଲେ । ସେ ଟେଷ୍ଟ କ୍ରିକେଟରେ ଏସିଆ । ବାହାରେ ୨୫୦ ରୁ ଅଧିକ ରନର ଇନିଂସ ଖେଳିଥିବା ପ୍ରଥମ ଭାରତୀୟ । ସେ ଜଣେ ଭାରତୀୟ ଅଧିନାୟକ ଭାବରେ ସବୁଠାରୁ ବଡ଼ ଟେଷ୍ଟ ଇନିଂସ ଖେଳିଥିବା ଖେଳାଳି ମଧ୍ୟ ହୋଇଥିଲେ । କେବଳ ଏତିକି ନୁହେଁ, ସେ ସେନା ଦେଶଗୁଡ଼ିକରେ ଦ୍ୱିଶତକ ହାସଲ କରିଥିବା ପ୍ରଥମ ଏସୀୟ ଅଧିନାୟକ ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ